CLASS - 3

SEMESTER - 1

(ENGLISH-ODIA VERSION)

S. No.	SUBJECT	Page No.
1.	MATHS - MATHS MAGIC	1 - 128
2.	EVS - OUR WONDERFUL WORLD	129 - 281

AP SCERT

© Government of Andhra Pradesh, Amaravati

First Published 2020

New Impression - 2021, 2022, 2023, 2024, 2025, 2026

DISCLAIMER

Any form of copying of the content, information and illustrations from this textbook is a punishable offence.

All rights reserved

No part of this publication may be reproduced, stored in a retrieval system, or transmitted, in any form or by any means without the prior permission in writing of the publisher, nor be otherwise circulated in any form of binding or cover other than that in which it is published. Without a similar condition including this condition being imposed on the subsequent purchaser. The copyright holder of this book is the Commissioner of School Education, Amaravati, Andhra Pradesh.

This book has been printed on 70 GSM SS Maplitho, Title Page 220 GSM, White Art Card.

Published by Samagra Shiksha & SCERT - Government of Andhra Pradesh, Amaravati.

Pledge | ଶପଥ

India is my country. All Indians are my brothers and sisters.
I love my country and I am proud of its rich and varied heritage.
I shall always strive to be worthy of it.
I shall give my parents, teachers and all elders respect,
and treat everyone with courtesy. I shall be kind to animals.
To my country and my people, I pledge my devotion.
In their well-being and prosperity alone lies my happiness.

- Pydimarri Venkata Subba Rao

ଭାରତ ମୋର ମାତୃଭୂମି । ସମସ୍ତ ଭାରତୀୟ ମୋର ଭାଇ ଓ ଭଉଣୀ ।
ମୁଁ ମୋ ଦେଶକୁ ଭଲପାଏ ଏବଂ ଏହାର ଐଶ୍ୱର୍ଯ୍ୟପୂର୍ଣ୍ଣ ନାନାବିଧ ପରମ୍ପରା ପାଇଁ ମୁଁ ଗର୍ବିତ ।
ମୁଁ ଏହାର ଯୋଗ୍ୟ ସନ୍ତାନ ହେବା ପାଇଁ ସର୍ବଦା ଚେଷ୍ଟା କରିବି ।
ମୁଁ ମୋର ପିତାମାତା, ଗୁରୁ ଏବଂ ସମସ୍ତ ଗୁରୁଜନଙ୍କୁ ସମ୍ମାନ ଦେଖାଇବି ଓ
ସମସ୍ତଙ୍କୁ ଭଦ୍ର ବ୍ୟବହାର ଦେଖାଇବି । ମୁଁ ପ୍ରାଣୀମାନଙ୍କ ପ୍ରତି ସଦୟ ରହିବି ।
ମୋ ଦେଶ ଓ ଦେଶବାସୀଙ୍କ ସେବା କରିବା ପାଇଁ ମୁଁ ଶପଥ ନେଉଅଛି ।
ସେମାନଙ୍କର ମଙ୍ଗଳ ଓ ଉନ୍ନତିରେ ହିଁ ମୋର ସୁଖ ନିହିତ ।

– ପାଇଡ଼ିମାରି ଭେଙ୍କାଟା ସୁବ୍ବାରାଓ

National Education Policy 2020

This textbook is designed in alignment with the National Education Policy (NEP) 2020 and the National Curriculum Framework for School Education (NCF-SE) 2023, highlighting the vision and goals of Mathematics education. "Mathematics is the study of numbers, shapes, patterns and relationships that help us understand the world around us. We use Mathematics in our daily life while counting, shopping, cooking, playing games and observing nature. As envisioned in NEP 2020, Mathematics education focuses on developing basic numeracy, logical thinking, problem-solving skills and mathematical intuition. It encourages children to observe patterns, think clearly, explain their ideas, and make correct decisions. When Mathematics is taught in a joyful and activity-based way, it creates curiosity, wonder and confidence in children and helps them develop a lifelong love for learning and applying Mathematics in real-life situations.

AP SCERT

Maths Magic

ଗଣିତ କୁହୁକ

Class (ଶ୍ରେଣୀ) - 3

Semester (ସେମିଷ୍ଟର) - 1

Unit No. ପାଠ ସଂଖ୍ୟା	Name of the Unit ଅଧ୍ୟାୟ	Month ମାସ	Pages ପୃଷ୍ଠା
	Readiness ପ୍ରସ୍ତୁତି କାର୍ଯ୍ୟକ୍ରମ	June ଜୁନ୍	
1.	Numbers ସଂଖ୍ୟା	July ଜୁଲାଇ	2-43
2.	Addition ଯୋଗ	August ଅଗଷ୍ଟ	44-69
3.	Subtraction ବିୟୋଗ	September ସେପ୍ଟେମ୍ବର	70-95
4.	Multiplication ଗୁଣନ	October ଅକ୍ଟୋବର	96-127
	Mind Map		128

AP SCERT

W1K5D6
Teacher corner

M4W5Z7
Student corner

ଅଧ୍ୟାୟ 1

ସଂଖ୍ୟା

Q4U1B4


ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ:

- 9999 ପର୍ଯ୍ୟନ୍ତ ଥିବା 4-ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକର ପ୍ରକୃତ ମୂଲ୍ୟ ଓ ସ୍ଥାନୀୟ ମୂଲ୍ୟ ଚିହ୍ନଟ କରିପାରିବେ ଓ ଲେଖିପାରିବେ । (CG-1)
- 9999 ପର୍ଯ୍ୟନ୍ତ ସମସ୍ତ 4-ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ବିସ୍ତାରିତ ରୂପ ଓ ସଂକ୍ଷିପ୍ତ ରୂପରେ ଲେଖିପାରିବେ । (CG-1)
- ଦୁଇଟି 4-ଅଙ୍କ ବିଶିଷ୍ଟ ସଂଖ୍ୟାକୁ (<, =, >) ଚିହ୍ନ ଦ୍ୱାରା ତୁଳନା କରିପାରିବେ । (CG-1)
- ଦିଆଯାଇଥିବା 4-ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ଆରୋହଣ ଓ ଅବରୋହଣ କ୍ରମରେ ସଜାଇ ଲେଖିପାରିବେ । (CG-1)
- ସଂଖ୍ୟାଗୁଡ଼ିକୁ ନିକଟତମ ହଜାରକୁ ସଂଶୋଧନ କରିପାରିବେ । (CG-1)

ଚିତ୍ରଟିକୁ ଅନୁଧ୍ୟାନ କର:

ବିନ୍ଦୁ, ତାଙ୍କ ମା ସହିତ ମିଶି ଗୋଟିଏ ଗୃହ ଉପକରଣ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ରକୁ ଯାଇଥିଲା । ସେମାନେ କିଛି ଜିନିଷ କିଣିବାକୁ ଇଚ୍ଛା କଲେ । ସେଠାରେ ଥିବା ଜିନିଷ ଓ ସେଗୁଡ଼ିକର ମୂଲ୍ୟ ସୂଚୀକୁ ଅନୁଧ୍ୟାନ କର ।

ବିନ୍ଦୁ ସେହି ଜିନିଷଗୁଡ଼ିକର ମୂଲ୍ୟକୁ ପଢ଼ିବାକୁ ଚାହିଁଲା । ତାକୁ ତୁମେ ସାହାଯ୍ୟ କର ।



1. ସେହି ବିକ୍ରୟ କେନ୍ଦ୍ରରେ ତୁମେ ଲକ୍ଷ୍ୟ କରିଥିବା 3ଟି ଜିନିଷର ନାମ କୁହ ।
2. ମିକ୍ସେର୍ ଗ୍ରାଇଣ୍ଡେର୍‌ର ଦାମ କେତେ ?
3. କେଟଲିର ଦାମ କେତେ ?
4. ଗ୍ୟାସ୍ ଷ୍ଟୋଭ୍‌ର ଦାମ କେତେ ?
5. ରେଫ୍ରିଜରେଟରର ଦାମ କେତେ ?





ଏହାକର

ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ଅକ୍ଷରରେ ଲେଖ :


କ୍ର.ସଂ.	ଜିନିଷ	ଦାମ	ଅକ୍ଷରରେ
1	ମିକ୍ସେର୍ ଗ୍ରାଇଣ୍ଡେର୍	₹ 795	
2	ଗ୍ୟାସ୍ ଷ୍ଟୋଭ୍	₹ 999	
3	କେଟଲି	₹ 230	
4	ରେଫ୍ରିଜରେଟର୍	₹ 8925	

APSCERT

ଆସ 4-ଅଙ୍କ ବିଶିଷ୍ଟ ସଂଖ୍ୟା ବିଷୟରେ ଜାଣିବା:

9 ରୁ 10 ଏବଂ 99 ରୁ 100 କିପରି ପାଇବ। ଆସ ମନେପକାଇବା । 9 ରେ 1 ଯୋଗକରି 10 ଏବଂ 99 ରେ 1 ଯୋଗକରି 100 ପାଉ । 999 ରେ 1 ଯୋଗକଲେ କେତେ ପାଇବ। ?
1000ରେ କେତୋଟି ଶହ ରହିଛି ?

9 + 1 = 10	; 2-ଅଙ୍କ ବିଶିଷ୍ଟ ସଂଖ୍ୟା।
99 + 1 = 100	; 3-ଅଙ୍କ ବିଶିଷ୍ଟ ସଂଖ୍ୟା।
999 + 1 = 1000	; 4-ଅଙ୍କ ବିଶିଷ୍ଟ ସଂଖ୍ୟା।



9 ଶହ + 1 ଶହ = ଦଶ ଶହ = ଏକ ହଜାର

10 ଟି ଶହରେ 1 ହଜାର ହୁଏ ।

ଆମେ ଏକ ହଜାରକୁ 1000 ରୂପେ ଲେଖୁ ।

ସେହିପରି, ଆମେ 999 ରେ 1 ଯୋଗକରି 1000 ପାଉ ।



AP SCERT


ଆମ ଚାରିପାଖେ ଥିବା 1000

ସହସ୍ର ସ୍ତମ୍ଭାଳୟ, ଯାହାକୁ ଶ୍ରୀ ରୁଦ୍ରେଶ୍ୱର ସ୍ୱାମୀ ମନ୍ଦିର ବୋଲି ମଧ୍ୟ କୁହାଯାଏ । ଏହା ଭାରତ ଦେଶର ତେଲାଙ୍ଗାଣା ରାଜ୍ୟର ୱାରାଙ୍ଗଲ୍ ନିକଟସ୍ଥ ହନ୍‌ମାକୋଣ୍ଡାରେ ଅବସ୍ଥିତ ଏକ ଐତିହାସିକ ହିନ୍ଦୁ ମନ୍ଦିର ଅଟେ । କାକତୀୟ ରାଜବଂଶର ରାଜା ରୁଦ୍ରଦେବଙ୍କ ସମୟରେ ଏହି ମନ୍ଦିର କାକତୀୟ ସ୍ଥାପତ୍ୟ ଏକ ଚମତ୍କାର ଉଦାହରଣ, ଏହା 1163 ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ।



ତୁମେ ଜାଣ କି ?

1900 ମସିହାର ପ୍ରାରମ୍ଭରେ ଭାରତୀୟ ଗଣ୍ଡାର ସଂଖ୍ୟା ପ୍ରାୟ ବିଲୁପ୍ତ ହେବାକୁ ବସିଥିଲା, କେବଳ 200 ଗଣ୍ଡା ବଳକା ଥିଲା । ସାମ୍ପ୍ରତିକ ପ୍ରୟାସ ଦ୍ୱାରା ପ୍ରାୟ 4000 (ଚାରି ହଜାର) ଗଣ୍ଡା ରହିଛି । ଏହାର ଓଜନ 1800 କିଲୋଗ୍ରାମ (ଏକ ହଜାର ଆଠଶହ) ଠାରୁ 2700 (ଦୁଇ ହଜାର ସାତଶହ) କିଲୋଗ୍ରାମ ମଧ୍ୟରେ ପ୍ରାୟ 2 ମିଟର ଉଚ୍ଚତା ଏବଂ 3 ମିଟର ଅଧିକ ଲମ୍ବା ଥାଏ । ଭାରତୀୟ ଗଣ୍ଡା ହେଉଛି ଆସାମ୍ ରାଷ୍ଟ୍ରୀୟ ପଶୁ ।



ମୋ ଦେଶ

"ଭାରତ ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଶିଷ୍ଟ ଦେଶ ଅଟେ । ଏହି ଦେଶରେ 788 ଟି ଜିଲ୍ଲା ରହିଛି । ଏହି ଜିଲ୍ଲାଗୁଡ଼ିକ ପ୍ରାୟ ଛଅ ଲକ୍ଷ ଗାଁରେ ବିଭକ୍ତ ପ୍ରତ୍ୟେକଟିର ନିଜସ୍ୱ ପରମ୍ପରା ଏବଂ ସଂସ୍କୃତି ରହିଛି । ଭାରତ ଦେଶର ତିନି ପାର୍ଶ୍ୱରେ 7500 କିଲୋମିଟର (ସାତ ହଜାର ପାଞ୍ଚଶହ) ରୁ ଅଧିକ ଉପକୂଳ ଅଞ୍ଚଳ ରହିଛି । ଆମ ଦେଶର ଇତିହାସ 5000 ବର୍ଷ (ପାଞ୍ଚ ହଜାର) ପୂର୍ବର ଏବଂ ଆମେ 1000 ରୁ ଅଧିକ ପର୍ବ ପର୍ବାଣୀ ପାଳନ କରୁ ।

AP SCERT

ନିମ୍ନ ଲିଖିତ ପରିସ୍ଥିତି ପାଇଁ ସବୁଠାରୁ ଉପଯୁକ୍ତ ସଂଖ୍ୟାଗୁଡ଼ିକର ପରିସର ଚିହ୍ନଟ କର । ତୁମ ଚିନ୍ତାଧାରାକୁ ପ୍ରକାଶ କର ।

ତୁମ ଗ୍ରାମରେ ଥିବା ପିଲାମାନଙ୍କ ସଂଖ୍ୟା	କେବଳ 1	ତୁମ ଶ୍ରେଣୀ ଗୃହରେ ଥିବା ବହି ସଂଖ୍ୟା
ତୁମ ବିଦ୍ୟାଳୟରେ ଥିବା ଶିକ୍ଷକମାନଙ୍କ ସଂଖ୍ୟା	2 ରୁ 5	ତୁମ ଶ୍ରେଣୀ ଗୃହରେ ଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା
ତୁମ ଶ୍ରେଣୀ ଗୃହରେ ଥିବା ଟେବୁଲ୍ ସଂଖ୍ୟା	10 ରୁ 50	ଇଟା ଭାଟିରେ ଥିବା ଇଟା ସଂଖ୍ୟା
	50 ରୁ100	
ତୁମ ପାଠାଗାରରେ ଥିବା ବହି ସଂଖ୍ୟା	100 ରୁ 200	ଏକ ପୃଷ୍ଠାରେ ଥିବା ଅକ୍ଷର ସଂଖ୍ୟା
ତୁମ ଗ୍ରାମରେ ଥିବା ଘର ସଂଖ୍ୟା	200 ରୁ 500	ତୁମ ବିଦ୍ୟାଳୟରେ ଥିବା ପିଲାମାନଙ୍କ ସଂଖ୍ୟା
ତୁମ ଗଣିତ ପାଠ୍ୟ ବହିର ପୃଷ୍ଠା ସଂଖ୍ୟା	500 ରୁ 1000	ତୁମ ବିଦ୍ୟାଳୟରେ ଥିବା ବାଳିକାଙ୍କ ସଂଖ୍ୟା
ତୁମ ଗ୍ରାମରେ ଥିବା ସଚିବାଳୟ ସଂଖ୍ୟା	1000 ରୁ ଅଧିକ	ବିଦ୍ୟାଳୟରେ ପହଞ୍ଚିବା ପାଇଁ ପାଦ ସଂଖ୍ୟା

APSCERT


ତୁମ ଚାରିପାଖରେ ଥିବା ଜିନିଷଗୁଡ଼ିକୁ ଚିହ୍ନଟ କର ଯାହା ସଂଖ୍ୟାରେ ହଜାରରୁ ଅଧିକ ।

_____

_____

_____

ଏହାକୁ ଏକ ହଜାର କରିବା ପାଇଁ , କେତେ ଯୋଗ କରିବାକୁ ହେବ ?



କ) ଆମେ 900 ଠାରେ ଅଛୁ । 1000 କୁ ପାଇବା ପାଇଁ ଆଉ କେତେ ଦରକାର ?

900+_____ = 1000

ଖ) 800 କୁ ଚିହ୍ନଟ କର । 1000 କୁ ପାଇବା ପାଇଁ ଆଉ କେତେ ଦରକାର ?

800+_____ = 1000

ଗ) 850 କୁ ଚିହ୍ନଟ କର । 1000 କୁ ପାଇବା ପାଇଁ ଆଉ କେତେ ଦରକାର ?

850+_____ = 1000


ଘ) 760 କୁ ଚିହ୍ନଟ କର । 1000 କୁ ପାଇବା ପାଇଁ ଆଉ କେତେ ଦରକାର ?


760+_____ = 1000

ଙ) 400 କୁ ଚିହ୍ନଟ କର । 1000 ଅପେକ୍ଷା 400 କେତେ କମ୍ ?

1000–_____ =400

ଚ) 1000 କୁ ପାଇବା ପାଇଁ ଯୋଗକ୍ରିୟାଗୁଡ଼ିକୁ ପୂରଣ କର ।


















AP SCERT



1000 ଗୁଡ଼ିକର ଉପସ୍ଥାପନା:

ନିମ୍ନଗୁଡ଼ିକୁ ଅନୁଧ୍ୟାନ କର ।



ବ୍ଲକ୍‌ରେ ପ୍ରତିନିଧିତ୍ୱ କରୁଥିବା ସଂଖ୍ୟା	ସଂଖ୍ୟା ଏବଂ ଅକ୍ଷରରେ ସଂଖ୍ୟା	ଆବାକାସ୍‌ରେ ଦର୍ଶାଯାଇଥିବା ସଂଖ୍ୟା
	1,000 ଏକ ହଜାର	
	2,000 ଦୁଇ ହଜାର	
	3,000 ତିନି ହଜାର	
	4,000 ଚାରି ହଜାର	
	5,000 ପାଞ୍ଚ ହଜାର	
	6,000 ଛଅ ହଜାର	
	7,000 ସାତ ହଜାର	
	8,000 ଆଠ ହଜାର	
	9,000 ନଅ ହଜାର	

AP SCERT




ଚାରିଅଙ୍କ ବିଶିଷ୍ଟ ସଂଖ୍ୟାର ଉପସ୍ଥାପନା:

				2453	
2 ହଜାର	4 ଶହ	5 ଦଶ	3 ଏକ		2453

2453 କୁ ଆମେ ଦୁଇ ହଜାର ଚାରିଶହ ତେପନ ବୋଲି ପଢ଼ିଥାଉ ।

				3406	
3 ହଜାର	4 ଶହ	0 ଦଶ	6 ଏକ		3406

3406 କୁ ଆମେ ତିନିହଜାର ଚାରିଶହ ଛଅ ବୋଲି ପଢ଼ିଥାଉ ।

				4364	
4 ହଜାର	3 ଶହ	6 ଦଶ	4 ଏକ		4364




4364 କୁ ଆମେ ଚାରିହଜାର ତିନିଶହ ଚଉଷଠି ବୋଲି ପଢ଼ିଥାଉ ।



AP SCERT


ଏହାକର

1. ଠିକ୍ ଅଙ୍କଟିକୁ ○ ମଧ୍ୟରେ ଏବଂ ସଂଖ୍ୟାଟିକୁ ▭ ମଧ୍ୟରେ ଲେଖ ।

○ ହଜାର ○ ଶହ ○ ଦଶ ○ ଏକ

2. ଆବାକାସ୍‌ର ମାଳିଗୁଡ଼ିକୁ ଦେଖି ସଂଖ୍ୟା ଓ ସଂଖ୍ୟାର ନାମ ଲେଖ । ତୁମ ପାଇଁ ଗୋଟିଏ କରାଯାଇଛି ।



4253

କ) ଚାରିହଜାର ଦୁଇଶହ ତେପନ ।

ଖ) _____

ଗ) _____

3. ପ୍ରଦୀପକୁ ₹ 3,456 ର ଗୋଟିଏ ଚେକ୍ ଲେଖିବାକୁ ପଡ଼ିବ । ସେହି ଟଙ୍କାକୁ ଅକ୍ଷରରେ ଲେଖିବାକୁ ତାଙ୍କୁ ସହଯୋଗ କର ।



AP SCERT

4-ଅଙ୍କ ବିଶିଷ୍ଟ ସଂଖ୍ୟାର ସ୍ଥାନୀୟ ମୂଲ୍ୟ ଓ ପ୍ରକୃତ ମୂଲ୍ୟ:

ନିମ୍ନ ସମୂହଗୁଡ଼ିକୁ ଅନୁଧ୍ୟାନ କର ।







2 ହଜାର 3 ଶହ 2 ଦଶ 6 ଏକ

ହ	ଶ	ଦ	ଏ
2	3	2	6

ଦୁଇହଜାର ତିନିଶହ ଛବିଶି ।

ତୁମେ କ'ଣ ଲକ୍ଷ୍ୟ କଲ ?






ସ୍ଥାନୀୟ ମୂଲ୍ୟ			ପ୍ରକୃତ ମୂଲ୍ୟ
2 ହଜାର	=	2000	2
3 ଶହ	=	300	3
2 ଦଶ	=	20	2
6 ଏକ	=	6	6

କେଉଁ ଅଙ୍କଟି ଏକକ ସ୍ଥାନରେ ଅଛି ? 6 । , ତେଣୁ, ଏହାର ସ୍ଥାନୀୟ ମୂଲ୍ୟ 6 ।


କେଉଁ ଅଙ୍କଟି ଦଶକ ସ୍ଥାନରେ ଅଛି ? _____, ତେଣୁ, ଏହାର ସ୍ଥାନୀୟ ମୂଲ୍ୟ _____.

କେଉଁ ଅଙ୍କଟି ଶତକ ସ୍ଥାନରେ ଅଛି ? _____, ତେଣୁ, ଏହାର ସ୍ଥାନୀୟ ମୂଲ୍ୟ _____.

କେଉଁ ଅଙ୍କଟି ହଜାର ସ୍ଥାନରେ ଅଛି ? _____, ତେଣୁ, ଏହାର ସ୍ଥାନୀୟ ମୂଲ୍ୟ _____.



ଉଦାହରଣ: 8025 ସଂଖ୍ୟାରେ ଥିବା ପ୍ରତ୍ୟେକ ଅଙ୍କର ସ୍ଥାନୀୟ ମୂଲ୍ୟ ନିର୍ଣ୍ଣୟ କର ।



ସ୍ଥାନୀୟ ମୂଲ୍ୟ			ପ୍ରକୃତ ମୂଲ୍ୟ
8 ହଜାର	=	8000	8
0 ଶହ	=	0	0
2 ଦଶ	=	20	2
5 ଏକ	=	5	5

ସୂଚନା: ଗୋଟିଏ ସଂଖ୍ୟାରେ '0' ଯେକୌଣସି ସ୍ଥାନରେ ଥିଲେ ମଧ୍ୟ ଶୂନର ସ୍ଥାନୀୟ ମୂଲ୍ୟ ସର୍ବଦା '0' ଅଟେ ।



ଏହାକର

1. ନିମ୍ନସ୍ଥ ସଂଖ୍ୟାରେ ଦିଆଯାଇଥିବା ଅଙ୍କଗୁଡ଼ିକର ସ୍ଥାନୀୟ ମୂଲ୍ୟ ଏବଂ ପ୍ରକୃତ ମୂଲ୍ୟ ନିର୍ଣ୍ଣୟ କର ।

କ) **6742**

ଅଙ୍କ	ସ୍ଥାନୀୟ ମୂଲ୍ୟ	ପ୍ରକୃତ ମୂଲ୍ୟ
6		
7		
4		
2		

ଖ) **5309**

ଅଙ୍କ	ସ୍ଥାନୀୟ ମୂଲ୍ୟ	ପ୍ରକୃତ ମୂଲ୍ୟ
5		
3		
0		
9		

AP SCERT

କାର୍ଯ୍ୟ

ସ୍ଥାନୀୟମୂଲ୍ୟ ସ୍ଲାଇଡ଼ର୍ ତିଆରି କର ।


କୁହାଯିବା ସଂଖ୍ୟା ଅନୁସାରେ ସଂଖ୍ୟା ବୃଦ୍ଧି କିମ୍ବା ହ୍ରାସ କରିପାରିବେ ।

କ) 1895 – ସଂଖ୍ୟାରେ 1 ବୃଦ୍ଧିକର ।

ଖ) 2785 – ସଂଖ୍ୟାରେ 10 ବୃଦ୍ଧିକର ।

ଗ) 5648 – ସଂଖ୍ୟାରେ 300 ହ୍ରାସକର ।

ଘ) 6487 – ସଂଖ୍ୟାରେ 2000 ବୃଦ୍ଧିକର ।



ଚିନ୍ତାକର ଏବଂ ଚର୍ଚ୍ଚାକର

1) ଯଶୁ ସାତହଜାର ଚବିଶିକୁ 724 ରୂପେ ଲେଖିଥିଲେ ।

ଏହା ଠିକ୍ କି ?_____

ସଠିକ୍ ସଂଖ୍ୟାଟିକୁ ଲେଖ _____


2) ପଦ୍ମଜା ପାଞ୍ଚହଜାର ଛଅଶହ ତିନିକୁ 563ରୂପେ ଲେଖିଲେ ।

ଏହା ଠିକ୍ କି ?_____

ସଠିକ୍ ସଂଖ୍ୟାଟିକୁ ଲେଖ _____










ଆମେ ବୃହତ୍ ସଂଖ୍ୟା ପାଇଁ ବ୍ଲକ୍ ବଦଳରେ ଟୋକେନ୍ ବ୍ୟବହାର କରିବା ।



ହଜାର(ହ)	ଶତକ(ଶ)	ଦଶକ(ଦ)	ଏକକ(ଏ)
1	0	0	1
1001			
ଏକ ହଜାର ଏକ			

AP SCERT

ସାରଣୀଟିକୁ ଦେଖ ଏବଂ ଖାଲିସ୍ଥାନ ପୂରଣ କର ।

ଟୋକେନ୍	ବିସ୍ତାରିତ ରୂପ	ହ	ଶ	ଦ	ଏ	ସଂଖ୍ୟା	ସଂଖ୍ୟାର ନାମ
	*1000 + 1*					*1001*	
						*1002*	
						*1003*	
		*1*	*0*	*0*	*4*		
							
	*1000 + 100*					*1100*	ଏକହଜାର ଶହେ
						*1038*	
							
							
	*3000 + 0 + 10 + 9*						

AP SCERT

ଗଣିତ ପରୀକ୍ଷାଗାର କାର୍ଯ୍ୟ:



1. 1,10,100,1000ର ଟୋକେନ୍‌ଗୁଡ଼ିକୁ ବ୍ୟବହାର କରି ସଂଖ୍ୟାଗୁଡ଼ିକୁ ଚିହ୍ନଟ କର ଏବଂ ସେଗୁଡ଼ିକୁ ସାରଣୀରେ ଲେଖ ।
   କ) 8 ଦଶ ଏବଂ 2 ଏକ ।
   ଖ) 4 ଦଶ ଏବଂ 12 ଏକ ।
   ଗ) 3 ଶହ, 14 ଦଶ ଏବଂ 8 ଏକ ।
   ଘ) 12 ଶହ, 18 ଦଶ ଏବଂ 2 ଏକ ।
   ଙ) 1 ହଜାର, 5 ଶହ, 10 ଏକ ଏବଂ 17 ଏକ ।

	ହ	ଶ	ଦ	ଏ	ସଂଖ୍ୟା	ସଂଖ୍ୟାର ନାମ
କ	*0*	*0*	*8*	*2*	*82*	ବୟାଅଶି
ଖ						
ଗ						
ଘ						
ଙ						

AP SCERT

2. ବଡ଼ ସଂଖ୍ୟାଟିକୁ ଗୋଲ ○ ବୁଲାଅ ।

30 କିମ୍ବା 300
6000 କିମ୍ବା 600
2000 କିମ୍ବା 3000
5000 କିମ୍ବା 4000
7000 କିମ୍ବା 8000

3. ଛୋଟ ସଂଖ୍ୟାଟିକୁ ଗୋଲ ○ ବୁଲାଅ ।

2 ଏକ କିମ୍ବା 2 ଶହ
2 ଦଶ କିମ୍ବା 5 ହଜାର
7 ଶହ କିମ୍ବା 2 ଦଶ
9 ଦଶ କିମ୍ବା 4 ଶହ
8 ଶହ କିମ୍ବା 30 ଦଶ


ସଂଖ୍ୟାରେଖା

1. 2226 ଏବଂ 3226 ମଧ୍ୟରେ ଥିବା ସଂଖ୍ୟାଟିକୁ ଗୋଲ ବୁଲାଅ ।

3316 3236 2236 2216 3126 3216


2. ନିର୍ଦ୍ଦେଶ ଅନୁଯାୟୀ କର ।

କ) 1001 ଏବଂ 1038 କୁ ସଂଖ୍ୟାରେଖା ଉପରେ ଚିହ୍ନଟ କରାଯାଇଛି । ଠିକ୍ ସେହି ସଂଖ୍ୟାରେଖା ଉପରେ 1043,1069 ଏବଂ 1084 କୁ ଚିହ୍ନଟ କରିବା ପାଇଁ ଚେଷ୍ଟା କର ।




ଖ) ନିମ୍ନସ୍ଥ ସଂଖ୍ୟାଗୁଡ଼ିକୁ ସଂଖ୍ୟାରେଖା ଉପରେ ଚିହ୍ନଟ କର ।

2025, 2080, 2175, 2245, 2295, 2310, 2390, 2430, 2460




ଗ) ନିମ୍ନସ୍ଥ ସଂଖ୍ୟାଗୁଡ଼ିକୁ ସଂଖ୍ୟାରେଖା ଉପରେ ଚିହ୍ନଟ କର ।

5512, 5548, 5590, 5636, 5673, 5695



ଘ) ନିମ୍ନସ୍ଥ ସଂଖ୍ୟାଗୁଡ଼ିକୁ ସଂଖ୍ୟାରେଖା ଉପରେ ଚିହ୍ନଟ କର ।

8679, 8990, 8923, 8763



AP SCERT

ନିକଟତମ ଶହକୁ ସଂଶୋଧନ କର :

ଉଦାହରଣ–1: 237କୁ ନିକଟତମ ଶହକୁ ସଂଶୋଧନ କର ।


ସୋପାନ–1: **ଗୋଟିଏ ସଂଖ୍ୟାକୁ ନିକଟତମ ଶହ ପର୍ଯ୍ୟନ୍ତ ସଂଶୋଧନ କରିବା ପାଇଁ ଦିଆଯାଇଥିବା ସଂଖ୍ୟାଟି କେଉଁ ଦୁଇଟି ଶହ ମଧ୍ୟରେ ରହିଛି ଚିହ୍ନଟ କରିବାକୁ ପଡ଼ିବ ।**

237 ସଂଖ୍ୟାଟି 200 ଏବଂ 300 ମଧ୍ୟରେ ରହିଛି ।

ସୋପାନ–2: **200 ଏବଂ 300 ମଧ୍ୟରେ ସଂଖ୍ୟାଟିକୁ ଚିହ୍ନଟ କର ।**



ସୋପାନ–3: **237କୁ ସଂଖ୍ୟାରେଖା ଉପରେ ଚିହ୍ନଟ କର ।**



237, 200 କୁ ନିକଟତମ କିମ୍ବା 300 କୁ ନିକଟତମ ରହିଛି ?

237, 200 କୁ ନିକଟତମ ଅଟେ କାରଣ ଏହା ମଧ୍ୟସ୍ଥ ସଂଖ୍ୟା 250ର ଆଗରେ ରହିଛି ।

ତେଣୁ ଆମେ 237କୁ ନିକଟତମ 200 କୁ ସଂଶୋଧନ କଲେ ।

ଉଦାହରଣ 2 : 950 କୁ ନିକଟତମ ଶହକୁ ସଂଶୋଧନ କର ।

.



950 ସଂଖ୍ୟାଟି 900 ଏବଂ 1000ର ମଧ୍ୟସ୍ଥ ସଂଖ୍ୟା ଅଟେ ।

ମଧ୍ୟସ୍ଥ ସଂଖ୍ୟାଗୁଡ଼ିକୁ ପରବର୍ତ୍ତୀ ଶହକୁ ସଂଶୋଧନ କରାଯାଏ ।

ତେଣୁ ଆମେ 950 କୁ 1000 ରୂପେ ସଂଶୋଧନ କଲୁ ।

ନିକଟତମ ଶହକୁ ସଂଶୋଧନ କରିବା ନିୟମ:

1. ଦିଆଯାଇଥିବା ସଂଖ୍ୟାର ପୂର୍ବବର୍ତ୍ତୀ ଶହେ ଏବଂ ପରବର୍ତ୍ତୀ ଶହେ ଚିହ୍ନଟ କରାଯାଏ ।
2. ଦିଆଯାଇଥିବା ସଂଖ୍ୟାର ଦଶକ ସ୍ଥାନର ଅଙ୍କଟିକୁ ଚିହ୍ନଟ କରାଯାଏ ।
3. ଯଦି ଦଶକ ସ୍ଥାନରେ 0,1,2,3,4 ଥାଏ, ତେବେ ପୂର୍ବବର୍ତ୍ତୀ ଶହକୁ ସଂଶୋଧନ କରାଯାଏ ।
4. ଯଦି ଦଶକ ସ୍ଥାନରେ 5,6,7,8,9 ଥାଏ, ତେବେ ପରବର୍ତ୍ତୀ ଶହକୁ ସଂଶୋଧନ କରାଯାଏ ।



ଏହାକର

ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ନିକଟତମ ଶହକୁ ସଂଶୋଧନ କର ।

କ) 284 ଖ) 354 ଗ) 4324 ଘ) 5568

AP SCERT

ଅନୁଶୀଳନୀ-୧

1. ଅନୁକ୍ରମଟିକୁ ଦେଖି ସଠିକ୍ ସଂଖ୍ୟାଟିକୁ କୋଠରୀ ମଧ୍ୟରେ ଲେଖ ।

କ)

2001	2002	2003			2006	

ଖ)

4571	4572	4573				4577

2. ନିମ୍ନରେ ଅକ୍ଷରରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ପଢ଼ି ସେଗୁଡ଼ିକର ଉପଯୁକ୍ତ ସଂଖ୍ୟାକୁ କୋଠରୀ ମଧ୍ୟରେ ଲେଖ ।

କ) ତିନିହଜାର ପାଞ୍ଚ ଶହ ପଚିଶି = ____

ଖ) ସାତ ହଜାର ସାତ ଶହ ଆଠ = ____

ଗ) ଆଠ ହଜାର ପାଞ୍ଚ = ____

3. ଗୋଲ ବୁଲାଯାଇଥିବା ଅଙ୍କର ସ୍ଥାନୀୟ ମୂଲ୍ୟ ଲେଖ ।

କ) 5(9)3 7 _____ ଖ) 3 8(1)1 _____

4. ନିମ୍ନସ୍ଥ ସଂଖ୍ୟାଗୁଡ଼ିକୁ ଅକ୍ଷରରେ ଲେଖ ।

କ) 5876 = _____

ଖ) 7305 = _____

ଗ) 2089 = _____

5. ନିମ୍ନସ୍ଥ ଗୁଡ଼ିକୁ ବିସ୍ତାରିତ ରୂପରେ ଲେଖ ।

କ) 3870 = _____ + _____ + _____ + _____

ଖ) 7077 = _____ + _____ + _____ + _____


6. ନିମ୍ନସ୍ଥଗୁଡ଼ିକର ସଂକ୍ଷିପ୍ତ ରୂପକୁ ସଂଖ୍ୟାରେ ଲେଖ ।

କ) ପାଞ୍ଚ ହଜାର + ଦୁଇ ଶହ + ଚାଳଶି + ତିନି = _____

ଖ) ସାତ ହଜାର + ଏକ ଶହ + ଷାଠିଏ + ଆଠ = _____

7. ହଜାର ସ୍ଥାନରେ 5, ଶତକ ସ୍ଥାନରେ 8, ଦଶକ ସ୍ଥାନରେ 3 ଏବଂ ଏକକ ସ୍ଥାନରେ 2 ଥିବା ଚାରିଅଙ୍କ ବିଶିଷ୍ଟ ସଂଖ୍ୟାଟି ଲେଖ ।

8. ନିମ୍ନସ୍ଥ ସଂଖ୍ୟାଗୁଡ଼ିକୁ ବ୍ୟବହାର କରି 5000 ଏବଂ 6000 ମଧ୍ୟରେ ଥିବା ସଂଖ୍ୟାଗୁଡ଼ିକୁ ଚିହ୍ନଟ କର ଯାହାର ଦଶକ ସ୍ଥାନରେ 8 ଥାଏ ।



କ) 6582 ଖ) 5862 ଗ) 2685 ଘ) 5682

AP SCERT

କାର୍ଯ୍ୟ

4 - ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ



1. 0 ଠାରୁ 9 ପର୍ଯ୍ୟନ୍ତ ଯେକୌଣସି 4 ଟି କାର୍ଡ଼ ନିଅ ।
2. ସେହି କାର୍ଡ଼ଗୁଡ଼ିକ ମଧ୍ୟରୁ ଯେକୌଣସି 4– ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର ।
3. ସଂଖ୍ୟାଟିକୁ ଅକ୍ଷରରେ ଲେଖ ଓ ପଢ଼ ।
4. ଏହି ଅଙ୍କଗୁଡ଼ିକ ଦ୍ୱାରା ସମସ୍ତ ସମ୍ଭାବ୍ୟ ସଂଖ୍ୟା ଗଠନ କରି ନିମ୍ନ ସାରଣୀରେ ଲେଖ ।

କ୍ରମ.ସଂ.	ସଂଖ୍ୟା	ଅକ୍ଷରରେ ସଂଖ୍ୟା
1	4592	ଚାରିହଜାର ପାଞ୍ଚଶହ ବୟାନବେ
2		
3		
4		
5		
6		


AP SCERT

ସଂଖ୍ୟାଗୁଡ଼ିକର ତୁଳନା

ସଂଖ୍ୟାଗୁଡ଼ିକୁ ତୁଳନା କରିବା ପାଇଁ ଆମେ ନିମ୍ନସ୍ଥ ନିୟମ ପାଳନ କରୁ ।

ନିୟମ 1: ଅଧିକ ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକ ବୃହତ୍ତର ସଂଖ୍ୟା ଅଟେ ।


ଉଦାହରଣ: 124 ଏବଂ 46 ମଧ୍ୟରୁ 124 ରେ ତିନୋଟି ଅଙ୍କ ଏବଂ 46 ରେ ଦୁଇଟି ଅଙ୍କ ରହିଛି । ତେଣୁ 124 ସଂଖ୍ୟାଟି 46 ଠାରୁ ବୃହତ୍ତର ।



ତୁମର ମନେ ଅଛିକି ?
'>' ଠାରୁ ବୃହତ୍ତର
'<' ଠାରୁ କ୍ଷୁଦ୍ରତର
'=' ସମାନ ।

124 > 46

124 , 46 ଠାରୁ ବୃହତ୍ତର



ସେହିପରି 356 ଏବଂ 3247 ମଧ୍ୟରୁ 356 ରେ 3ଟି ଅଙ୍କ ଥିବାବେଳେ 3247ରେ 4ଟି ଅଙ୍କ ରହିଛି । ତେଣୁ 356, 3247 ଠାରୁ କ୍ଷୁଦ୍ରତମ ଅଟେ । $356 < 3247$

ନିୟମ 2 : **ସମ ସଂଖ୍ୟକ ଅଙ୍କ ବିଶିଷ୍ଟ ସଂଖ୍ୟା ତୁଳନା କରିବା ସମୟରେ ଆମେ ସର୍ବଦା ବାମପଟରୁ ତୁଳନା କରୁ ।**

ଉଦାହରଣ:

କ) ସମ ସଂଖ୍ୟକ ଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟା ତୁଳନା କରିବା ।

5476 ଏବଂ 6123 ତୁଳନା କର ।

5476 6123

(<)

ଯେହେତୁ 5 < 6

ତେଣୁ, 5476 < 6123

ତେଣୁ 5476, 6123 ଠାରୁ କ୍ଷୁଦ୍ରତମ ଅଟେ ।

3541 ଏବଂ 2689 ତୁଳନା କର ।

3541 2689

(>)

ଯେହେତୁ 3 > 2

ତେଣୁ, 3541 > 2689

ତେଣୁ 3541, 2689 ଠାରୁ ବୃହତ୍ତର ଅଟେ ।

ଖ) ହଜାର ସ୍ଥାନରେ ସମଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟାର ତୁଳନା ।

7435 ଏବଂ 7261 ତୁଳନା କର ।

7435 7621

(=)

(<)

ଯେହେତୁ 4 < 6

7435 < 7621

ତେଣୁ 7435, 7621 ଠାରୁ କ୍ଷୁଦ୍ରତମ ଅଟେ ।

6810 ଏବଂ 6542 ତୁଳନା କର ।

6810 6542

(=)

(>)

ଯେହେତୁ 8 > 5

6810 > 6542

ତେଣୁ 6810, 6542 ଠାରୁ ବୃହତ୍ତର ଅଟେ ।

ଗ) ହଜାର ଓ ଶତକ ସ୍ଥାନରେ ସମଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟାର ତୁଳନା ।

5215 ଏବଂ 5236 ତୁଳନା କର ।

5215 5236

(=)

(=)

(<)

ଯେହେତୁ 1 < 3

5215 < 5236

ତେଣୁ 5215, 5236 ଠାରୁ କ୍ଷୁଦ୍ରତମ ଅଟେ ।

4358 ଏବଂ 4342 ତୁଳନା କର ।

4358 4342

(=)

(=)

(>)

ଯେହେତୁ 5 > 4


4358 > 4342

ତେଣୁ 4358, 4342 ଠାରୁ ବୃହତ୍ତର ଅଟେ ।

AP SCERT

ଘ) ହଜାର, ଶତକ ଓ ଦଶକ ସ୍ଥାନରେ ସମଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟାର ତୁଳନା ।

4358 ଏବଂ 4359 ତୁଳନା କର




ଯେହେତୁ 8 < 9

4358 < 4359

ତେଣୁ 4358, 4359 ଠାରୁ କ୍ଷୁଦ୍ରତମ ଅଟେ ।

3425 ଏବଂ 3421 ତୁଳନା କର ।



ଯେହେତୁ 5 > 1

3425 > 3421

ତେଣୁ 3425, 3421 ଠାରୁ ବୃହତ୍ତର ଅଟେ ।



ଏହାକର

1. ଉପଯୁକ୍ତ ଚିହ୍ନ (<, =, >) ଦ୍ୱାରା କୋଠରୀଗୁଡ଼ିକ ପୂରଣ କର ।

କ) ₹ 250




ଖେଳନା କାର୍‌ର ମୂଲ୍ୟ ☐ ଖେଳନା ଜେସିବିର ମୂଲ୍ୟ

₹ 350




ଖ)



₹ 2675

ରାଇସ୍ କୁକ୍କର୍‌ର ମୂଲ୍ୟ ☐ ପ୍ରେସର୍ କୁକ୍କର୍‌ର ମୂଲ୍ୟ

₹ 1675



2. ତୁଳନା କର ଏବଂ ନିମ୍ନରେ ଦିଆଯାଇଥିବା କୋଠରୀରେ ଉପଯୁକ୍ତ ଚିହ୍ନ (<, =, >) ଲେଖ ।

କ) 6472 ☐ 5306

ଖ) 465 ☐ 3079

ଗ) 5780 ☐ 5967

ଘ) 6504 ☐ 6079

ଙ) 3281 ☐ 3896


ଚ) 4650 ☐ 4698

ଛ) 7856 ☐ 7854

ଜ) 6702 ☐ 6923

ଝ) 5063 ☐ 5063

ଞ) 5716 ☐ 5186



APSCERT

3. ନିମ୍ନସ୍ଥ ସଂଖ୍ୟାଗୁଡ଼ିକରେ କ୍ଷୁଦ୍ରତମ ସଂଖ୍ୟାକୁ ଗୋଲ ବୁଲାଅ । ତୁମ ପାଇଁ ଗୋଟିଏ କରାଯାଇଛି ।

କ)	4356	567	9075	3207
ଖ)	6079	8254	3975	4280
ଗ)	5204	5402	4502	2504
ଘ)	2354	2435	2345	2543


4. ନିମ୍ନଗୁଡ଼ିକ ମଧ୍ୟରୁ ବୃହତ୍ତମ ସଂଖ୍ୟାଟିକୁ ଗୋଲ ବୁଲାଅ ।

କ)	5648	3772	6660	5555
ଖ)	2074	2879	2978	2542
ଗ)	3945	3495	4530	2471

ସଂଖ୍ୟାର କ୍ରମ: ନିମ୍ନ ଚିତ୍ରଗୁଡ଼ିକରେ ଚାରିଜଣ ବିକ୍ରେତାଙ୍କ ଅର୍ଥ ବିନିଯୋଗର ବିବରଣୀ ଅନୁଧ୍ୟାନ କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।




ଆନ୍ଧାରର
ଅର୍ଥ ବିନିଯୋଗ
₹ 5526



ସୋମୁର
ଅର୍ଥ ବିନିଯୋଗ
₹ 4690



ମାଦାନ୍ନାର
ଅର୍ଥ ବିନିଯୋଗ
₹ 3480



ଗୌରାୟାର
ଅର୍ଥ ବିନିଯୋଗ
₹ 6370

କ) କିଏ ଅଧିକ ଟଙ୍କା ବିନିଯୋଗ କରିଛନ୍ତି ? _____ କେତେ ? _____

ଖ) କିଏ କମ୍ ଟଙ୍କା ବିନିଯୋଗ କରିଛନ୍ତି ? _____ କେତେ ? _____

ଗ) ବ୍ୟବସାୟୀ ମାନଙ୍କର ଅର୍ଥ ବିନିଯୋଗକୁ କମ୍‌ରୁ ଅଧିକ କ୍ରମରେ ସଜାଇ ଲେଖ ।

_____, _____, _____, _____

ଘ) ବ୍ୟବସୟୀ ମାନଙ୍କର ଅର୍ଥ ବିନିଯୋଗକୁ କମ୍‌ରୁ ଅଧିକ କ୍ରମରେ ସେମାନଙ୍କର ନାମକୁ ସଜାଇ ଲେଖ ।

_____, _____, _____, _____

କମ୍‌ରୁ ଅଧିକ ରୂପେ ସଜାଯାଇଥିବା ସଂଖ୍ୟାଗୁଡ଼ିକର କ୍ରମକୁ **ଆରୋହଣ କ୍ରମ** କୁହାଯାଏ । ଅଧିକରୁ କମ୍ ରୂପେ ସଜାଯାଇଥିବା ସଂଖ୍ୟାଗୁଡ଼ିକର କ୍ରମକୁ **ଅବରୋହଣ କ୍ରମ** କୁହାଯାଏ ।

APSCERT

ଏହା କର

1. 1009, 4002, 6088, 3800

   ସଂଖ୍ୟାଗୁଡ଼ିକୁ ନିମ୍ନରେ ସୂଚିତ ଚିହ୍ନ ଅନୁଯାୟୀ ସଜାଇ ଲେଖ ।

   କ) _____ > _____ > _____ > _____

   ଖ) _____ < _____ < _____ < _____

2. ନିମ୍ନରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ଆରୋହଣ ଓ ଅବରୋହଣ କ୍ରମରେ ସଜାଇ ଲେଖ ।

   2566, 2988, 2300, 2377

   ଆରୋହଣ କ୍ରମ: _____, _____, _____, _____

   ଅବରୋହଣ କ୍ରମ: _____, _____, _____, _____

ଅନୁଶୀଳନୀ – 2

1. 1, 3, 7 ଓ 9 ଅଙ୍କଗୁଡ଼ିକୁ ବ୍ୟବହାର କରି ଯେକୌଣସି ପାଞ୍ଚଟି 4–ଅଙ୍କ ବିଶିଷ୍ଟ ସଂଖ୍ୟା ଲେଖ ।
2. ଏକ ସଂଖ୍ୟାର ପରିସରକୁ ଗୋଲ କର ଯାହା ସଂଖ୍ୟାଟି ଦିଆଯାଇଥିବା ସଂଖ୍ୟା ମଧ୍ୟରେ ଥିବ ।

କ)	250	300 – 400	200 – 300
ଖ)	460	300 – 400	400 – 500
ଗ)	884	700 – 800	800 – 900




3. ଦିଆଯଇଥିବା ଅଙ୍କଗୁଡ଼ିକ ଦ୍ୱାରା ଗଠିତ 4–ଅଙ୍କ ବିଶିଷ୍ଟ ବୃହତ୍ତମ ଏବଂ କ୍ଷୁଦ୍ରତମ ସଂଖ୍ୟା ଲେଖ ।


ଅଙ୍କ	ବୃହତ୍ତମ ସଂଖ୍ୟା	କ୍ଷୁଦ୍ରତମ ସଂଖ୍ୟା
3, 7, 5, 9	9753	3579
6, 4, 9, 5		
1, 0, 5, 2		
2, 9, 4, 6		


4. 0 ରୁ 9 ଅଙ୍କ ସହିତ ଖାଲିସ୍ଥାନଗୁଡ଼ିକ ପୂରଣ କର ଯେପରି ସଂଖ୍ୟାଗୁଡ଼ିକ ସର୍ତ୍ତ ପୂରଣ କରେ ।


   କ) 7 ___ ___ 3 < 768 ___ ଖ) 853 ___ < 8 ___ 3 ___

5. କେଉଁ ଆବାକାସ୍‌ଟି ''ଏକ ହଜାର ଦଶ''କୁ ଦର୍ଶାଉଛି ? ( )

କ) 

ଖ) 

ଗ) 

ଘ) 

APSCERT

ଶିକ୍ଷଣକୁ ଉନ୍ନତ କରିବା

1. ଏଗୁଡ଼ିକ ମଧ୍ୟରୁ କେଉଁଟି 67 ସହିତ ସମାନ ? ( )

   କ) ସତଷଠି ଖ) ଛସ୍ତରୀ ଗ) ସାତ ଛଅ ଘ) ଛଅ ସାତ

2. ତିନି ଦଶ + ଦୁଇ ହଜାର + ଆଠ ଶହ + ସାତ ଏକ = ... ( )

   କ) 7382 ଖ) 3827 ଗ) 3287 ଘ) 2837

3. କରୀନା, ସୁଷମା ଏବଂ ରାଜେଶ 9329 କୁ ନିମ୍ନ ପ୍ରକାରେ ବିସ୍ତାରିତ ରୂପରେ ଲେଖିଲେ ।

   କରୀନା: 9 ହଜାର + 3 ଶହ + 2 ଦଶ + 9 ଏକ

   ସୁଷମା: 9000 + 300 + 20 + 9

   ରାଜେଶ: (9×1000) + (3×100) + (2×10) + (9×1)


   ବିସ୍ତାରିତ ରୂପଟିକୁ କିଏ ସଠିକ୍ ଭାବରେ ଲେଖିଛନ୍ତି ? ( )

   କ) ସୁଷମା ଏବଂ କରୀନା ଖ) କରୀନା ଏବଂ ରାଜେଶ


   ଗ) ରାଜେଶ ଏବଂ ସୁଷମା ଗ) କରୀନା, ସୁଷମା ଏବଂ ରାଜେଶ

4. ନିମ୍ନରେ ଦିଆଯାଇଥିବା ପରି ରାଜୁ, ଆସ୍ରତ୍ ଏବଂ ଶାନ୍ତି ପାଖରେ 4ଟି କାର୍ଡ଼ ଅଛି ।
   ସବୁଠାରୁ ବଡ଼ ସଂଖ୍ୟା କିଏ ଗଠନ କରିପାରିବ ?


   ରାଜୁ

   ଆସ୍ରତ୍

   ଶାନ୍ତି

   କ) ରାଜୁ ଖ) ଶାନ୍ତି ଗ) ଶାନ୍ତି ଏବଂ ରାଜୁ ଘ) ରାଜୁ ଏବଂ ଆସ୍ରତ୍

5. ଜଣେ ଛାତ୍ରକୁ 3,0,8 ଏବଂ 5 ଅଙ୍କ ବ୍ୟବହାର କରି 4–ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟା ତିଆରି କରିବାକୁ କୁହାଯାଇଥିଲା । ସେ 0358 ଲେଖିଲା । ଏହି ଉତ୍ତରକୁ ମୂଲ୍ୟାଙ୍କନ କର । ଏହା ପ୍ରକୃତରେ 4–ଅଙ୍କ ବିଶିଷ୍ଟ ସଂଖ୍ୟା କି ? ଯଦି ନୁହେଁ, ତେବେ ସଠିକ୍ 4–ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟାଟି କ'ଣ ?

6. ଜଣେ ସାଙ୍ଗ ପାଇଁ ସ୍କିପ୍ ଗଣନା ଚ୍ୟାଲେଞ୍ଜ୍ ତିଆରି କର । ତୁମର କ୍ରମକୁ 1200 ରୁ ଆରମ୍ଭ କର । ତୁମ କ୍ରମରେ 5ଟି ସଂଖ୍ୟା ରହିବା ଆବଶ୍ୟକ । ଏହି ନିୟମରେ 5 ଓ 10 ମଧ୍ୟରେ ଏକ ସଂଖ୍ୟା ଯୋଡ଼ିବା ଆବଶ୍ୟକ ।

7. କ୍ରମଟିକୁ ଅନୁଧ୍ୟାନ କର: 250, 275, 300, 325, ... ପରବର୍ତ୍ତୀ ତିନୋଟି ସଂଖ୍ୟା କ'ଣ ହେବ ? ସେଗୁଡ଼ିକ ନିର୍ଣ୍ଣୟ କରିବା ପାଇଁ ତୁମେ କେଉଁ ନିୟମ ବ୍ୟବହାର କଲ ବୁଝାଇ ଲେଖ ।

8. ଏକ ଚାଷୀ ତାଙ୍କର କୁକୁଡ଼ା ଫାର୍ମରୁ 463ଟି ଅଣ୍ଡା ସଂଗ୍ରହ କଲେ । ଯଦି ସେ ଏହି ସଂଖ୍ୟାକୁ ନିକଟତମ ଶହକୁ ସଂଶୋଧନ କରିବାକୁ ଚାହେଁ ତେବେ ସେହି ସଂଖ୍ୟା କେତେ ହେବ ?

APSCERT

ଅଧ୍ୟାୟ


2

ଯୋଗ

T3Z8H3

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ:

- ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ବିଭିନ୍ନ ପ୍ରଣାଳୀରେ ଯୋଗ କରିପାରିବେ । (CG-1)
- ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ଯୋଗ କରିପାରିବେ । (CG-1)
- ଦୈନନ୍ଦିନ ଜୀବନରେ କାର୍ଯ୍ୟକଳାପଗୁଡ଼ିକୁ ନେଇ ଯୋଗକ୍ରିୟାର ମୌଖିକ ଓ ଧାରାଗଣିତ କରିବାରେ ସକ୍ଷମ ହେବେ । (CG-4)
- ଆକଳନ ମାଧ୍ୟମରେ ଯୋଗକ୍ରିୟାଗୁଡ଼ିକୁ କରିପାରିବେ । (CG-1)



ହର୍ଷ ଏବଂ ରମ୍ୟା ଉଭୟ ଯମଜ ଅଟନ୍ତି । ସେମାନେ 3ୟ ଶ୍ରେଣୀରେ ପଢ଼ନ୍ତି । ସେମାନଙ୍କ ଶ୍ରେଣୀ ଶିକ୍ଷକ ବିଭିନ୍ନ ଫଳର ମୂଲ୍ୟ ସଂପର୍କରେ ସୂଚନା ସଂଗ୍ରହ କରିବାକୁ କହିଲେ । ତେଣୁ ସେମାନେ ସନ୍ଧ୍ୟାରେ ତାଙ୍କ ବାପାଙ୍କ ସହିତ ଶଙ୍କରାୟାଙ୍କ ଫଳ ଦୋକାନକୁ ଯାଇଥିଲେ । ବର୍ତ୍ତମାନ ସେହି ଫଳଗୁଡ଼ିକର ମୂଲ୍ୟ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

1. ଗୋଟିଏ ଆମ୍ବର ମୂଲ୍ୟ କେତେ ?
2. ଗୋଟିଏ ଏପଲ୍‌ର ମୂଲ୍ୟ କେତେ ?
3. ଗୋଟିଏ କଦଳୀର ମୂଲ୍ୟ କେତେ ?
4. ଆମ୍ବ ଓ କଦଳୀର ମୋଟ ମୂଲ୍ୟ କେତେ?
5. ଆମ୍ବ, ଏପଲ୍ ଓ କଦଳୀର ମୋଟ ମୂଲ୍ୟ କେତେ ?

ସେଦିନ ସନ୍ଧ୍ୟା ସମୟରେ ଶଙ୍କରାୟା ଲକ୍ଷ୍ୟ କଲା ଯେ ତା ଦୋକାନରେ କେବଳ 51ଟି ଡାଳିମ୍ବ, 6ଟି ଆମ୍ବ ଓ 22ଟି ପିଜୁଳି ଅଛି । ସେ ଫଳଗୁଡ଼ିକୁ ପାଇକାରୀ ଭାବେ କିଣିବା ପାଇଁ ଗୋଟିଏ ଫଳ ବଗିଚାକୁ ଗଲା । ସେ 60 ଟି ଡାଳିମ୍ବ, 120ଟି ଆମ୍ବ ଓ 110ଟି ପିଜୁଳି କିଣିଲା ।



ବର୍ତ୍ତମାନ, ଶଙ୍କରାୟା ପାଖରେ ଥିବା ମୋଟ ଡାଳିମ୍ବ ସଂଖ୍ୟା ନିର୍ଣ୍ଣୟ କରିବା ।

ଶଙ୍କରାୟା ପାଖରେ ଥିବା ମୋଟ ଡାଳିମ୍ବ ସଂଖ୍ୟା	=	5 1
ଗଚ୍ଛିତ ଡାଳିମ୍ବ ସଂଖ୍ୟା	=	(+) 6 0
ଶଙ୍କରାୟା ପାଖରେ ଥିବା ମୋଟ ଡାଳିମ୍ବ ସଂଖ୍ୟା	=	1 1 1

APSCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହ 1–ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ:

ଶଙ୍କରାୟା 60ଟି ଡାଳିମ୍ବ, 120ଟି ଆମ୍ବ ଓ 110ଟି ପିଚୁଳି କିଣିଲା ।

ବର୍ତ୍ତମାନ ଶଙ୍କରାୟା ପାଖରେ ଥିବା ମୋଟ ଆମ୍ବ ସଂଖ୍ୟା ନିର୍ଣ୍ଣୟ କରିବା ।

କିଣିଥିବା ଆମ୍ବ ସଂଖ୍ୟା = 120

ଗଚ୍ଛିତ ଥିବା ଆମ୍ବ ସଂଖ୍ୟା = 6

ମୋଟ ଆମ୍ବ ସଂଖ୍ୟା = 126

	ଶ	ଦ	ଏ
	1	2	0
(+)			6
	1	2	6

ସୋପାନ– 1: ପ୍ରଥମେ ଆମେ ଏକକ ସ୍ଥାନର ଅଙ୍କଗୁଡ଼ିକୁ ଯୋଗକରୁ । 0+6 = 6; 'ଏକକ' ସ୍ଥାନରେ '6' ଲେଖ ।

ସୋପାନ– 2: ଯୋଗ କରିବା ପାଇଁ 'ଦଶକ' ସ୍ଥାନରେ ଅନ୍ୟ କୌଣସି ସଂଖ୍ୟା ନାହିଁ । ତେଣୁ ଦଶକ ସ୍ଥାନରେ '2' ଲେଖୁ ।

ସୋପାନ– 3: ଯୋଗ କରିବା ପାଇଁ 'ଶତକ' ସ୍ଥାନରେ ଅନ୍ୟ କୌଣସି ସଂଖ୍ୟା ନାହିଁ । ତେଣୁ ଶତକ ସ୍ଥାନରେ '1' ଲେଖୁ ।

ମୋଟ ଆମ୍ବ ସଂଖ୍ୟା = 126



ଏହାକର

ନିମ୍ନଗୁଡ଼ିକୁ କର ।

କ)

	ଶ	ଦ	ଏ
	5	0	1
+			8

ଖ)

	ଶ	ଦ	ଏ
	7	1	3
+			3

ଗ)

	ଶ	ଦ	ଏ
	8	9	1
+			5

ଘ) 195 + 4 =..... ଙ) 300 + 2 = ...

ଚ) ରମେଶଙ୍କ ଦୋକାନରେ 123 ଟି ଟିଭି ଥିଲା । ଡିଲର ତାଙ୍କୁ ଆଉ '6' ଟି ଟିଭି ଯୋଗାଇଥିଲେ । ବର୍ତ୍ତମାନ ରମେଶଙ୍କ ପାଖରେ ମୋଟ କେତୋଟି ଟିଭି ଅଛି ?

ଦୋକାନରେ ଥିବା ଟିଭି ସଂଖ୍ୟା =

ଡିଲରଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା ଟିଭି ସଂଖ୍ୟା =

ରମେଶଙ୍କ ଦୋକାନରେ ଥିବା ମୋଟ ଟିଭି ସଂଖ୍ୟା =



AP SCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହ 2–ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ:

ବର୍ତ୍ତମାନ ଶଙ୍କରାୟାଙ୍କ ଦୋକାନରେ ଥିବା ମୋଟ ପିଜୁଲି ସଂଖ୍ୟା ନିର୍ଣ୍ଣୟ କରିବା ।

କିଣିଥିବା ପିଜୁଲି ସଂଖ୍ୟା = 110

ଗଚ୍ଛିତ ଥିବା ପିଜୁଲି ସଂଖ୍ୟା = 22

ମୋଟ ପିଜୁଲି ସଂଖ୍ୟା = 110 + 22 = 132

	ଶ	ଦ	ଏ
	1	1	0
+		2	2
	1	3	2

ସୋପାନ– 1: ପ୍ରଥମେ ଏକକଗୁଡ଼ିକ ଯୋଗକର, 0+2 = 2; ଏକକ ସ୍ଥାନରେ '2' ଲେଖ ।

ସୋପାନ– 2: ପରେ ଦଶକଗୁଡ଼ିକ ଯୋଗକର, 1+2=3 । ଦଶକ ସ୍ଥାନରେ '3' ଲେଖ ।

ସୋପାନ– 3: ଶତକ ସ୍ଥାନରେ '1' ଲେଖ । କାରଣ ଶତକ ସ୍ଥାନରେ ଅନ୍ୟ କୌଣସି ସଂଖ୍ୟା ନାହିଁ ।

ମୋଟ ପିଜୁଲି ସଂଖ୍ୟା = 132





ଏହାକର

ନିମ୍ନଗୁଡ଼ିକୁ କର ।

କ)

	ଶ	ଦ	ଏ
	6	2	3
+		3	5

ଖ)

	ଶ	ଦ	ଏ
	4	0	5
+		7	0

ଗ)

	ଶ	ଦ	ଏ
	8	5	7
+		4	2

ଘ) 555 + 44 = ... ଙ) 936 + 52 = ...

ଚ) ଗୋଟିଏ ଚିଡ଼ିଆଖାନାରେ ମାଁ ହାତୀ 111ଟି କଦଳୀ ଏବଂ ପିଲା ହାତୀ 36ଟି କଦଳୀ ଖାଇଲେ । ଦୁଇଟି ହାତୀ ଖାଇଥିବା ମୋଟ କଦଳୀ ସଂଖ୍ୟା କେତେ ?

ମାଁ ହାତୀ ଖାଇଥିବା କଦଳୀ ସଂଖ୍ୟା =

ପିଲା ହାତୀ ଖାଇଥିବା କଦଳୀ ସଂଖ୍ୟା =

ଦୁଇଟି ହାତୀ ଖାଇଥିବା ମୋଟ କଦଳୀ ସଂଖ୍ୟା =

	ଶ	ଦ	ଏ
	1	1	1
(+)		3	6


ଛ) 45 ଠାରୁ 50 ଅଧିକ ଥିବା ସଂଖ୍ୟାଟି କେତେ ?

ଜ) 60 ଠାରୁ 120 ଅଧିକ ଥିବା ସଂଖ୍ୟାଟି କେତେ ?

AP SCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହ, 3–ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ:

ବର୍ତ୍ତମାନ ଶଙ୍କରାୟାଙ୍କ ଦୋକାନରେ 111ଟି ଡାଳିମ୍ବ, 126ଟି ଆମ୍ବ ଏବଂ 132ଟି ପିଜୁଳି ଅଛି । ଶଙ୍କରାୟା ପାଖରେ ଥିବା ମୋଟ ଆମ୍ବ ଓ ପିଜୁଳି ସଂଖ୍ୟା କେତେ ?



→ 2 ଶହ + 5 ଦଶ + 8 ଏକ
= 200 + 50 + 8
= 258

	ଶ	ଦ	ଏ
	1	2	6
(+)	1	3	2
	2	5	8

ଅନ୍ୟ ଉପାୟରେ ଯୋଗ:

ସୋପାନ – 1: ପ୍ରଥମେ ଏକକଗୁଡ଼ିକ ଯୋଗକର, = 6+2=8
ଏକକ ସ୍ଥାନରେ “8” ଲେଖ ।

ସୋପାନ – 2: ପରେ ଦଶକଗୁଡ଼ିକ ଯୋଗକର, 2+3=5 । ଦଶକ ସ୍ଥାନରେ “5” ଲେଖ ।

ସୋପାନ – 3: ପରେ ଶତକଗୁଡ଼ିକ ଯୋଗକର, 1+1=2 । ଶତକ ସ୍ଥାନରେ “2” ଲେଖ ।

ଆମ୍ବ ସଂଖ୍ୟା = 126
ପିଜୁଳି ସଂଖ୍ୟା = 132
ଆମ୍ବ ଓ ପିଜୁଳିର ମୋଟ ସଂଖ୍ୟା = 126 + 132= 258

ଉଦାହରଣ: ଦୋକାନରେ ଥିବା ମୋଟ ଫଳ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଶଙ୍କରାୟାଙ୍କୁ ସାହାଯ୍ୟ କର ।

ଡାଳିମ୍ବ ସଂଖ୍ୟା = 111
ଆମ୍ବ ସଂଖ୍ୟା = 126
ପିଜୁଳି ସଂଖ୍ୟା = 132
ମୋଟ ଫଳ ସଂଖ୍ୟା = 111 + 126 + 132

	ଶ	ଦ	ଏ
	1	1	1
	1	2	6
(+)	1	3	2



ଏହାକର

ନିମ୍ନ ଯୋଗକ୍ରିୟାଗୁଡ଼ିକୁ କର ।

କ)

	ଶ	ଦ	ଏ
	7	6	3
+	1	2	3

ଖ)

	ଶ	ଦ	ଏ
	6	0	7
+	3	1	2

ଗ)

	ଶ	ଦ	ଏ
	4	3	2
+	5	6	1

ଘ) 555 + 144 =.....

ଙ) 836 + 152 = ...

AP SCERT

ବ୍ଲକ୍ ବ୍ୟବହାର କରି ଯୋଗ କରିବା

କୋଡୁରୁ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ମାସର ପ୍ରଥମ ସପ୍ତାହରେ 345ଟି ଅଣ୍ଡା ଯୋଗାଇ ଦିଆଯାଇଥିଲା । ଦ୍ୱିତୀୟ ସପ୍ତାହରେ କିଛି ଛୁଟିଦିନ ଥିବାରୁ ମାତ୍ର 234ଟି ଅଣ୍ଡା ଦିଆଗଲା । ଦୁଇ ସପ୍ତାହରେ ଯୋଗାଇଦିଆଯାଇଥିବା ମୋଟ ଅଣ୍ଡାସଂଖ୍ୟା କେତେ ?



	ଶତକ	ଦଶକ	ଏକକ	100	10	1
	3	4	5			
+	2	3	4			
	5	7	9	5	7	9

ଉପରୋକ୍ତ ତାଲିକାକୁ ଲକ୍ଷ୍ୟ କଲେ,

345 + 234 = 300 + 40 + 5 + 200 + 30 + 4

= 300 + 200 + 40 + 30 + 5 + 4

= 500 + 70 + 9

= 579



ପ୍ରଥମ ସପ୍ତାହରେ ଯୋଗାଇଦିଆଯାଇଥିବା ଅଣ୍ଡାସଂଖ୍ୟା = _____

ଦ୍ୱିତୀୟ ସପ୍ତାହରେ ଯୋଗାଇଦିଆଯାଇଥିବା ଅଣ୍ଡାସଂଖ୍ୟା = _____

ଯୋଗାଇଦିଆଯାଇଥିବା ମୋଟ ଅଣ୍ଡାସଂଖ୍ୟା = _____



AP SCERT

ଅନୁଶୀଳନୀ -୧

1. ନିମ୍ନଗୁଡ଼ିକୁ ଯୋଗକର ।

କ)

ଶ	ଦ	ଏ
	8	6
	1	3

ଖ)

ଶ	ଦ	ଏ
7	8	6
		3

ଗ)

ଶ	ଦ	ଏ
5	4	7
	3	2

ଘ)

ଶ	ଦ	ଏ
1	5	6
8	4	3

2. ନିମ୍ନ କୋଠରୀରେ ନିଖୋଜ ହୋଇଥିବା ଅଙ୍କଗୁଡ଼ିକ ଲେଖ ।


କ) 3 2 6
\+ □ 3 □
7 5 8

ଖ) □ □ 3
\+ 1 2 5
4 6 8

ଗ) □ □ □
\+ 7 3 5
9 9 9

3. ଏକ ଟେଷ୍ଟ୍ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଦଳ ପ୍ରଥମ ଦିନ 216 ରନ୍ ସଂଗ୍ରହ କରିଥିଲେ । ଦ୍ୱିତୀୟ ଦିନ ପ୍ରଥମ ଦିନ ଠାରୁ 172 ରନ୍ ଅଧିକ କରିଥିଲେ । ତେବେ ଦ୍ୱିତୀୟ ଦିନ କେତେ ରନ୍ ସଂଗ୍ରହ କରିଥିଲେ ?

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।



କ) ଭାରତୀୟ ଦଳ ପ୍ରଥମ ଦିନ କେତେ ରନ୍ ସଂଗ୍ରହ କରିଥିଲେ ?


ଖ) ପ୍ରଥମ ଦିନ ଠାରୁ ଦ୍ୱିତୀୟ ଦିନ କେତେ ରନ୍ ଅଧିକ ସଂଗ୍ରହ କରିଥିଲେ ?

ଗ) ତୁମେ ଏଠାରେ କ'ଣ ନିର୍ଣ୍ଣୟ କରିବାକୁ ପଡ଼ିବ ?

ଘ) ଏହି ସମସ୍ୟାର ସମାଧାନ ପାଇଁ କେଉଁ ପ୍ରକ୍ରିୟାଟି ବ୍ୟବହାର କରିବାକୁ ପଡ଼ିବ ?

ଙ) ଭାରତୀୟ ଦଳ ଦ୍ୱିତୀୟ ଦିନ କେତେ ରନ୍ ସଂଗ୍ରହ କରିଥିଲେ ?

4. ଗୋଟିଏ ରେଳଗାଡ଼ିର ଗୋଟିଏ ବଗିରେ 60 ଜଣ ଏବଂ ଅନ୍ୟ ବଗିରେ 72 ଜଣ ଯାତ୍ରୀ ଥିଲେ । ତେବେ ଉଭୟ ବଗିରେ ଥିବା ମୋଟ ଯାତ୍ରୀ ସଂଖ୍ୟା କେତେ ?



ପ୍ରଥମ ବଗିରେ ଥିବା ଯାତ୍ରୀ ସଂଖ୍ୟା =

ଦ୍ୱିତୀୟ ବଗିରେ ଥିବା ଯାତ୍ରୀ ସଂଖ୍ୟା =


ଉଭୟ ବଗିରେ ଥିବା ମୋଟ ଯାତ୍ରୀ ସଂଖ୍ୟା =

AP SCERT




ଏହାକର

1. ଖାଲି ସ୍ଥାନରେ 1 ଠାରୁ 6 ପର୍ଯ୍ୟନ୍ତ ଅଙ୍କଗୁଡ଼ିକୁ ଏପରି ଭାବରେ ରଖ, ଯେପରି ତ୍ରିଭୁଜର ପ୍ରତ୍ୟେକ ପାର୍ଶ୍ୱର ଯୋଗଫଳ 9 ହେବ । ଗୋଟିଏ ଅଙ୍କକୁ ଥରେ ମାତ୍ର ବ୍ୟବହାର କରାଯିବା ଉଚିତ ।




2. 1 ଠାରୁ 6 ପର୍ଯ୍ୟନ୍ତ ଅଙ୍କଗୁଡ଼ିକୁ ବ୍ୟବହାର କରି ତ୍ରିଭୁଜର ପ୍ରତ୍ୟେକ ପାର୍ଶ୍ୱର ଯୋଗଫଳ 10 ଆସିବା ପରି ଖାଲି ସ୍ଥାନରେ ରଖ । ଗୋଟିଏ ଅଙ୍କକୁ ଥରେ ମାତ୍ର ବ୍ୟବହାର କରାଯିବା ଉଚିତ ।



3. ଏହି ଛଅଟି ଅଙ୍କକୁ ବ୍ୟବହାର କରି ତୁମେ ଆଉ କେଉଁ ମୋଟ ରାଶିକୁ ତିଆରି କରିପାରିବ ?

ତୁମେ ପ୍ରତି ପାର୍ଶ୍ୱରେ ଯୋଗଫଳ 12 ଆସିବା ଭଳି କରିପାରିବ କି ?





AP SCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହ 1–ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ(ସ୍ଥାନ ବିନିମୟ)

ଶିଶୁ ବ୍ୟାଙ୍କ:

ହର୍ଷ ଓ ରମ୍ୟା ଦୁହେଁ ସେମାନଙ୍କ ଜନ୍ମଦିନ ଉପଲକ୍ଷେ କିଛି ଟଙ୍କା ଅନୁଦାନ କରିବାକୁ ଚାହିଁଲେ । ସେମାନଙ୍କ ଶିଶୁବ୍ୟାଙ୍କ୍ ଖୋଲି ସେଥିରେ ଥିବା ଟଙ୍କା ଗଣିଲେ ।

ହର୍ଷ ପାଖରେ ₹639 ଥିଲା ଓ ତାଙ୍କ ମାଁ ତାକୁ ₹9 ଦେଲେ ।

ତା ପରେ ସେ ନିଜ ସଞ୍ଚିତ ପରିମାଣ ₹639 ରେ ₹9 ଯୋଗକଲା

= 639 + 9



ସୋପାନ– 1: ଏକକଗୁଡ଼ିକ ଯୋଗକର,

9 ଏକକ + 9 ଏକକ = 18 ଏକକ

= 10 ଏକକ + 8 ଏକକ

= 1 ଦଶ + 8 ଏକକ

10 ଏକକ = 1 ଦଶ

ଏଠାରେ ଆମେ 8କୁ ଏକକ ଘରାରେ ଲେଖୁ ଓ 1କୁ ଦଶକ ଘରାକୁ ନେଉଥାଉ ।

	ଶ	ଦ	ଏ
		1	
	6	3	9
+			9
			8

ସୋପାନ– 2: ଦଶକଗୁଡ଼ିକୁ ଯୋଗକର 3ଦଶକ + 1ଦଶକ(ସ୍ଥାନ ବିନିମୟ)

= 4ଦଶକ

ତେଣୁ ଦଶକ ଘରାରେ “4” ଲେଖୁ ।

	ଶ	ଦ	ଏ
		1	
	6	3	9
+			9
	6	4	8

ସୋପାନ– 3: ଶତକ ଘରାରେ ଅନ୍ୟ କୌଣସି ଅଙ୍କ ନଥିବାରୁ ଶତକ ଘରାରେ “6” ଲେଖୁ ।

ହର୍ଷ ପାଖରେ ଥିବା ମୋଟ ଟଙ୍କା = ₹648



ଏହାକର

ନିମ୍ନଗୁଡ଼ିକୁ କର ।

କ)

	ଶ	ଦ	ଏ
	5	6	8
+			7

ଖ)

	ଶ	ଦ	ଏ
	4	0	3
+			9

ଗ)

	ଶ	ଦ	ଏ
	7	9	5
+			8

ଗ) 678 + 7 = _____ ଘ) 836 + 6 = _____

ଙ) 205 ଠାରୁ 5 ଅଧିକ = _____

ଚ) 369 ଠାରୁ 9 ଅଧିକ = _____

APSCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହ 3–ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ(ସ୍ଥାନ ବିନିମୟ):


ହର୍ଷ ଓ ରମ୍ୟା ସେମାନଙ୍କ ଟଙ୍କା ଅନୁଦାନ କରିବାକୁ ଜ୍ୟୋତି ଅନାଥାଶ୍ରମକୁ ଗଲେ । ହର୍ଷ ₹ 438 ଓ ରମ୍ୟା ₹ 476 ଅନୁଦାନ କଲେ ।



ତେବେ ସେମାନେ ଅନାଥାଶ୍ରମକୁ ମୋଟ କେତେ ଟଙ୍କା ଅନୁଦାନ କରିଥିଲେ ଆସ ଗଣନା କରିବା ।

ସେମାନେ କେତେ ଟଙ୍କା ଅନୁଦାନ କଲେ ?

438 + 476 =



ଶ	ଦ	ଏ
1	1	
4	3	8
4	7	6
9	11	14
9	1	4

ହର୍ଷ ଓ ରମ୍ୟା ଅନୁଦାନ କରିଥିବା ମୋଟ ଟଙ୍କା = ₹ 914

ଉଦାହରଣ:

ହର୍ଷ ଓ ରମ୍ୟା ପାଇଁ ତାଙ୍କ ବାପା ନୂଆଁ ପୋଷାକ ଆଣିଲେ । ହର୍ଷର ପୋଷାକର ଦାମ ₹ 755 ଏବଂ ରମ୍ୟାର ପୋଷାକର ଦାମ ₹ 978 । ତେବେ ପୋଷାକ କିଣିବା ପାଇଁ କେତେ ଟଙ୍କା ଖର୍ଚ୍ଚ କରାଗଲା ?


ହଜାର	ଶତକ	ଦଶକ	ଏକକ	1000	100	10	1
	9	7	8				
	7	5	5				

APSCERT

ଆସ ଆକଳନ କରିବା!

ହର୍ଷ ଏବଂ ରମ୍ୟା ଏକ ''ଯାତରା''କୁ ଯାଇଥିଲେ । ଆସ ଦେଖିବା ସେମାନେ କ'ଣ କିଣିଛନ୍ତି ?

ହର୍ଷ ଯାତରାରେ ଖାଦ୍ୟ ପାଇଁ ₹ 68 ଏବଂ ଖେଳଣା ପାଇଁ ₹ 99 ଖର୍ଚ୍ଚ କଲା । ହର୍ଷ ଯାତରାରେ ପ୍ରାୟ କେତେ ଟଙ୍କା ଖର୍ଚ୍ଚ କଲା ?



ସଂଖ୍ୟାଗୁଡ଼ିକ ଦଶକରେ ଥିଲେ ସେଗୁଡ଼ିକୁ ଯୋଗ ସର୍ବଦା ସହଜ ହୋଇଥାଏ । 68 ହେଉଛି 70ର ନିକଟତମ ଅଟେ । ତେଣୁ ମୁଁ କହିପାରିବି ଯେ ମୁଁ ଖାଦ୍ୟ ପାଇଁ ପ୍ରାୟ ₹70 ଖର୍ଚ୍ଚ କରିଛି ।

ସେହିପରି ମୁଁ ଖେଳଣା ପାଇଁ ପ୍ରାୟ ₹100 ଖର୍ଚ୍ଚ କରିଛି । ତେଣୁ ମୁଁ ଯାତରାରେ ପ୍ରାୟ 70+100=170 ଖର୍ଚ୍ଚ କରିଛି ।



ରମ୍ୟା ଯାତରାରେ ଚଡ଼ି ପାଇଁ ₹145 ଅଳଙ୍କାର ପାଇଁ ₹175 ଖର୍ଚ୍ଚ କଲା । ସେ ଖର୍ଚ୍ଚ କରିଥିବା ମୋଟ ଟଙ୍କାକୁ ନିକଟତମ ଶହ ପର୍ଯ୍ୟନ୍ତ ଆକଳନ କର ।

ସଂଖ୍ୟାଗୁଡ଼ିକ ଶହରେ ଥିଲେ ଯୋଗ କରିବା ସହଜ ହୋଇଥାଏ । ଆମେ ଜାଣୁ ଯେ 145 ହେଉଛି 100ର ନିକଟତମ ଅଟେ । 175 ହେଉଛି 200 ର ନିକଟତମ ଅଟେ । ତେଣୁ ଯାତରାରେ ଲକ୍ଷ୍ମୀ ମୋଟ 100 + 200 = 300 ଖର୍ଚ୍ଚ କରିଛି ।

APSCERT



ଏହାକର

ନିମ୍ନଗୁଡ଼ିକର ଉତ୍ତରକୁ ଆକଳନ କର :


(କ) ଚାନ୍ଦିନୀ ଫଳ ପାଇଁ ₹91 ଏବଂ ପନିପରିବା ପାଇଁ ₹82 ଖର୍ଚ୍ଚ କଲା । ସେ ପ୍ରାୟ କେତେ ଟଙ୍କା ଖର୍ଚ୍ଚ କଲା ?

(ଖ) ପ୍ରିୟା ₹428 ସଞ୍ଚୟ କରିଥିଲା ଏବଂ ₹376 ଉପହାର ଭାବରେ ପାଇଥିଲା । ମୋଟ ଟଙ୍କାକୁ ନିକଟତମ ଶହେ ପର୍ଯ୍ୟନ୍ତ ଆକଳନ କର ।

(ଗ) ଡେଭିଡ୍ ସୋମବାର ଦିନ ₹497 ଏବଂ ମଙ୍ଗଳବାର ଦିନ ₹574 ରୋଜଗାର କରିଥିଲା । ସେ ମୋଟ କେତେ ଟଙ୍କା ରୋଜଗାର କରିଥିଲା ?

(ଘ) ଗୋଟିଏ ବଗିଚାରେ 25ଟି ପିଜୁଳି ଏବଂ 32ଟି ଆମ୍ବ ଅଛି । ତେବେ ସେହି ବଗିଚାରେ ମୋଟ କେତୋଟି ଗଛ ଅଛି ?

ଅନୁଶୀଳନୀ - 2



1. କ)

	ହ	ଶ	ଦ	ଏ
		8	4	5
+		3	6	5

ଖ)

	ହ	ଶ	ଦ	ଏ
		5	6	7
+		3	1	6

ଗ) 869 + 371 =

ଘ) 704 + 379 =

2. କୋଠରୀରେ ସଂଖ୍ୟାଗୁଡ଼ିକ ଲେଖି ଯୋଗକର । ତୁମ ପାଇଁ ଗୋଟିଏ କରାଯାଇଛି ।

କ) 462 + 8 =

	ଶ	ଦ	ଏ
	4	6	2
			8
+	4	7	0

ଖ) 325 + 42 =

	ଶ	ଦ	ଏ
+			

ଗ) 33 + 333 =

	ଶ	ଦ	ଏ
+			

3. ରମ୍ୟା ଯୋଗଗୁଡ଼ିକ ନିମ୍ନ ପ୍ରକାରେ କଲା । ଯଦି ଭୁଲ୍ ହୋଇଥାଏ ସଂଶୋଧନ କର ।

କ)
$$\begin{array}{r} 3\ 4\ 6 \\ +\ 1\ 7\ 2 \\ \hline 4\ 1\ 1\ 8 \end{array}$$

ଖ)
$$\begin{array}{r} 5\ 6\ 7 \\ +\ 3\ 1\ 6 \\ \hline 8\ 7\ 1\ 3 \end{array}$$

ଗ)
$$\begin{array}{r} 8\ 1\ 5 \\ +\ 3\ 2\ 3 \\ \hline 1\ 1\ 3\ 8 \end{array}$$

4. ନିମ୍ନ କୋଠରୀଗୁଡ଼ିକରେ ନିଖୋଜ ହୋଇଥିବା ଅଙ୍କଗୁଡ଼ିକ ଲେଖ ।

କ)
$$\begin{array}{r} 2\ 4\ 3 \\ +\ \square\ 2\ \square \\ \hline 6\ 7\ 2 \end{array}$$

ଖ)
$$\begin{array}{r} \square\ \square\ 5 \\ +\ 4\ 3\ 6 \\ \hline 7\ 8\ 1 \end{array}$$

ଗ)
$$\begin{array}{r} \square\ \square\ \square \\ +\ 6\ 3\ 9 \\ \hline 9\ 0\ 8 \end{array}$$

5. ଠିକ୍ ଉତ୍ତରକୁ ଗୋଲ ବୁଲାଅ । ଗୋଟିଏ ତୁମ ପାଇଁ କରାଯାଇଛି ।

କ)	48 + 96	134	(144)	154
ଖ)	312 + 9	3111	311	321
ଗ)	430 + 74	504	494	410
ଘ)	4529 + 678	1107	4197	5207
ଙ)	675 + 735	1410	1310	1400

AP SCERT

6. ରଫିଙ୍କ ଦୋକାନରେ 783ଟି ମହମବତୀ ପ୍ୟାକେଟ୍ ଥିଲା । ସେ ଇମ୍‌ତିଆଜ୍ ପାଖରୁ 237ଟି ମହମବତୀ ପ୍ୟାକେଟ୍ କିଣିଲା । ବର୍ତ୍ତମାନ ରଫି ପାଖରେ କେତୋଟି ମହମବତୀ ପ୍ୟାକେଟ୍ ଅଛି ?

7. ଗୋଟିଏ ବିଦ୍ୟାଳୟ ପାଠାଗାରରେ 468ଟି ତେଲୁଗୁ ବହି ଓ 655ଟି ଇଂରାଜୀ ବହି ଅଛି । ତେବେ ସେହି ପାଠାଗାରରେ ମୋଟ କେତୋଟି ବହି ଅଛି ?

8. 3–ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟା ସହ 2–ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କର ।

9. 3–ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟା 3–ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କର ।

10. ନିମ୍ନ ମଧ୍ୟରୁ କେଉଁ ସଂଖ୍ୟା ଯୋଡ଼ିର ମୋଟ 100 ହୁଏ ? ( )

54 **64** **46** **76**

କ) 46,64 ଖ) 46,54 ଗ) 54,76 ଘ) 64,46

11. 205 ଠାରୁ 15 ଅଧିକ = ... ( )

କ) 215 ଖ) 2110 ଗ) 190 ଘ) 220

ପ୍ରକଳ୍ପ କାର୍ଯ୍ୟ

ତୁମର ନିକଟସ୍ଥ ପାଚାରି ଦୋକାନରୁ ତଥ୍ୟ ସଂଗ୍ରହ କରି ତଳେ ଦିଆଯାଇଥିବା ସାରଣୀଟି ପୂରଣ କର ।

କ୍ର. ସଂ.	ଜିନିଷର ନାମ	କି.ଗ୍ରା. ପ୍ରତି ମୂଲ୍ୟ
1	ଚିନାବାଦାମ୍	
2	ବିରି	
3	ତେନ୍ତୁଳି	
4	ଲୁଗା ସଫା ପାଉଡର୍	
5	ହରଡ଼	

1. ଯଦି ତୁମେ ଚିନାବାଦାମ ଓ ତେନ୍ତୁଳି କିଣିବ ତେବେ ଦୋକାନୀକୁ କେତେ ଟଙ୍କା ପଇଠ କରିବ ?
2. କେଉଁ ଦୁଇଟି ଜିନିଷର ମୋଟ ମୂଲ୍ୟ ପ୍ରାୟ 200 ଅଟେ ?
3. ଯଦି ତୁମେ ଉପରୋକ୍ତ ସମସ୍ତ ଦିନିଷ କିଣିବ ତେବେ ଦୋକାନୀକୁ କେତେ ଟଙ୍କା ପଇଠ କରିବ ?

AP SCERT

ଶିକ୍ଷଣକୁ ଉନ୍ନତ କରିବା


1. 454 ଠାରୁ 8 ଅଧିକ ହେଉଛି..... ( )

   କ) 4512 ଖ) 1254 ଗ) 462 ଘ) 446

2. ନିମ୍ନ ମଧ୍ୟରୁ କେଉଁ ଉକ୍ତିଟି ଠିକ୍ ଅଟେ ? ( )

   କ) 18+4=112 ଖ) 12+9=111 ଗ) 17+6=77 ଘ) 14+16=30

3. ସୁଷମା ଏବଂ ତାଙ୍କ ବାପା ମଟର ଗାଡ଼ିରେ ନିକଟସ୍ଥ ସହରକୁ ଯାଉଛନ୍ତି । ସୁଷମାଙ୍କ ଘର ଠାରୁ ନିକଟସ୍ଥ ସହର ପର୍ଯ୍ୟନ୍ତ ମୋଟ ଦୂରତା କେତେ ? ( )



ପୂର୍ବରୁ 15କି.ମି. ଦୂରତା ଯାତ୍ରା କରି ସାରିଛନ୍ତି । ଆଉ 18କି.ମି. ଦୂରତା ଯାତ୍ରା କରିବାକୁ ହେବ ।

   କ) 3 ଖ) 15 ଗ) 18 ଘ) 33

4. ଜଣେ ପାଠାଗାର ପରିଚାଳକଙ୍କ ଠାରେ 450 ଟି ବହି ଅଛି । ସେଥି ମଧ୍ୟରୁ 215ଟି ତେଲୁଗୁ ବହି ଏବଂ ବଳକା ଇଂରାଜୀ ବହି ଅଟେ । ଯଦି ପାଠାଗାର ପରିଚାଳକ ଆଉ 15ଟି ତେଲୁଗୁ ବହି ଯୋଡ଼ନ୍ତି, ତେବେ ମୋଟ ତେଲୁଗୁ ଏବଂ ମୋଟ ବହି ସଂଖ୍ୟା କେତେ ନିର୍ଣ୍ଣୟ କର ?

5. ଗୋଟିଏ ରେଳଗାଡ଼ି କମ୍ପାର୍ଟମେଣ୍ଟ 'A' ରେ 75 ଜଣ ଲୋକ ଅଛନ୍ତି । କମ୍ପାର୍ଟମେଣ୍ଟ 'B' ରେ 72 ଜଣ ଲୋକ ଅଛନ୍ତି । ଟିକେଟ ସଂଗ୍ରହକ କହୁଛନ୍ତି ଯେ ମୋଟ "300 ରୁ ଅଧିକ ଲୋକ ଅଛନ୍ତି" । ଟିକେଟ ସଂଗ୍ରହକ ଠିକ୍ କହିଛନ୍ତି କି ? ତାଙ୍କ ଉକ୍ତି ଠିକ୍ କିମ୍ବା ଭୁଲ୍ ପ୍ରମାଣିତ କରିବା ପାଇଁ ତୁମେ ଗଣନା କର ।

6. ଏପରି ଦୁଇଟି ଭିନ୍ନ ସଂଖ୍ୟା ଯୋଡ଼ି ତିଆରି କର, ଯାହାକୁ ଯୋଗ କଲେ 100 ହେବ ।

7. ଅଲି ଏବଂ ବାଲା ଏକ ଖେଳ ଖେଳୁଛନ୍ତି । ଅଲି 48 ପଏଣ୍ଟ ପାଇଲା । ବାଲା ଅଲି ଠାରୁ 29 ପଏଣ୍ଟ ଅଧିକ ପାଇଲା ।

   କ) ବାଲା କେତେ ପଏଣ୍ଟ ପାଇଲା ?

   ଖ) ଅଲି ଏବଂ ବାଲା ମିଶି ମୋଟ କେତେ ପଏଣ୍ଟ ପାଇଲେ ?

8. ରାମୁ ଏକ ଦୋକାନକୁ ଯାଇ ₹120 ରେ ଏକ ଖେଳନା, ₹45 ରେ ଏକ ବଲ୍ ଏବଂ ₹ 85 ରେ ଏକ ବହି କିଣିଲା । ସେ ମୋଟ କେତେ ଟଙ୍କା ଖର୍ଚ୍ଚ କଲା ?

AP SCERT

ଅଧ୍ୟାୟ

3

ବିୟୋଗ

M2T3L1

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ:

- 3–ଅଙ୍କ ବିଶିଷ୍ଟ ସଂଖ୍ୟାରୁ 3–ଅଙ୍କ ବିଶିଷ୍ଟ ସଂଖ୍ୟାକୁ ବିୟୋଗ କରିବା । (CG-1)
- ଦୈନନ୍ଦିନ ଜୀବନର କାର୍ଯ୍ୟକଳାପଗୁଡ଼ିକୁ ନେଇ ଧାରା ଗଣିତ କରିପାରିବେ । (CG-4)
- ଦିଆଯାଇଥିବା ବିୟୋଗଗୁଡ଼ିକର ଫଳାଫଳକୁ କଳନା କରିପାରିବେ । (CG-1)



ଚରଣ ଏବଂ ନଳିନୀ ତାଙ୍କ ଜେଜେମାଁ ଙ୍କୁ ଖୁବ୍ ଭଲ ପାଆନ୍ତି । ସେ ତାଙ୍କ ଦୁହିଁଙ୍କ ଭଲ ସାଙ୍ଗ ଥିଲେ । ସେମାନେ ତାଙ୍କ ଗପ ଶୁଣିବାକୁ ଭଲ ପାଆନ୍ତି ।

ଦିନେ ଜେଜେମାଁ ତାଙ୍କୁ ଗୋଟିଏ ମ୍ୟାଜିକ୍ ଟ୍ରିକ୍ ଦେଖାଇଲେ । ଟେବୁଲ୍ ଉପରେ 20ଟି ଗୋଲି ଅଛି । ବର୍ତ୍ତମାନ ତୁମେ ତୁମ ହାତରେ କିଛି ଗୋଲି ଲୁଚାଅ । ତୁମେ କେତୋଟି ଗୋଲି ଲୁଚାଇଲ ମୁଁ କହିବି ।









ଶିକ୍ଷକଙ୍କ ସୂଚନା: ଏହି କୌଶଳଟି ତୁମ ପିଲାମାନଙ୍କ ସହ ଚର୍ଚ୍ଚାକର । ବିୟୋଗ ଶିଖିବାରେ ତୁମେ ପିଲାମାନଙ୍କୁ ସାହାଯ୍ୟ କର ।

ମୋଟ ମଞ୍ଜି	ଟେବୁଲ୍ ଉପରେ ଥିବା ମଞ୍ଜି	ଲୁଚାଇଥିବା ମଞ୍ଜି
20	12	
20	10	
20	8	
22	12	
25	14	
29	17	



APSCERT

ମାରିୟାମ୍ମା ଜଣେ କଦଳୀ ବିକ୍ରେତା ସେ ଜେଜେଙ୍କ ଘର ପାଖରେ ରହନ୍ତି ।

ଦିନେ ନଳିନୀ ଏବଂ ଚରଣ ମାରିୟାମ୍ମାଙ୍କ ଘରକୁ ଯାଇଥିଲେ । ସେ ଗୋଟିଏ ଟୋକେଇରେ କଦଳୀ ନେଇ ବଜାରକୁ ଯାଉଥିଲେ । ସେହି ଟୋକେଇରେ 156ଟି କଦଳୀ ଅଛି । ସେଥିରୁ ସେ ଦୁଇଟି କଦଳୀ ସେମାନଙ୍କୁ ଦେଲେ ।



ମାରିୟାମ୍ମାଙ୍କ ପାଖରେ କେତୋଟି କଦଳୀ ବଳକା ଅଛି ?

ଟୋକେଇରେ ଥିବା ମୋଟ କଦଳୀ	=	156
ରଣ ଏବଂ ନଳିନୀକୁ ଦେବା କଦଳୀ	=	(–) 2
ଟୋକେଇରେ ବଳକା କଦଳୀ	=	154




ଏହାକର

କ)	ଶ	ଦ	ଏ	ଖ)	ଶ	ଦ	ଏ	ଗ)	ଶ	ଦ	ଏ	ଘ)	ଶ	ଦ	ଏ
	2	3	6		3	2	7		4	7	8		5	6	9
	–		5		–		4		–		7		–		6

3–ଅଙ୍କ ବିଶିଷ୍ଟ ସଂଖ୍ୟାରୁ 3–ଅଙ୍କ ବିଶିଷ୍ଟ ସଂଖ୍ୟା ବିୟୋଗ କରିବା:

ଦାନାୟା ଗ୍ରାମଗୁଡ଼ିକରେ ହାତରେ ତିଆରି ତାଳପତ୍ର ବିଞ୍ଚଣାଗୁଡ଼ିକୁ ବିକ୍ରି କରନ୍ତି । ଦାନାୟା ପାଖରେ 113ଟି ତାଳପତ୍ର ବିଞ୍ଚଣା ଅଛି । ଶର୍ମା ରାସ୍ତାରେ ଦାନାୟାକୁ ଅଟକାଇ ପୂଜା କାର୍ଯ୍ୟକ୍ରମରେ ବାଣ୍ଟିବା ନିମନ୍ତେ 116ଟି ତାଳପତ୍ର ବିଞ୍ଚଣା କିଣିଲେ ।

ଆଉ କେତୋଟି ତାଳପତ୍ର ବିଞ୍ଚଣା ଆବଶ୍ୟକ ?



AP SCERT

			ଶ	ଦ	ଏ
ଆବଶ୍ୟକ ତାଳପତ୍ର ବିଞ୍ଚଣା ସଂଖ୍ୟା	=		1	1	6
ଉପଲବ୍ଧ ତାଳପତ୍ର ବିଞ୍ଚଣା ସଂଖ୍ୟା	=		− 1	1	3
ଆଉ ଆବଶ୍ୟକ ତାଳପତ୍ର ବିଞ୍ଚଣା ସଂଖ୍ୟା	=				

ସୋପାନ – 1: **ଏକକ ସ୍ଥାନର ବିୟୋଗ**

କ) 6 ଏକକରୁ 3 ଏକକ ବିୟୋଗ କର

ଖ) 6 ଏକକ – 3 ଏକକ = 3 ଏକକ

ଗ) ଏକକ ସ୍ଥାନରେ 3 କୁ ଲେଖ

ଶ	ଦ	ଏ
1	1	6
− 1	1	3
		3

ସୋପାନ – 2: **ଦଶକ ସ୍ଥାନର ବିୟୋଗ**

କ) 1 ରୁ 1 କୁ ବିୟୋଗ କର ।

ଖ) 1 ଦଶ – 1 ଦଶ = 0 ଦଶ ।

ଗ) ଦଶକ ସ୍ଥାନରେ 0 କୁ ଲେଖ ।

ଶ	ଦ	ଏ
1	1	6
− 1	1	3
	0	3



ସୋପାନ – 3: **ଶତକ ସ୍ଥାନର ବିୟୋଗ**

କ) 1 ଶତକରୁ 1 ଶତକ ବିୟୋଗ କର ।

ଖ) 1 ଶତକ – 1 ଶତକ = 0 ଶତକ ।

ଗ) ଶତକ ସ୍ଥାନରେ 0 ଲେଖ ।

ଶ	ଦ	ଏ
1	1	6
− 1	1	3
0	0	3

ଦାନାୟା ପାଖରେ ଆଉ 3ଟି ତାଳପତ୍ର ବିଞ୍ଚଣା ଥିଲେ ଶର୍ମାକୁ ଆବଶ୍ୟକ ତାଳପତ୍ର ବିଞ୍ଚଣା ଦେଇପାରିଥାନ୍ତା।

ଉଦାହରଣ:

ଯଦି ଦାନାୟା ପାଖରେ 113ଟି ତାଳପତ୍ର ବିଞ୍ଚଣା ଥାଆନ୍ତା ଏବଂ ଶର୍ମାକୁ 226ଟି ତାଳପତ୍ର ବିଞ୍ଚଣା ଆବଶ୍ୟକ ହୋଇଥାନ୍ତା ତେବେ କେତୋଟି ଅଧିକ ତାଳପତ୍ର ବିଞ୍ଚଣା ଆବଶ୍ୟକ ?

			ଶ	ଦ	ଏ
ଆବଶ୍ୟକ ତାଳପତ୍ର ବିଞ୍ଚଣା ସଂଖ୍ୟା	=		2	2	6
ଉପଲବ୍ଧ ତାଳପତ୍ର ବିଞ୍ଚଣା ସଂଖ୍ୟା	=		− 1	1	3
ଆବଶ୍ୟକ ତାଳପତ୍ର ବିଞ୍ଚଣା ସଂଖ୍ୟା	=				



AP SCERT

ଏହା କର

1.ଗୋଟିଏ ସାର୍ଟର ମୂଲ୍ୟ ₹485 । ସଂକ୍ରାନ୍ତି ପର୍ବ ସମୟରେ ସେହି ସାର୍ଟର ମୂଲ୍ୟ ₹35 କମିଲା । ତେବେ ଦର କମିବା ପରେ ସାର୍ଟର ମୂଲ୍ୟ କେତେ ?



		ଶ	ଦ	ଏ
ସାର୍ଟର ମୂଲ୍ୟ	=			
କମିବା ମୂଲ୍ୟ	=			
ସାର୍ଟର ପ୍ରକୃତ ମୂଲ୍ୟ	=			

2. ରମ୍ୟା ସଂକ୍ରାନ୍ତି ପର୍ବ ନିମନ୍ତେ ₹750 ରେ ନୂଆ ପୋଷାକ କିଣିବାକୁ ଇଚ୍ଛା କଲା । କିନ୍ତୁ ତା' ଶିଶୁ ବ୍ୟାଙ୍କରେ କେବଳ ₹550 ଥିଲା । ତେବେ ରମ୍ୟାକୁ ପୋଷାକ କିଣିବା ପାଇଁ ଆଉ କେତେ ଟଙ୍କା ଦରକାର ?



ଅନୁଶୀଳନୀ - ୧



1. **ଏହା କର ।**

କ) 3 5 6 (-) 4	ଖ) 4 7 8 (-) 2	ଗ) 5 8 3 (-) 2	ଘ) 8 7 6 (-) 4 2 3
ଙ) 7 4 5 (-) 1 3 2	ଚ) 2 6 7 (-) 1 3 3	ଛ) 4 7 8 (-) 1 1 4	ଛ) 6 7 9 (-) 4 3 1

2. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) 300 ଓ 200 ମଧ୍ୟରେ ପ୍ରଭେଦ କେତେ ?

ଖ) 175 ରୁ 125 ବିୟୋଗ କଲେ ବିୟୋଗଫଳ କେତେ ହେବ ?

3. ₹425 ରେ କେତେ ଯୋଗ କଲେ ତାହା ₹679 ହେବ ?


4. ଗୋଟିଏ ବିଦ୍ୟାଳୟରେ 385 ଜଣ ବିଦ୍ୟାର୍ଥୀ ଅଛନ୍ତି । ମଧ୍ୟାହ୍ନ ଭୋଜନ ପ୍ରତିନିଧିଙ୍କ ଠାରେ କେବଳ 142ଟି ଅଣ୍ଡା ଅଛି । ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଗୋଟିଏ ଲେଖାଏଁ ଅଣ୍ଡା ଦେବାପାଇଁ ଆଉ କେତୋଟି ଅଣ୍ଡା ଦରକାର ?

5. ସୋନୁ ପାଖରେ ₹50 ଅଛି । ସେ ଖାତା କିଣିବାକୁ ଦୋକାନକୁ ଗଲା । ଖାତାର ମୂଲ୍ୟ ₹75 ତେବେ ଖାତା କିଣିବା ପାଇଁ ତାକୁ ଆଉ କେତେ ଟଙ୍କା ଦରକାର ? ( )

କ) ₹15 ଖ) ₹20 ଗ) ₹25 ଘ) ₹125

AP SCERT

ପୁନଃଗଠନ ଦ୍ୱାରା 3–ଅଙ୍କ ବିଶିଷ୍ଟ ସଂଖ୍ୟାରୁ 2–ଅଙ୍କ ବିଶିଷ୍ଟ ସଂଖ୍ୟାର ବିୟୋଗ



ବର୍ତ୍ତମାନ ଦାନାୟା ପାଖରେ ₹ 337 ଅଛି । ହୋଟେଲ୍‌ରେ ଗୋଟିଏ ମସାଲା ଦୋସା ଖାଇ ସେ ₹ 48 ପଇଠ କଲା । ତେବେ ତା ପାଖରେ କେତେ ଟଙ୍କା ବଳକା ରହିବ ?

ଦାନାୟା ପାଖରେ ଥିବା ଟଙ୍କା = ₹ 3 3 7

ଦୋସା ପାଇଁ ପଇଠ କରିବା ଟଙ୍କା = ₹ – 4 8

ବଳକା ଟଙ୍କା = ₹ _____

ସୋପାନ– 1: **ଏକକ ସ୍ଥାନର ବିୟୋଗ**

କ) 7 ଅପେକ୍ଷା 8 ବୃହତ୍ତର ତେଣୁ ବିୟୋଗ କ୍ରିୟା ସମ୍ଭବ ନୁହେଁ ।

ଖ) ତେଣୁ ଦଶକ ସ୍ଥାନରେ ଥିବା 3 ଦଶରୁ 1 ଦଶ ଏକକ ସ୍ଥାନକୁ ନେବା

ଗ) ଏହି 1 ଦଶ ଏକକ ସ୍ଥାନକୁ ଗଲେ 10 ଏକ ହୁଏ ।
ବର୍ତ୍ତମାନ ଏକକ ସ୍ଥାନରେ 10+7=17 ଏକ ଅଛି ।

ଘ) 17 ରୁ 8 ବିୟୋଗ କର ।
17 ଏକକ – 8 ଏକକ = 9 ଏକକ

ଙ) ଏକକ ସ୍ଥାନରେ 9 ଲେଖ ।

ଶ	ଦ	ଏ
	2	(17)
3	~~3~~	~~7~~
–	4	8
		9

ସୋପାନ– 2: **ଦଶକ ସ୍ଥାନର ବିୟୋଗ**

କ) 2 ଅପେକ୍ଷା 4 ବୃହତ୍ତର, ତେଣୁ ବିୟୋଗ କ୍ରିୟା ସମ୍ଭବ ନୁହେଁ ।

ଖ) ତେଣୁ ଶତକ ସ୍ଥାନରେ ଥିବା 3 ଶହରୁ 1 ଶହ ଦଶକ ସ୍ଥାନକୁ ନେବା

ଗ) ଏହି 1 ଶହ ଦଶକ ସ୍ଥାନକୁ ଗଲେ 10 ଦଶ ହୁଏ ।
ବର୍ତ୍ତମାନ 10 ଦଶ + 2 ଦଶ = 12 ଦଶ

ଘ) 12 ଦଶରୁ 4 ଦଶ ବିୟୋଗ କଲେ
12 ଦଶ – 4 ଦଶ = 8 ଦଶ

ଙ) ଦଶକ ସ୍ଥାନରେ 8 ଲେଖ ।

ଶ	ଦ	ଏ
2	(12)	(17)
~~3~~	~~3~~	~~7~~
–	4	8
	8	9

APSCERT

ସୋପାନ– 3: **ଶତକ ସ୍ଥାନର ବିୟୋଗ**

ବର୍ତ୍ତମାନ ଶତକ ସ୍ଥାନରେ 2 ଅଛି ।

କ) ଶତକ ସ୍ଥାନରେ ବିୟୋଗ କରିବାକୁ ଅନ୍ୟ କୌଣସି ସଂଖ୍ୟା ନାହିଁ ।

ଖ) ତେଣୁ ଶତକ ସ୍ଥାନରେ 2 ଲେଖ ।

ବର୍ତ୍ତମାନ ଦାନାୟା ଠାରେ ₹289 ଅଛି ।

ଶ	ଦ	ଏ
2	(2)	(17)
~~3~~	~~3~~	~~7~~
–	4	8
2	8	9

ଉଦାହରଣ:

ଯଦି ଦୋସାର ମୂଲ୍ୟ ₹69 ହୁଏ ତେବେ ଦାନାୟା ପାଖରେ ଆଉ କେତେ ଟଙ୍କା ବଳକା ରହିବ ?

ଦାନାୟା ପାଖରେ ଥିବା ଟଙ୍କା = ₹ 3 3 7

ଦୋସା ପାଇଁ ଦେବା ଟଙ୍କା = ₹ – 6 9

ଦାନାୟା ପାଖରେ ଥିବା ବଳକା ଟଙ୍କା = ₹ _____



ଏହା କର

1) ନିମ୍ନଗୁଡ଼ିକୁ କର ।

କ) 4 2 5 (-) 3 7 = _____

ଖ) 5 4 6 (-) 6 9 = _____

ଗ) 6 3 5 (-) 7 7 = _____

2) ରାଜାୟା ପାଖରେ 342ଟି ମେଣ୍ଢା ଥିଲା । ସେଥିରୁ 65ଟି ମେଣ୍ଢା ବିକିଦେଲେ । ବର୍ତ୍ତମାନ ତା ପାଖରେ ଆଉ କେତୋଟି ମେଣ୍ଢା ଅଛି ?

AP SCERT

ପୁନଃଗଠନ ଦ୍ୱାରା 3–ଅଙ୍କ ବିଶିଷ୍ଟ ସଂଖ୍ୟାରୁ 3–ଅଙ୍କ ବିଶିଷ୍ଟ ସଂଖ୍ୟାର ବିୟୋଗ


ସ୍ୱାସ୍ଥ୍ୟ ଶିବିରରେ ଡାକ୍ତରବାବୁ ଦାନାୟାର ସ୍ୱାସ୍ଥ୍ୟ ପରୀକ୍ଷା କଲେ ଏବଂ ଗୋଟିଏ ଔଷଧ ଚିଟା ଲେଖିଦେଲେ । ଦାନାୟା ଗୋଟିଏ ଘରୋଇ ଔଷଧ ଦୋକାନକୁ ଗଲା । ଔଷଧର ମୂଲ୍ୟ ₹425 ହୁଏ ବୋଲି ଦୋକାନୀ କହିଲା ।



ଠିକ୍ ସେହି ଔଷଧ ଦାନାୟା ଗୋଟିଏ ଜେନେରିକ୍ ଔଷଧ ଦୋକାନରେ କିଣି ₹156 ପଇଠ କଲା । ତେବେ ଦାନାୟା ଜେନେରିକ ଔଷଧ ଦୋକାନରୁ ଔଷଧ କିଣି କେତେ ଟଙ୍କା ବଳକା ରଖିଲେ ?

		ଶ	ଦ	ଏ
ଘରୋଇ ଔଷଧ ଦୋକାନରେ ଔଷଧର ମୂଲ୍ୟ	=	4	2	5
ଜେନେରିକ୍ ଔଷଧ ଦୋକାନରେ ଔଷଧର ମୂଲ୍ୟ	=	(−)1	5	6
ମୂଲ୍ୟର ପ୍ରଭେଦ	=	₹		

ଆମେ ସଂଖ୍ୟା ବ୍ଲକ୍ ସାହାଯ୍ୟରେ 425 - 156 କୁ ସମାଧାନ କରିପାରିବା ।



APSCERT

ସୋପାନ – 1: ଏକକ ସ୍ଥାନର ବିୟୋଗ

କ) 5 < 6 ତେଣୁ 5 ରୁ 6 କୁ ବିୟୋଗ କରିବା ଅସମ୍ଭବ ।

ଖ) ଦଶକ ସ୍ଥାନର 2 ଦଶକ ଠାରୁ 1 ଦଶକକୁ ଏକକ ସ୍ଥାନକୁ ନେଲେ

ଗ) ବର୍ତ୍ତମାନ ଏକକ ସ୍ଥାନରେ 1 ଦଶ + 5 ଏକକ
= 10 ଏକକ + 5 ଏକକ = 15 ଏକକ

ଘ) 15 ଏକକରୁ 6 ଏକକ ବିୟୋଗ କର ।

ଙ) 15 ଏକକ – 6 ଏକକ = 9 ଏକକ

ଚ) ଏକକ ସ୍ଥାନରେ 9 ଲେଖ ।

ଶ	ଦ	ଏ
	(1)	(15)
4	~~2~~	~~5~~
– 1	5	6
		9

ସୋପାନ – 2: ଦଶକ ସ୍ଥାନର ବିୟୋଗ

କ) 1 < 5 ତେଣୁ ବିୟୋଗ ଅସମ୍ଭବ ।

ଖ) ଶତକ ସ୍ଥାନରେ 4 ଶତକ ଠାରୁ 1 ଶତକକୁ ଦଶକ ସ୍ଥାନକୁ ନେଲେ
(1 ଶତକ = 10 ଦଶକ)

ଗ) ବର୍ତ୍ତମାନ ଦଶକ ସ୍ଥାନରେ 10 ଦଶକ + 1 ଦଶ = 11 ଦଶକ ।

ଘ) 11 ଦଶକ ଠାରୁ 5 ଦଶକ ବିୟୋଗ କର ।

ଙ) 11 ଦଶକ – 5 ଦଶକ = 6 ଦଶକ

ଚ) ଦଶକ ସ୍ଥାନରେ 6 ଲେଖ ।

ଶ	ଦ	ଏ
3	(11)	(15)
~~4~~	~~2~~	~~5~~
– 1	5	6
	6	9

ସୋପାନ – 3: ଶତକ ସ୍ଥାନର ବିୟୋଗ

କ) 3 > 1

ଖ) 3 ଶତକ ଠାରୁ 1 ଶତକ ବିୟୋଗ କର ।

ଗ) 3 ଶତକ – 1 ଶତକ = 2 ଶତକ ।

ଘ) ଶତକ ସ୍ଥାନରେ 2 ଲେଖ ।

ଶ	ଦ	ଏ
3	(11)	(15)
~~4~~	~~2~~	~~5~~
– 1	5	6
2	6	9

ତେଣୁ ଉତ୍ତର ହେଉଛି ₹269, ଦାନାୟା ଘରୋଇ ଔଷଧ ଦୋକାନରେ ନ କିଣି ଜେନେରିକ୍ ଔଷଧ ଦୋକାନରେ କିଣିବା ଦ୍ୱାରା ₹269 ସଞ୍ଚୟ କରିପାରିଲେ ।

ଉଦାହରଣ: ଜଣେ ଗ୍ରାମବାସୀ ପୂର୍ବ ବର୍ଷ 125ଟି କମ୍ବଳ ଗରୀବ ଲୋକ ମାନଙ୍କୁ ବାଣ୍ଟିଲେ । ଚଳିତ ବର୍ଷ 270ଟି କମ୍ବଳ ବଣ୍ଟନ କଲେ । ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ କେତୋଟି କମ୍ବଳ ଅଧିକ ବାଣ୍ଟିଲେ ?

ଚଳିତ ବର୍ଷ ବାଣ୍ଟିବା କମ୍ବଳ ସଂଖ୍ୟା =
ପୂର୍ବ ବର୍ଷ ବାଣ୍ଟିବା କମ୍ବଳ ସଂଖ୍ୟା =
ଚଳିତ ବର୍ଷ ବଣ୍ଟନ ହୋଇଥିବା ଅଧିକ କମ୍ବଳ ସଂଖ୍ୟା =

ଶ	ଦ	ଏ

AP SCERT


ଉଦାହରଣ:

ନୀଲୁ ବିଦ୍ୟୁତ୍ ମିଟର ଦେଖି ଗୋଟିଏ ମାସର ରିଡ଼ିଙ୍ଗ୍ ନିମ୍ନ ପ୍ରକାରେ ଟିପିଲା ।

ପୂର୍ବ ମାସର ରିଡ଼ିଙ୍ଗ୍ = 269 ୟୁନିଟ୍

ଚଳିତ ମାସର ରିଡ଼ିଙ୍ଗ୍ = 327 ୟୁନିଟ୍

ତେବେ ଚଳିତ ମାସରେ ତାଙ୍କ ପରିବାର କେତେ ୟୁନିଟ୍ ବିଦ୍ୟୁତ୍ ବିନିଯୋଗ କଲେ ?



$$\begin{array}{r} 3\ 2\ 7 \\ (-)\ 2\ 6\ 9 \\ \hline 5\ 8 \\ \hline \end{array}$$

ନିଲୁଙ୍କ ପରିବାର ଚଳିତ ମାସରେ 58 ୟୁନିଟ୍ ବିଦ୍ୟୁତ୍ ବିନିଯୋଗ କରିଥିଲେ ।




ଏହା କର

ମାଙ୍କଡ଼ଟିକୁ କଦଳୀ ଖାଇବାରେ ସାହାଯ୍ୟ କର ।

1. ପାହଚ ଉପରେ ଥିବା ସଂଖ୍ୟାରୁ 192 ର ବିୟୋଗ କର । କଦଳୀ ନିକଟକୁ ପହଞ୍ଚିବା ପର୍ଯ୍ୟନ୍ତ ପ୍ରକ୍ରିୟାଟିକୁ ଚାଲୁ ରଖ ।







2. ଗୋଟିଏ କୁକୁଡ଼ା ଫାର୍ମରେ 520ଟି କୁକୁଡ଼ାରୁ 235ଟି କୁକୁଡ଼ା ବିକ୍ରି କଲେ । ଆଉ କେତୋଟି ବଳକା ରହିବ ?
3. ଗୋଟିଏ ବିଦ୍ୟାଳୟରେ ମୋଟ 432 ଜଣ ବିଦ୍ୟାର୍ଥୀ ଅଛନ୍ତି । ସେମାନଙ୍କ ମଧ୍ୟରୁ 245 ଜଣ ବାଳିକା ହେଲେ ବାଳକଙ୍କ ସଂଖ୍ୟା କେତେ ?
4. ଏକ ହଳ ଚପଲର ମୂଲ୍ୟ ₹250 । ରାଜୁ ପାଖରେ ₹195 ଅଛି । ସେହି ଚପଲ ହଳ କିଣିବା ପାଇଁ ଆଉ କେତେ ଟଙ୍କା ଦରକାର ?

AP SCERT

ଆକଳନ କରି ବିୟୋଗ କରିବା

ଚିତ୍ରଟିକୁ ଅନୁଧ୍ୟାନ କର ଏବଂ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ତୁମପାଇଁ ଗୋଟିଏ କରାଯାଇଛି ।



1) 140 ର ନିକଟତମ ଶହ — (100) — 200 — 300

2) 255 ର ନିକଟତମ ଶର — 100 — 200 — 300

3) 170 ର ନିକଟତମ ଶହ — 100 — 200 — 300

ପ୍ରଭେଦକୁ ଆକଳନ କରିବା

ଉଦାହରଣ: 375 – 215 — 100 — (200) — 300

375 ର ନିକଟତମ ସଂଖ୍ୟା 400

215 ର ନିକଟତମ ସଂଖ୍ୟା 200

400 ଓ 200 ମଧ୍ୟରେ ପ୍ରଭେଦ = 400 – 200 = 200

ତେଣୁ 375 ଓ 215 ର ପ୍ରଭେଦର ନିକଟତମ ସଂଖ୍ୟା = 200.





ଏହା କର

ପ୍ରଭେଦକୁ ଅନୁମାନ କର ଓ ନିକଟତମ ସଂଖ୍ୟାକୁ ଗୋଲ କର ।

କ) 520 – 180 — 300 — 400 — 500 — 600

ଖ) 685 – 210 — 500 — 600 — 700 — 400

ଶକୁନ୍ତଳା ଦେବୀ (4 ନଭେମ୍ବର 1929 – 21 ଏପ୍ରିଲ୍ 2013)

ଜଣେ ଭାରତୀୟ ଲେଖିକା ଏବଂ ମାନସିକ ଗଣନାକାରୀ ଥିଲେ । ସେ **"ମାନବ କମ୍ପ୍ୟୁଟର"** ଭାବେ ପ୍ରସିଦ୍ଧ ଥିଲେ । ତାଙ୍କର ଏହି ପ୍ରତିଭା 1982 ମସିହାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ସରେ ସ୍ଥାନ ପାଇଥିଲା । ମାନସିକ ଗଣିତ ବ୍ୟବହାର କରି ସେ ଦୁଇଟି 13 ଅଙ୍କ ବିଶିଷ୍ଟ ସଂଖ୍ୟାକୁ କେବଳ 28 ସେକେଣ୍ଡରେ ଗୁଣନ କରିପାରିଥିଲେ । ସେ କମ୍ପ୍ୟୁଟର ଅପେକ୍ଷା ଶୀଘ୍ର ଉତ୍ତର ଦେଇଥିଲେ ।




ଉତ୍ସ: ଗିନିଜ୍ ୱାର୍ଲ୍ଡ ରେକର୍ଡ଼ ଏବଂ ସବୁଠାରୁ ଦ୍ରୁତ ମାନବୀୟ ଗଣନା ।

AP SCERT

ଗଣିତର ମଜା

ବିୟୋଗ କ୍ରିୟା – କାର୍ଡ଼ ସହ ଖେଳ



ପ୍ରକାର: ଯୋଡ଼ା ଖେଳ

ଆବଶ୍ୟକ ଉପକରଣ: ସଂଖ୍ୟା କାର୍ଡ଼ (0–9)

କିପରି ଖେଳିବେ ?

ବିଦ୍ୟାର୍ଥୀମାନଙ୍କୁ ଦୁଇଜଣ ହିସାବରେ ଭାଗକରି (ବିଦ୍ୟାର୍ଥୀ–1, ବିଦ୍ୟାର୍ଥୀ–2)

ପ୍ରତି ଯୋଡ଼ାରେ 0 ଠାରୁ 9 ସଂଖ୍ୟା କାର୍ଡ଼ଗୁଡ଼ିକ ଦିଆଯିବ ।

ପ୍ରତି ଯୋଡ଼ା କାର୍ଡ଼ରୁ 3 ଟି କାର୍ଡ଼କୁ ଚୟନ କରିବେ ।

ଦୁଇଜଣ ବିଦ୍ୟାର୍ଥୀ ଠାରୁ ଜଣେ 3–ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାକୁ ପ୍ରସ୍ତୁତ କରିବେ । ଅନ୍ୟ ଜଣେ 3–ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟାଟି ପ୍ରସ୍ତୁତ କରିବେ ।

ପ୍ରତ୍ୟେକ ବିଦ୍ୟାର୍ଥୀ ବୃହତ୍ତମ ସଂଖ୍ୟାଠାରୁ କ୍ଷୁଦ୍ରତମ ସଂଖ୍ୟାକୁ ଅଲଗା ଅଲଗାରେ ବିୟୋଗ କରିବେ ।

ଉତ୍ତର ଲେଖି ତାଙ୍କ ଯୋଡ଼ି ସହ ଚର୍ଚ୍ଚା କରିବେ ।

ପ୍ରକଳ୍ପ କାର୍ଯ୍ୟ

ତୁମ ଗ୍ରାମର ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କର । ସେଠାରେ ଅଣ୍ଡା ବଣ୍ଟନର ବିବରଣୀ ସଂଗ୍ରହ କରି, ନିମ୍ନ ସାରଣୀରେ ପଞ୍ଜୀକରଣ କର ।

କ୍ର.ସଂଖ୍ୟା	ଦିନ	ଗଚ୍ଛିତ ଥିବା ଅଣ୍ଡା ସଂଖ୍ୟା	ବ୍ୟବହୃତ ଅଣ୍ଡା ସଂଖ୍ୟା	ବଳକା ଅଣ୍ଡା ସଂଖ୍ୟା
1	ସୋମବାର			
2	ମଙ୍ଗଳବାର			
3	ବୁଧବାର			
4	ଗୁରୁବାର			
5	ଶୁକ୍ରବାର			
6	ଶନିବାର			

କ) କେଉଁ ଦିନ ସବୁଠାରୁ ଅଧିକ ଅଣ୍ଡା ବଳକା ରହିଲା ?.....

ଖ) କେଉଁ ଦିନ ସବୁଠାରୁ କମ୍ ଅଣ୍ଡା ବଳକା ରହିଲା ? .....

ଗ) 6 ଦିନରେ ବ୍ୟବହୃତ ମୋଟ ଅଣ୍ଡା ସଂଖ୍ୟା କେତେ ? .....

AP SCERT

ଅନୁଶୀଳନୀ - 2



1. ନିମ୍ନଗୁଡ଼ିକୁ ମେଳ କର । ତୁମପାଇଁ ଗୋଟିଏ ମେଳ କରାଯାଇଛି ।

200 - 112	218
415 - 197	315
642 - 327	88
941 - 149	783
960 - 177	792

2. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ବିୟୋଗକୁ ସଠିକ୍ କରିବା ପାଇଁ ନିଖୋଜ ସଂଖ୍ୟାଗୁଡ଼ିକୁ ପୂରଣ କର ।

8			9	3		5	6	
4		-			-	1	9	8
3	5		3	5			6	9

3. ରମ୍ୟା ଜଣେ ପିଜୁଲି ବିକ୍ରେତା । ତା ଟୋକେଇରେ ସକାଳ ସମୟରେ 500ଟି ପିଜୁଲି ଥିଲା । ସନ୍ଧ୍ୟା ସମୟରେ ତା ପାଖରେ 295ଟି ପିଜୁଲି ଅଛି । ତେବେ ସେ କେତୋଟି ପିଜୁଲି ବିକ୍ରି କଲା ?

4. ଗୋଟିଏ ବିଦ୍ୟାଳୟରେ ମୋଟ 650ଟି ଚିକ୍କି ଅଛି । ମଧ୍ୟାହ୍ନ ଭୋଜନରେ 579ଟି ଚିକ୍କି ବଣ୍ଟନ କଲେ । ତେବେ ଆଉ କେତୋଟି ଚିକ୍କି ବଳକା ରହିବ ?

5. ମୋ ପାଖରେ କିଛି ଟଙ୍କା ଅଛି । ଯଦି ତୁମେ ମୋତେ ₹200 ଦେବ ତେବେ ମୋ ପାଖରେ ମୋଟ ₹780 ହେବ । ତେବେ ମୋ ପାଖରେ ପୂର୍ବରୁ କେତେ ଟଙ୍କା ଥିଲା ?

6. ନରେଶଙ୍କ ପାଖରେ ₹500 ଅଛି । ନିମ୍ନଲିଖିତ ବସ୍ତୁମାନଙ୍କ ମଧ୍ୟରୁ ସେ କେଉଁଗୁଡ଼ିକ କିଣି ପାରିବ ?

1) ସାର୍ଟ = ₹200 2) ପ୍ୟାଣ୍ଟ୍ = ₹300 3) ଜୋତା = ₹400 4) ବ୍ୟାଗ୍ = ₹300
5) ବଲ୍ = ₹200 6) ପାଣି ବୋତଲ = ₹100 7) ବ୍ୟାଟ୍ = ₹400

7. ନିମ୍ନରେ ଦର୍ଶାଇବା ଚାରୋଟି ସଂଖ୍ୟା କାର୍ଡ଼ଗୁଡ଼ିକୁ ଲକ୍ଷ୍ୟ କର ।

22	24	32	42
କାର୍ଡ଼ A	କାର୍ଡ଼ B	କାର୍ଡ଼ C	କାର୍ଡ଼ D

ରାଧା ଦୁଇଟି କାର୍ଡ଼କୁ ଚୟନ କଲା । ସେ ଦୁଇଟି କାର୍ଡ଼ ମଧ୍ୟରେ ପ୍ରଭେଦ 20 ତେବେ ସେ କେଉଁ କାର୍ଡ଼କୁ ଚୟନ କରିଥିବ ?

କ) A ଏବଂ B ଖ) A ଏବଂ C ଗ) B ଏବଂ C ଘ) A ଏବଂ D

AP SCERT


ଶିକ୍ଷଣକୁ ଉନ୍ନତ କରିବା

1. ଖାଲି କୋଠରୀରେ ଲେଖିବାକୁ ଥିବା ସଂଖ୍ୟାଟି ନିର୍ଣ୍ଣୟ କର ? ( )

90 - ☐ = 78

କ) 1 ଖ) 12 ଗ) 22 ଘ) 28

2. ନିମ୍ନରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ଦେଖ ।



କ) ..... ଖ) .....

3. ସ୍ୱପ୍ନା ଗୋଟିଏ ମେଳା(ଯାତରା) ରେ ଲାଲ ଓ ହଳଦିଆ ଫୁଲ ବିକ୍ରି କରୁଛି । ତାଙ୍କ ପାଖରେ ମୋଟ 278ଟି ଫୁଲ ଅଛି।

କ) ଯଦି 45 ଟି ଫୁଲ ହଳଦିଆ, ତେବେ କେତୋଟି ଲାଲ ଫୁଲ ଅଛି ?

ଖ) ଦିନ ଶେଷରେ ସ୍ୱପ୍ନାଙ୍କ ପାଖରେ 129ଟି ଫୁଲ ବଳକା ରହିଗଲା । ସେ କେତୋଟି ଫୁଲ ବିକ୍ରି କଲେ ?

4. ନିମ୍ନରେ ଦର୍ଶାଯାଇଥିବା 4ଟି କାର୍ଡ଼କୁ ଦେଖ । ( )

22	24	32	42
କାର୍ଡ଼ A	କାର୍ଡ଼ B	କାର୍ଡ଼ C	କାର୍ଡ଼ D

ରାଧା ଗୋଟିଏ ସମୂହରୁ ଦୁଇଟି କାର୍ଡ଼ ବାଛିଲା । ସେହି ଦୁଇଟି କାର୍ଡ଼ ମଧ୍ୟରେ ପ୍ରଭେଦ 20 । ସେ କେଉଁ କାର୍ଡ଼ଗୁଡ଼ିକ ବାଛିଥିଲା ?

କ) A ଏବଂ B ଖ) A ଏବଂ C ଗ) B ଏବଂ C ଘ) A ଏବଂ D

5. ଜଣେ ପିଜୁଳୀ ବେପାରୀ କିଛି ଫଳ ନେଇ ବେପାର ଆରମ୍ଭ କଲେ । 149ଟି ଫଳ ବିକିବା ପରେ ତାଙ୍କ ଠାରେ 251ଟି ବଳକା ରହୁଛି । ସେ 400ଟି ଫଳରେ ବେପାର ଆରମ୍ଭ କରିଛନ୍ତି ବୋଲି ଦାବି କଲେ । ଏହାକୁ ବିୟୋଗ ପ୍ରକ୍ରିୟା ଦ୍ୱାରା ମୂଲ୍ୟାୟନ କର ।

6. 112, 132, 155, 175, 195 ସଂଖ୍ୟାଗୁଡ଼ିକୁ ନେଇ ତିନୋଟି ଭିନ୍ନ ସଂଖ୍ୟା ଯୋଡ଼ା ନିର୍ଣ୍ଣୟ କର ଯାହାର ପ୍ରଭେଦ 20 ରହିବ । ତା ପରେ ପ୍ରଭେଦ ଠିକ୍ 43 ହେବାପରି ଆଉ ଗୋଟିଏ ଯୋଡ଼ା ତିଆରି କର ।

AP SCERT

ଅଧ୍ୟାୟ


4

ଗୁଣନ

I8V2E2

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ:

- 2–ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ 1–ଅଙ୍କ ବିଶିଷ୍ଟ ସଂଖ୍ୟା ଦ୍ୱାରା ଗୁଣିପାରିବେ । (CG-1)
- 2–ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ 2–ଅଙ୍କ ବିଶିଷ୍ଟ ସଂଖ୍ୟା ଦ୍ୱାରା ଗୁଣିପାରିବେ । (CG-1)
- 3–ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ 1–ଅଙ୍କ ବିଶିଷ୍ଟ ସଂଖ୍ୟା ଦ୍ୱାରା ଗୁଣିପାରିବେ । (CG-1,4)
- 6 ଠାରୁ 9 ପର୍ଯ୍ୟନ୍ତ ପଣକିୟା ଗଠନ କରିପାରିବେ । (CG-1)



APSCERT

ଉପରୋକ୍ତ ଚିତ୍ରଟିକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

1) ଦୋକାନରେ କେତୋଟି ସେଓ ଅଛି ?

 କେତୋଟି ଧାଡ଼ି ସେଓ ଅଛି ? _____

ପ୍ରତ୍ୟେକ ଧାଡ଼ିରେ କେତୋଟି ସେଓ ଅଛି ? _____

ମୋଟ ସେଓ ସଂଖ୍ୟା _____


2) ସେଓର ମୂଲ୍ୟ ଆମ୍ବର ମୂଲ୍ୟର କେତେ ଗୁଣ ?

3) ଯଦି ତୁମେ ଦୋକାନରେ ଦୁଇ ଡଜନ କଦଳୀ କିଣିବାକୁ ହେଲେ ଦୋକାନୀକୁ କେତେ ଟଙ୍କା ଦେବାକୁ ହେବ ?

4) 3 କି.ଗ୍ରା ଆମ୍ବ ଏବଂ 1 କି.ଗ୍ରା. ସେଓ କିଣିବାକୁ ହେଲେ ତୁମେ ଦୋକାନୀକୁ କେତେ ଟଙ୍କା ଦେବାକୁ ହେବ ?

ଗଣିତ ଖେଳ

- 1 ଠାରୁ 10 ପର୍ଯ୍ୟନ୍ତ 10ଟି ସଂଖ୍ୟା କାର୍ଡ଼ ଅଛି । ସିଲ୍ ହୋଇଥିବା 5ଟି ଲଫାପା ଅଛି ।
- ଯେକୌଣସି ଦୁଇଟି ସଂଖ୍ୟା କାର୍ଡ଼ ନିଅ । ସେହି ସଂଖ୍ୟାଗୁଡ଼ିକର ଗୁଣଫଳ ଲଫାପା ଉପରେ ଲେଖାଯାଇଥିବା ସଂଖ୍ୟା ସହିତ ମେଳ ହେବା ଉଚିତ ।
- ଉଦାହରଣ ସ୍ୱରୂପ, 5ମ ଲଫାପାରେ 5 ଏବଂ 9 ସଂଖ୍ୟା ଥିବା କାର୍ଡ଼ ରହିଛି । ସେହି ସଂଖ୍ୟାଗୁଡ଼ିକର(5 ଏବଂ 9) ଗୁଣଫଳ $5 \times 9 = 45$.



ପ୍ରତ୍ୟେକ ଲଫାପା ଭିତରେ ଥିବା ସଂଖ୍ୟା କାର୍ଡ଼ଗୁଡ଼ିକୁ ଚିହ୍ନଟ କର ।



ଅଞ୍ଜଳି ଏବଂ ପବନ ଗୁଣନ ସାରଣୀ ସହିତ ଖେଳୁଛନ୍ତି ।



ପବନ: 7 ର 8 ଗୁଣ କେତେ ?

ଅଞ୍ଜଳି: 56

ଅଞ୍ଜଳି: 6 ର 13 ଗୁଣ କେତେ ?

ପବନ: ମୁଁ ଜାଣିନି । ମୋତେ କେବଳ 10 ପର୍ଯ୍ୟନ୍ତ ପଣକିଆ ଜଣା ।

ଅଞ୍ଜଳି: ତୁମେ 13 ପଣକିଆ ଜାଣିନଥିଲେ ମଧ୍ୟ ଏହି ପ୍ରଶ୍ନର ଉତ୍ତର ଦେଇପାରିବ । 13କୁ 10+3 ରୂପେ ଭାଗକର । ପରେ ଏହି ସଂଖ୍ୟାଗୁଡ଼ିକୁ 6 ସହିତ ଗୁଣନ କରି ଗୁଣଫଳଗୁଡ଼ିକୁ ଯୋଗକର । ମୁଁ ଏହାକୁ ତୁମର ଖାତାରେ ଦେଖାଇବି ।

APSCERT

13×6

$13 = 10 + 3$

ତେଣୁ $13 \times 6 = 10 \times 6 + 3 \times 6$

$= 60 + 18$

$= 78$



ପବନ: ଓଃ! ଏହା ଅତି ସହଜ । ବର୍ତ୍ତମାନ ମୁଁ 13 କୁ 8+5 ରୂପେ ଲେଖିପାରିବା ।



13×6

$13 = 8 + 5$

ତେଣୁ $13 \times 6 = 8 \times 6 + 5 \times 6$

$= 48 + 30$

$= 78$

ଅଞ୍ଜଳି: ଗୋଟିଏ ବୃହତ୍ତମ ସଂଖ୍ୟାକୁ କ୍ଷୁଦ୍ରତମ ସଂଖ୍ୟାରେ ବିଭକ୍ତ କରିବା ଦ୍ୱାରା ଗୁଣନ ସହଜ ହୋଇଥାଏ ।

ବର୍ତ୍ତମାନ ଆସ, ଆମେ ଗୁଣନ ଅଭ୍ୟାସ କରିବା ।



ଏହାକର

1. ନିମ୍ନଗୁଡ଼ିକୁ କର ।

କ) ଦ	ଏ
1	4
×	3

ଖ) ଦ	ଏ
1	2
×	5

ଗ) ଦ	ଏ
1	3
×	4

$13 \times 6 = 78$

13	6	78
ଗୁଣ୍ୟ	ଗୁଣକ	ଗୁଣଫଳ

$21 \times 2 = 42$ ରେ,

ଗୁଣ୍ୟ କେତେ ? ଉତ୍ତର = _____

ଗୁଣକ କେତ ? ଉତ୍ତର = _____

ଗୁଣଫଳ କେତେ ? ଉତ୍ତର = _____



AP SCERT

2. କାର୍ତ୍ତିକ ପାଖରେ 4ଟି ପ୍ୟାକେଟ୍ ଅଛି । ପ୍ରତ୍ୟେକ ପ୍ୟାକେଟ୍‌ରେ 4ଟି ଫୋଟକା ଅଛି । ତେବେ ମୋଟ କେତୋଟି ଫୋଟକା ଅଛି ?

ପ୍ରତ୍ୟେକ ପ୍ୟାକେଟ୍‌ରେ ଥିବା ଫୋଟକା = 24

ପ୍ୟାକେଟ୍ ସଂଖ୍ୟା = _____

ମୋଟ ଫୋଟକା ସଂଖ୍ୟା = 24 × _____ = _____

3. ଗୋଟିଏ ମୁଣିରେ 12ଟି କଦଳୀ ଅଛି । ସେହିଭଳି 5ଟି ମୁଣିରେ କେତୋଟି କଦଳୀ ରହିବ ?



ପ୍ରତ୍ୟେକ ମୁଣିରେ ଥିବା କଦଳୀ = _____

ମୁଣି ସଂଖ୍ୟା = 5

ମୋଟ କଦଳୀ ସଂଖ୍ୟା = _____ × 5


= _____

ଗୁଣନର ଅନ୍ୟ ଏକ ପ୍ରଣାଳୀ:

ଗୋଟିଏ ଧାଡ଼ିରେ 47ଟି ନିମ୍ବ ଗଛ ଅଛି । ସେହିଭଳି 3ଟି ଧାଡ଼ିରେ କେତୋଟି ନିମ୍ବ ଗଛ ରହିଥିବ ?

ରୋଜାବାଇ ଏହି ପ୍ରକାରେ ସମାଧାନ କଲା ।

ଶ	ଦ	ଏ
	4	7
	×	3
1	4	1



ପଦ୍ମଜା କହିଲେ ଯେ ଆମେ ଏହାକୁ ବିସ୍ତାରିତ ରୂପରେ ମଧ୍ୟ କରିପାରିବା ।

47 × 3 = (40 + 7) × 3

= (40 × 3) + (7 × 3)

= 120 + 21

= 141

ଉଦାହରଣ:

ଗୋଟିଏ ମୁଣିରେ 32ଟି ନଡ଼ିଆ ଅଛି । ଏପରି 4ଟି ମୁଣିରେ ମୋଟ କେତେ ନଡ଼ିଆ ଥିବ ?



ଗୋଟିଏ ମୁଣିରେ ଥିବା ନଡ଼ିଆ ସଂଖ୍ୟା = 32

ମୁଣି ସଂଖ୍ୟା =

ସମସ୍ତ ମୁଣିରେ ଥିବା ନଡ଼ିଆ ସଂଖ୍ୟା = _____ × _____

=

AP SCERT

ଏହା କର

1. ନିମ୍ନଗୁଡ଼ିକୁ କର ।

କ) 86 × 2 = _____ ଖ) 64 × 3 = _____

ଗ) 45 × 5 = _____ ଘ) 58 × 4 = _____

2. ଗୋଟିଏ ପେଢ଼ିରେ 50ଟି ବହି ଅଛି । ଏପରି 4ଟି ପେଢ଼ିରେ ମୋଟ କେତୋଟି ବହି ରହିଛି ?

ଗୋଟିଏ ପେଢ଼ିରେ ଥିବା ବହି ସଂଖ୍ୟା =

ମୋଟ ପେଢ଼ି ସଂଖ୍ୟା =


ମୋଟ ବହି ସଂଖ୍ୟା =

3. ଗୋଟିଏ ପେନ୍‌ସିଲ୍‌ର ମୂଲ୍ୟ ₹4 ହେଲେ 32ଟି ପେନ୍‌ସିଲ୍‌ର ମୂଲ୍ୟ କେତେ ?

ଗଣିତ ପରୀକ୍ଷାଗାର କାର୍ଯ୍ୟ


ରାମବାବୁ ଗୁଣନ ସାରଣୀ ଲେଖିବା ପାଇଁ ଅନ୍ୟ ଏକ ପ୍ରକାର ଉପାୟ କଗୁଛନ୍ତି । ଏଥିରୁ ତୁମେ କୌଣସି ପୁନରାବୃତ୍ତି ଯୋଗ ଦେଖୁଛ କି ?

ରାମବାବୁ ପାଖରେ କିଛି କାଠି ଥିଲା । ସେ ସେଗୁଡ଼ିକୁ ଏହି ପ୍ରକାରରେ ସଜାଇଲେ । ସେ କାଠିଗୁଡ଼ିକ ଯେଉଁ ସ୍ଥାନରେ ମଶିଛି ସେହି ସ୍ଥାନଗୁଡ଼ିକୁ ଦର୍ଶାଉଥିବା କଳା ବିନ୍ଦୁଗୁଡ଼ିକୁ ଗଣନା କଲେ ।



ଆସ, କାଠିଗୁଡ଼ିକ ବ୍ୟବହାର କରି 5 ପଣକିଆ ତିଆରି କରିବାକୁ ଚେଷ୍ଟା କରିବା ।

1 ଥର 5 = 5



2 ଥର 5 = 10

3 ଥର 5 = 15

1 x 5 = 5
2 x 5 = 10
3 x 5 = 15
4 x 5 =
5 x 5 =
6 x 5 =
7 x 5 =
8 x 5 =
9 x 5 =
10 x 5 =

କାଠିଗୁଡ଼ିକୁ ବ୍ୟବହାର କରି 5 ପଣକିଆ ପୂରଣ କର ।

ଉପରେ ଦର୍ଶାଇଥିବା କାଠି ପଦ୍ଧତିକୁ ବ୍ୟବହାର କରି 6 ଓ 10 ପଣକିଆ ପ୍ରସ୍ତୁତ କର ।

APSCERT

ପଣକିଆ ତିଆରି କରିବା:

1ମ ପଦ୍ଧତି: 5 ପଣକିଆ, 1 ପଣକିଆ ଯୋଗକରି 6 ପଣକିଆ ତିଆରି କରିବା ।

5 ପଣକିଆ	5	10	15	20	25	30	35	40	45	50
1 ପଣକିଆ	1	2	3	4	5	6	7	8	9	10
6 ପଣକିଆ	6	12	18	24	30	36	42	48	54	60

1 × 6 କୁ 1 ଥର 6 ବୋଲି ପଢ଼ାଯାଏ । ଅର୍ଥାତ୍ 6 × 1 = 6.

ଆମେ କହିପାରିବା ଯେ 1 × 6 = 6 × 1 = 6

2 × 6 କୁ 2 ଥର 6 ବୋଲି ପଢ଼ାଯାଏ । ଅର୍ଥାତ୍ 6 × 2 = 12

ଆମେ କହିପାରିବା ଯେ 2 × 6 = 6 × 2 = 12

3 × 6 କୁ _____ ବୋଲି ପଢ଼ାଯାଏ ।


ଆମେ କହିପାରିବା ଯେ 3 × 6 = ___ 6 × 3 = _____

ଆମେ ସଂଖ୍ୟାଗୁଡ଼ିକୁ ଯେକୌଣସି କ୍ରମରେ ଗୁଣନ କରିପାରିବା । ଗୁଣଫଳ ସମାନ ରହେ ।

6 ପଣକିଆ, 3 ପଣକିଆ ଯୋଗକରି 9 ପଣକିଆ ତିଆରି କରିବା ।

6 ପଣକିଆ	6	12		24		36		48	54	60
3 ପଣକିଆ	3	6	9		15		21		27	30
9ପଣକିଆ	9	18								90

2ୟ ପଦ୍ଧତି: ପତ୍ରଗୁଡ଼ିକୁ ଗଣନା କରି 9 ପଣକିଆ ତିଆରି କରିବା ।

	1 × 9 = 9	9 × 1 = 9
	2 × 9 = 18	9 × 2 = 18
	3 × 9 = 27	9 × 3 = 27
	4 × 9 = 36	9 × 4 = 36
	5 × 9 = 45	9 × 5 = 45
	6 × 9 = 54	9 × 6 = 54
	7 × 9 = 63	9 × 7 = 63
	8 × 9 = 72	9 × 8 = 72
	9 × 9 = 81	9 × 9 = 81
	10 × 9 = 90	9 × 10 = 90

AP SCERT

ନିମ୍ନ ଢାଞ୍ଚାକୁ ଅନୁଧ୍ୟାନ କର ।

1 × 9 = 09	(0 + 9 = 9)
2 × 9 = 18	(1 + 8 = 9)
3 × 9 = 27	(2 + 7 = 9)
4 × 9 = 36	(3 + 6 = 9)
5 × 9 = 45	(4 + 5 = 9)
6 × 9 = 54	(____ + ____ = ____)
7 × 9 = 63	(____ + ____ = ____)
8 × 9 = 72	(____ + ____ = ____)
9 × 9 = 81	(____ + ____ = ____)
10 × 9 = 90	(____ + ____ = ____)

9 ପଣକିଆରେ ଏକକ ସ୍ଥାନର ସମସ୍ତ ଅଙ୍କ କ୍ରମଶଃ କମୁଛି ଏବଂ ଦଶକ ସ୍ଥାନର ଅଙ୍କ କ୍ରମଶଃ ବଢୁଛି ।



ଏଗୁଡ଼ିକୁ ଅନୁଧ୍ୟାନ କରି ନିଜ ଭାଷାରେ ପ୍ରକାଶ କର ।

1. 9 × 5 = 45, 5 × 9 = 45 ତେଣୁ 5 × 9 = 9 × 5 = 45
2. 4 × 30 = 120, 30 × 4 = 120 ତେଣୁ 4 × 30 = 30 × 4 = 120



ଏହା କର

1. 5 ପଣକିଆ ଓ 2 ପଣକିଆ ବ୍ୟବହାର କରି 7 ପଣକିଆ ପ୍ରସ୍ତୁତ କର ।
2. 7 ପଣକିଆ ଓ 2 ପଣକିଆ ବ୍ୟବହାର କରି 9 ପଣକିଆ ପ୍ରସ୍ତୁତ କର ।
3. ଯେକୌଣସି ଦୁଇଟି ପଣକିଆ ବ୍ୟବହାର କରି 8 ପଣକିଆ ପ୍ରସ୍ତୁତ କର ।



10 ଦ୍ୱାରା ଗୁଣନ

ଗୋଟିଏ ପ୍ୟାକେଟ୍‌ରେ 10ଟି ପେନ୍‌ସିଲ୍ ଅଛି ।

(କ) 2ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? 2 x 10 = 20

(ଖ) 3ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? 3 x 10 = 30

(ଗ) 4ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? 4 x 10 = 40

(ଘ) 8ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? _____

(ଙ) 10ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? _____

(ଚ) 14ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? _____

(ଛ) 26ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? _____

(ଜ) 57ଟି ପ୍ୟାକେଟ୍‌ରେ କେତୋଟି ପେନ୍‌ସିଲ୍ ଅଛି ? _____




AP SCERT

ଯେତେବେଳେ ଆମେ କୌଣସି ସଂଖ୍ୟାକୁ 10 ଦ୍ୱାରା ଗୁଣନ କରୁ, ଗୁଣଫଳରେ ସେହି ସଂଖ୍ୟା ପରେ ଗୋଟିଏ '0' (ଶୂନ) ଯୋଡ଼ାଯାଏ ।



ଏହା କର

1. 34 × 10 = 340	10 × 34 = 340
2. 80 × 10 = 800	10 × 80 = _____
3. 48 × 10 = _____	_____ × 10 = _____
4. 85 × 10 = _____	_____ × _____ = _____
5. 10 × 90 = _____	_____ × _____ = _____



ଢାଞ୍ଚାଟିକୁ ଅନୁଧ୍ୟାନ କରି, ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କର ।

2 x 20 = 40	2 x 30 = 60	2 x 40 = 80
3 x 20 = 60	3 x 30 = 90	3 x 40 = 120
4 x 20 = 80	4 x 30 = 120	4 x 40 = 160
5 x 20 = 100	5 x 30 = 150	5 x 40 = 200
6 x 20 = ___	6 x 30 = ___	6 x 40 = ___
7 x 20 = ___	7 x 30 = ___	7 x 40 = ___
8 x 20 = ___	8 x 30 = ___	8 x 40 = ___
9 x 20 = ___	9 x 30 = ___	9 x 40 = ___
10 x 20 = ___	10 x 30 = ___	10 x 40 = ___
11 x 20 = ___	11 x 30 = ___	11 x 40 = ___
12 x 20 = ___	12 x 30 = ___	12 x 40 = ___

APSCERT

ଅନୁଶୀଳନୀ – ୧

1. ନିମ୍ନ ଗୁଣନକ୍ରିୟାଗୁଡ଼ିକରେ ଗୁଣ୍ୟ, ଗୁଣକ ଓ ଗୁଣଫଳ ଲେଖ ।


କ) 72 × 4 = 288; ଗୁଣ୍ୟ = _____; ଗୁଣକ = _____; ଗୁଣଫଳ = _____

ଖ) 5 × 100 = 500; ଗୁଣ୍ୟ = _____; ଗୁଣକ = _____; ଗୁଣଫଳ = _____

2. ଗୁଣଫଳ ନିର୍ଣ୍ଣୟ କର ।

କ) 75 × 2 = ଖ) 95 × 4 = ଗ) 70 × 8 =

ଘ) 93 × 9 = ଙ) 64 × 8 = ଚ) 96 × 10 =



3. କ) 2 ଓ 3 ପଣକିଆ ବ୍ୟବହାର କରି 5 ପଣକିଆ ପ୍ରସ୍ତୁତି କର ।

ଖ) 6 ଓ 4 ପଣକିଆ ବ୍ୟବହାର କରି 10 ପଣକିଆ ପ୍ରସ୍ତୁତି କର ।

ଗ) 5 ଓ 4 ପଣକିଆ ବ୍ୟବହାର କରି 9 ପଣକିଆ ପ୍ରସ୍ତୁତି କର ।

4. ନିମ୍ନଗୁଡ଼ିକୁ ସମାଧାନ କର ।

କ) ଗୋଟିଏ ପେନ୍‌ସିଲ୍‌ର ମୂଲ୍ୟ ₹ 6 ହେଲେ 72ଟି ପେନ୍‌ସିଲ୍‌ର ମୂଲ୍ୟ କେତେ ?

ଖ) ଗୋଟିଏ ଫଳ ବଗିଚାରେ 10ଟି ଧାଡ଼ି ଆମ୍ବ ଗଛ ଅଛି ଏବଂ ପ୍ରତ୍ୟେକ ଧାଡ଼ିରେ 25ଟି ଗଛ ଅଛି । ମୋଟ କେତୋଟି ଆମ୍ବ ଗଛ ଅଛି ?

5. ରାଜେଶ ଗୋଟିଏ ଦୋକାନରୁ 5ଟି ବ୍ୟାଗ୍ କମଳା କିଣିଲେ । ପ୍ରତ୍ୟେକ ବ୍ୟାଗରେ 9ଟି କମଳା ଥିଲା । ବର୍ତ୍ତମାନ ରାଜେଶଙ୍କ ପାଖରେ ମୋଟ କେତୋଟି କମଳା ଅଛି ? ଏହି ସମସ୍ୟାକୁ ସମାଧାନ କରିବା ପାଇଁ କେଉଁ ଗାଣିତିକ ବାକ୍ୟ ବ୍ୟବହାର କରାଯାଇପାରେ ?

କ) $2 \times 9 = 18$ (କିମ୍ବା) $9 + 9 = 18$


ଖ) $5 \times 5 = 25$ (କିମ୍ବା) $5 + 5 + 5 + 5 + 5 = 25$

ଗ) $5 \times 9 = 45$ (କିମ୍ବା) $9 + 9 + 9 + 9 + 9 = 45$

ଘ) $9 \times 9 = 81$ (କିମ୍ବା) $9 + 9 + 9 + 9 + 9 + 9 + 9 + 9 + 9 = 81$

AP SCERT

2–ଅଙ୍କ ବିଶିଷ୍ଟ ସଂଖ୍ୟା ସହିତ 2–ଅଙ୍କ ବିଶିଷ୍ଟ ସଂଖ୍ୟାର ଗୁଣନ (ସ୍ଥାନ ବନିମୟ ପଦ୍ଧତି ଦ୍ୱାରା)



ଏଠାରେ ମୋଟ କେତୋଟି ଇଟା ଅଛି ?

ହାରିକା ଏପରି ସମାଧାନ କଲା

ସୋପାନ 1: ପ୍ରଥମେ ସଂଖ୍ୟାଗୁଡ଼ିକୁ ସ୍ତମ୍ଭ ଆକାରରେ ଲେଖ ।

ଏକକ ସ୍ଥାନର 3 ଏକକକୁ 8 ସହିତ ଗୁଣନ କର ।

3 ଏକ × 8 = 24 ଏକ ।

24 ଏକ = 2 ଦଶ + 4 ଏକ

4 କୁ ଏକକ ସ୍ତମ୍ଭର ଏକକ ତଳେ ଲେଖ ଏବଂ 2 କୁ ଦଶକ ସ୍ତମ୍ଭକୁ ଧରିନିଅ ।

ହ	ଶ	ଦ	ଏ
		(2)	
		7	3
	×	4	8
			4

ସୋପାନ 2: 7 ଦଶକୁ 8 ସହିତ ଗୁଣନ କର ।

7 ଦଶ × 8 = 56 ଦଶ

56 ଦଶ + 2 ଦଶ

= 58 ଦଶ = 5 ଶହ + 8 ଦଶ

8 କୁ ଦଶକ ସ୍ଥାନରେ ଲେଖ ଓ 5 କୁ ଶତକ ସ୍ଥାନରେ ଲେଖ ।

ହ	ଶ	ଦ	ଏ
		(2)	
		7	3
	×	4	8
	5	8	4

AP SCERT

ସୋପାନ 3 : 4 ଦଶ × 3 = 12 ଦଶ = 120

120 = 1 ଶହ + 2 ଦଶ + 0 ଏକ

0 କୁ ଏକକ ସ୍ଥାନରେ ଏବଂ 2 କୁ ଦଶକ ସ୍ଥାନରେ ଲେଖି

1 କୁ ଶତକ ସ୍ଥାନକୁ ଧରି ନିଅ ।

ହ	ଶ	ଦ	ଏ
		(2)	
		7	3
	×	4	8
	5	8	4
		2	0

ସୋପାନ 4 : 4 ଦଶକୁ 7 ଦଶ ସହିତ ଗୁଣନ କର ।

7 ଦଶ × 4 ଦଶ = 70 × 40 = 2800 = 28 ଶହ

ଧରି ନେଇଥିବା 1 ଶହ ସହିତ 28 ଶହ ଯୋଗକର = 29 ଶହ

29 ଶହ = 2900 = 2 ହଜାର + 9 ଶହ

9 କୁ ଶତକ ସ୍ଥାନରେ ଲେଖି 2 କୁ ହଜାର ସ୍ଥାନକୁ ଧରିନିଅ ।

ବର୍ତ୍ତମାନ 584 ସହିତ 2920 ଯୋଗକର ।


584 + 2920 = 3504

ତେବେ ସମୁଦାୟ ଇଟା ସଂଖ୍ୟା 3504 ଅଟେ ।

ହ	ଶ	ଦ	ଏ
(1)	(2)		
		7	3
	×	4	8
		5	8 4
	2	9	2 0
	3	5	0 4

ଉଦାହରଣ:

ଗୋଟିଏ ରେଳ ବଗିରେ 72 ଜଣ ଲୋକ ବସିପାରିବେ । ସେହିପରି 23 ଟି ବଗିରେ କେତେ ଜଣ ବସିପାରିବେ ?



ହ	ଶ	ଦ	ଏ
		7	2
	×	2	3
		2	1 6
	1	4	4 0
	1	6	5 6

ଗୋଟିଏ ରେଳ ବଗିରେ ବସିପାରିବା ଲୋକ ସଂଖ୍ୟା = 72

ବଗି ସଂଖ୍ୟା = 23

23 ଟି ବଗିରେ ବସିପାରିବା ମୋଟ ଲୋକ ସଂଖ୍ୟା = _____ × _____ = _____

AP SCERT

ଏହା କର

1. ନିମ୍ନଗୁଡ଼ିକୁ କର ।

କ)

ହ	ଶ	ଦ	ଏ
		7	1
	×	2	4

ଖ)

ହ	ଶ	ଦ	ଏ
		4	5
	×	3	8

ଗ)

ହ	ଶ	ଦ	ଏ
		9	5
	×	4	2

2. ଗୋଟିଏ ବସ୍‌ରେ 48 ଜଣ ଯାତ୍ରା କରିପାରିବେ । ସେହିଭଳି 26ଟି ବସ୍‌ରେ ମୋଟ କେତେ ଜଣ ଯାତ୍ରା କରିପାରିବେ ?



3. ଏକ ପାଠାଗାରରେ 48ଟି ଆଲମାରୀ ଅଛି । ପ୍ରତ୍ୟେକ ଆଲମାରୀରେ 63ଟି ବହି ଅଛି । ତେବେ ସେହି ପାଠାଗାରରେ ମୋଟ କେତୋଟି ବହି ଅଛି ?



AP SCERT

3–ଅଙ୍କ ବିଶିଷ୍ଟ ସଂଖ୍ୟା ସହିତ 1–ଅଙ୍କ ବିଶିଷ୍ଟ ସଂଖ୍ୟାର ଗୁଣନ:

ପ୍ରଣାଳୀ 1: **132 କୁ 3 ସହିତ ଗୁଣନ କର ।**

ସୋପାନ – 1: ସଂଖ୍ୟାଗୁଡ଼ିକୁ ସ୍ଥାନ ଆକାରରେ ଲେଖ ।

2 ଏକକୁ 3 ସହ ଗୁଣନ କର ।

2 ଏକ × 3 = 6 ଏକ

6 କୁ ଏକକ ସ୍ଥାନ ତଳେ ଲେଖ ।

ଶ	ଦ	ଏ
1	3	2
×		3
		6

ସୋପାନ – 2: 3 ଦଶକୁ 3 ସହିତ ଗୁଣନ କର ।

3 ଦଶ × 3 = 9 ଦଶ

9 କୁ ଦଶକ ସ୍ଥାନ ତଳେ ଲେଖ ।

ଶ	ଦ	ଏ
1	3	2
×		3
	9	6

ସୋପାନ – 3: 1 ଶହକୁ 3 ସହିତ ଗୁଣନ କର ।

1 ଶହ × 3 = 3 ଶହ

3 କୁ ଶତକ ସ୍ଥାନ ତଳେ ଲେଖ ।

ତେଣୁ 132 × 3 = 396

ଶ	ଦ	ଏ
1	3	2
×		3
3	9	6

ପ୍ରଣାଳୀ 2:

ଉଦାହରଣ – 1: 234 × 2

200	+	30	+	4	×
200 × 2 = 400		30 × 2 = 60		4 × 2 = 8	2

∴ 234 × 2 = 400 + 60 + 8 = 468



ପ୍ରଣାଳୀ 3:

234 × 2 = (200 + 30 + 4) × 2

= (200 × 2) + (30 × 2) + (4 × 2)

= 400 + 60 + 8

= 468

ଉଦାହରଣ 2 :

ଗୋଟିଏ ଟୋକେଇରେ 120ଟି ଆମ୍ବ ଅଛି । ସେହିଭଳି 4 ଟି ଟୋକେଇରେ ମୋଟ କେତୋଟି ଆମ୍ବ ରହିବ ?

ଟୋକେଇରେ ଥିବା ଆମ୍ବ ସଂଖ୍ୟା = 120

ଟୋକେଇ ସଂଖ୍ୟା = 4

ମୋଟ ଆମ୍ବ ସଂଖ୍ୟା = ଟୋକେଇରେ ଆମ୍ବ ସଂଖ୍ୟା × ଟୋକେଇ ସଂଖ୍ୟା

= 120 × 4 = 480





ଏହା କର

1. ନିମ୍ନଗୁଡ଼ିକୁ କର ।

କ) ଶ ଦ ଏ
1 2 2
× 4

ଖ) ଶ ଦ ଏ
1 4 0
× 2

ଗ) ଶ ଦ ଏ
2 2 1
× 3

ଘ) ଶ ଦ ଏ
1 1 1
× 9

2. ଗୋଟିଏ ବହିରେ 130 ଟି ପୃଷ୍ଠା ଅଛି । ସେହିଭଳି 3ଟି ବହିରେ ମୋଟ କେତେ ପୃଷ୍ଠା ଥିବ ?
3. ଗୋଟିଏ ବ୍ୟାଗ୍‌ର ମୂଲ୍ୟ ₹300 ହେଲେ 2ଟି ବ୍ୟାଗ୍ କିଣିବା ପାଇଁ କେତେ ଟଙ୍କା ପଇଠ କରିବାକୁ ହେବ ?
4. ଦୁଇଟି ପେଢ଼ି ଅଛି ଏବଂ ପ୍ରତି ପେଢ଼ିରେ 142ଟି ବଲ୍ ଅଛି । ମୋଟ କେତୋଟି ବଲ୍ ଅଛି ?

AP SCERT

ମୂଲ୍ୟକୁ ଆକଳନ କର !

ଶିକ୍ଷକ ପଦ୍ମଜାଙ୍କୁ ପଚାରିଲେ, ତାଙ୍କ ଗାଁରେ ପ୍ରାୟ କେତେ ଲୋକ ଅଛନ୍ତି ?



ମୋ ଗାଁରେ 40ଟି ପରିବାର ଅଛନ୍ତି । କେତେକ ପରିବାରରେ 3 ଜଣ କିମ୍ବା ତା ଠାରୁ କମ୍ ସଦସ୍ୟ ଅଛନ୍ତି ଏବଂ କେତେକ ପରିବାରରେ 4 ରୁ 5 ଜଣ ସଦସ୍ୟ ଅଛନ୍ତି । ମୁଁ ଧରିନେବି ଯେ ସମସ୍ତ ପରିବାରରେ ପ୍ରତ୍ୟେକେ 4 ଜଣ ସଦସ୍ୟ ଅଛନ୍ତି ।


ତେଣୁ ମୋ ଗାଁରେ ପ୍ରାୟ 40 × 4 = 160 ଜଣ ଲୋକ ବାସ କରୁଛନ୍ତି ।

ବର୍ତ୍ତମାନ, ତୁମେ ତୁମ ଗାଁରେ ବାସ କରୁଥିବା ଲୋକମାନଙ୍କ ସଂଖ୍ୟାକୁ ଅନୁମାନ କରିପାରିବ କି ?

ଶିକ୍ଷକ କଳାପଟା ଉପରେ ନିମ୍ନଲିଖିତ ସମସ୍ୟାଟି ଲେଖିଲେ ଏବଂ ଛାତ୍ରଛାତ୍ରୀଙ୍କୁ ସଠିକ୍ ଉତ୍ତର ସହିତ ସବୁଠାରୁ ନିକଟ ଉତ୍ତରଟି ବାଛିବାକୁ କହିଲେ ।

ଗୋଟିଏ ଖାତାର ମୂଲ୍ୟ ₹9 ହେଲେ 22ଟି ଖାତାର ମୂଲ୍ୟ କେତେ ? ମୂଲ୍ୟକୁ ଆକଳନ କର ।

₹300 ₹250 ₹280 ₹220



10 ସହିତ ଗୁଣନ, 9 ସହିତ ଗୁଣନ କରିବା ଠାରୁ ଅଧିକ ସହଜ । ଆମେ ଶୀଘ୍ର ଗୁଣନ କରିପାରିବୁ ।

22 × 10 = 220

ତେଣୁ ପଦ୍ମଜା ₹220 କୁ ଚୟନ କଲା ।



ଏହା କର

ତୁମେ ଗୁଣଫଳର ଅତି ନିକଟବର୍ତ୍ତୀ ଅନୁମାନ କରିପାରିବ କି ?

1. ପ୍ରତ୍ୟେକ ଟୋକେଇରେ 26ଟି ଆମ୍ବ ଅଛି । ସେହିଭଳି 19ଟି ଟୋକେଇରେ କେତୋଟି ଆମ୍ବ ରହିବ ?

   460 480 500

2. ଗୋଟିଏ ସିନେମା ଟିକେଟ୍‌ର ମୂଲ୍ୟ ₹25 । ଯଦି ଗୋଟିଏ ଶ୍ରେଣୀରେ 28 ଜଣ ସିନେମା ଦେଖିବାକୁ ଯାଆନ୍ତି ତେବେ ସେମାନଙ୍କୁ ଟିକେଟ୍ ପାଇଁ କେତେ ଟଙ୍କା ଦେବାକୁ ହେବ ?

   ₹800 ₹750 ₹900

AP SCERT

3. ଶିବ ତାଙ୍କ କ୍ଷେତରେ କିଛି ଗଛ ଲଗାଇବାକୁ ଚାହୁଁଛନ୍ତି । ସେ 26ଟି ଧାଡ଼ିରେ ଗଛ ଲଗାଇବାକୁ ଚାହୁଁଛନ୍ତି । ଯଦି ପ୍ରତ୍ୟେକ ଧାଡ଼ିରେ 27ଟି ଗଛ ଥାଏ ତେବେ ସେ କେତୋଟି ଗଛ କିଣିବାକୁ ହେବ ?

600 780 900

4. ଗୋଟିଏ ଫୋଲ୍ଡିଙ୍ଗ୍ ଚେୟାର୍‌ର ମୂଲ୍ୟ ₹175 । ଏପରି 5ଟି ଫୋଲ୍ଡିଙ୍ଗ୍ ଚେୟାର୍‌ର ମୋଟ ମୂଲ୍ୟ କେତେ ?

₹500 ₹1000 ₹1500

ଅନୁଶୀଳନୀ - 2

1. **ଗୁଣନ କର ।**

କ)
ଶ	ଦ	ଏ
	1	2
×		9


ଖ)
ଶ	ଦ	ଏ
	4	2
×	1	9

ଗ)
ଶ	ଦ	ଏ
4	1	4
	×	2

2. **ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କର ।**

କ) 67 × 5 = _____ ଖ) 93 × 4 = _____ ଗ) 123 × 3 = _____

3. ଗୋଟିଏ ହାରରେ 36ଟି ମାଳି ଅଛି । ସେହିପରି 13ଟି ହାରରେ ମୋଟ କେତୋଟି ମାଳି ଥିବ ?
4. ଗୋଟିଏ କାଗଜ ପେଡ଼ିରେ 48ଟି ବୋତଲ ଅଛି । ଏପରି 16ଟି କାଗଜ ପେଡ଼ିରେ ମୋଟ କେତୋଟି ବୋତଲ ଥିବ ?
5. ଗୋଟିଏ ଥାଳିରେ 54ଟି ଚିକ୍କି ଅଛି । ସେହିପରି 44ଟି ଥାଳିରେ ମୋଟ କେତୋଟି ଚିକ୍କି ଥିବ ?
6. ଗୋଟିଏ ଶବ୍ଦକୋଷର ମୂଲ୍ୟ ₹120 । ସେହିପରି 4ଟି ଶବ୍ଦକୋଷ ପାଇଁ କେତେ ଟଙ୍କା ଦେବାକୁ ହେବ ?
7. ଗୋଟିଏ ଶ୍ରେଣୀର 5 ଜଣ ଶିକ୍ଷାର୍ଥୀ ପ୍ରଧାନ ମନ୍ତ୍ରୀ ସହାୟତା ନିଧି ପାଇଁ ପ୍ରତ୍ୟେକେ ₹110 ଲେଖାଏଁ ସଂଗ୍ରହ କଲେ । ସେମାନେ ମୋଟ କେତେ ଟଙ୍କା ସଂଗ୍ରହ କଲେ ?
8. ନିମ୍ନରେ ଦିଆଯାଇଥିବା ଚିତ୍ରଟିକୁ ଅଧ୍ୟୟନ କର ।



ଚିତ୍ରରେ ଦର୍ଶାଯାଇଥିବା ଗୁଣନ ସମୀକରଣରେ ଅନୁପସ୍ଥିତ ସଂଖ୍ୟାଟି କଣ ?

_____ × 6 = 30

କ) 5 ଖ) 6 ଗ) 24 ଘ) 36

AP SCERT

ଶିକ୍ଷଣକୁ ଉନ୍ନତ କରିବା

1. 89 x ___ = 89 । ଶୂନ୍ୟସ୍ଥାନରେ ଅନୁପସ୍ଥିତ ସଂଖ୍ୟାଟି କ'ଣ ? ( )

   କ) 0 ଖ) 1 ଗ) 89 ଘ) 90

2. ରାମ ଗୋଟିଏ ଗଣିତ ସମସ୍ୟାର ସମାଧାନ କଲା । 5 _____ 5 = 25 ( )

   ବାକ୍ୟଟି ସଠିକ୍ କରିବା ପାଇଁ ଶୂନ୍ୟସ୍ଥାନରେ କେଉଁ ଗାଣିତିକ ଚିହ୍ନ ରଖିବା ଉଚିତ ?

   କ) + ଖ) - ଗ) × ଘ) ÷


3. ଦିଆଯାଇଥିବା ଢାଞ୍ଚାକୁ ଅନୁଧ୍ୟାନ କର । ( )

   16,32,64 ___ ପରବର୍ତ୍ତୀ ସଂଖ୍ୟାଟି ନିରୂପଣ ପାଇଁ କ'ଣ କରିବା ଉଚିତ ?

   କ) 64 କୁ 2 ଯୋଗ କରିବା ଖ) 64 କୁ 2 ସହିତ ଗୁଣନ କରିବା

   ଗ) 64 କୁ 2 ଦ୍ୱାରା ଭାଗ କରିବା ଘ) 64 କୁ 8 ଦ୍ୱାରା ଭାଗ କରିବା

4. ନିମ୍ନରେ ଦିଆଯାଇଥିବା ଥାଳିରେ ଥିବା ସେଓଗୁଡ଼ିକୁ ଲକ୍ଷ୍ୟ କର । ( )



   ଯଦି ଗୋଟିଏ ଥାଳିରେ 4ଟି ସେଓ ଅଛି, ତେବେ 4ଟି ଥାଳିରେ ମୋଟ କେତୋଟି ସେଓ ରହିବ ? ଏହାର ଗୁଣନ ରୂପ

   କ) 4 + 4 = 16 ଖ) 4 - 4 = 0 ଗ) 4 x 4 = 16 ଘ) 4 ÷ 4 = 16

5. କୃଷ୍ଣ ଉତ୍ତର ପାଇଲେ 19 x 5 = 85 । ରବି ଉତ୍ତର ପାଇଲେ 19 × 5 = 95 । ତୁମେ କାହା ସହିତ ସହମତ ? ସମାଧାନ କରି ନିଷ୍ପତ୍ତି ନିଅ ।

6. 24 x 3 କୁ ବ୍ୟବହାର କରି ଏକ ପଦ ସମସ୍ୟା ପ୍ରସ୍ତୁତ କର ।

   ସୂଚନା: ଗୋଟିଏ ଧାଡ଼ିରେ 24ଟି ଗଛ, ଏପରି 3ଟି ଧାଡ଼ି ।

7. ରଞ୍ଜନୀଙ୍କ ପାଖରେ 27ଟି ଫୁଲ ଅଛି ଏବଂ ସେ ପ୍ରତ୍ୟେକ ଫୁଲଦାନୀ(ଫୁଲକୁଣ୍ଡ)ରେ 3ଟି ଲେଖାଏଁ ଫୁଲ ରଖିବାକୁ ଚାହୁଁଛନ୍ତି । ସେ କେତୋଟି ଫୁଲଦାନୀ ଆବଶ୍ୟକ କରିବ ?

8. ସ୍ନେହା ତଳେ ଦେଖାଯାଇଥିବା ପ୍ରତ୍ୟେକ ଟୋକେଇରେ ଠିକ୍ 15ଟି ବଲ୍ ରଖିଲା । ସେ ସମସ୍ତ ଟୋକେଇରେ ରଖିଥିବା ମୋଟ ବଲ୍ ସଂଖ୍ୟା ନିର୍ଣ୍ଣୟ କର ।



AP SCERT

ENVIRONMENTAL STUDIES

(OUR WONDERFUL WORLD)

ପାରିପାର୍ଶ୍ୱ ବିଜ୍ଞାନ (ଆମ ବିସ୍ମୟକର ପୃଥିବୀ)

Class (ଶ୍ରେଣୀ) - 3

Semester (ସେମିଷ୍ଟର) - 1

Lesson No. ଅଧ୍ୟାୟ କ୍ରମିକ ସଂଖ୍ୟା	Lesson Name ଅଧ୍ୟାୟର ନାମ	No. of Periods ନିର୍ଘଣ୍ଟ	Month ମାସ	Pages ପୃଷ୍ଠା
	Readiness Programme ପ୍ରସ୍ତୁତି କାର୍ଯ୍ୟକ୍ରମ	8	June ଜୁନ୍	
1.	My Family ମୋ ପରିବାର	10	July ଜୁଲାଇ	134 - 159
2.	Plants Around Us ଆମ ଚତୁଃପାର୍ଶ୍ୱର ଉଦ୍ଭିଦ	10	July ଜୁଲାଇ	160 - 183
3.	Animals Around Us ଆମ ଚତୁଃପାର୍ଶ୍ୱର ପ୍ରାଣୀ	11	August ଅଗଷ୍ଟ	184 - 209
4.	Our Body ଆମ ଶରୀର	9	August, September ଅଗଷ୍ଟ, ସେପ୍ଟେମ୍ବର	210 - 231
5.	Food we Eat ଆମେ ଖାଉଥିବା ଖାଦ୍ୟ	10	September ସେପ୍ଟେମ୍ବର	232 - 357
6.	Water-A Precious Gift ଜଳ - ଏକ ଅମୂଲ୍ୟ ଉପହାର	10	October ଅକ୍ଟୋବର	258 - 277

AP SCERT

I5U3H7

Teacher corner

P4X5Z3

Student corner

CG-3 Explains how to ensure the safety of self and others in different (normal as well as emergency) situations	**C-3.1 :** Describes the basic safety needs and protection (health and hygiene, food, water, shelter, precautions, awareness of emergency situations, abuse, and unsafe situations) of humans, birds, and animals. **C-3.2 :** Discusses how to prepare for emergency situations (smoke, fire, small injuries, burns, electrical safety, unseasonal rains, fallen trees) based on discussions with family and community, or personal experiences. **C-3.3 :** Develops simple labels and slogans, and participates in roleplay on safety and protection in the local environment to be displayed/done in school and locality.
CG-4 Develops sensitivity towards social and natural environment	**C-4.1 :** Observes and describes diversity among plants, and birds and animals in their immediate environment (shape, sounds, food habits, growth, habitat). **C-4.2 :** Observes and describes cultural diversity in their immediate environment (food, clothing, games, different seasons, festivals related to harvest and sowing). **C-4.3 :** Describes usage of natural resources in their immediate environment. **C-4.4 :** Demonstrates how natural resources can be shared, maintained, and conserved (trees, use of rainwater, benefits of millets). **C-4.5 :** Identifies needs of plants, birds, and animals, and how they can be supported (water, soil, food, care). **C-4.6 :** Identifies the needs of people in different situations – in terms of access to resources, equal opportunities, work distribution, and shelter **C-4.7 :** Learns about basic social and behavioural norms, values, and dispositions that benefit our social and natural environments and that help our society function smoothly (using dustbins, standing in queues, conserving water, using public transportation, keeping one's environment clean, always helping others in need regardless of background).
CG-5 Develops the ability to read and interpret simple maps	**C-5.1:** Explains a line drawing of their school, village, and ward. **C-5.2:** Draws a sketch of their school, village, and ward using symbols and directions. **C-5.3:** Reads simple maps of city, state, and country to identify natural and humanmade features (well, lake, post office, school, hospital) with reference to symbols and directions.

AP SCERT

LEARNING SCIENCE - NEP 2020

This textbook is developed in accordance with the National Education Policy (NEP) 2020 and the National Curriculum Framework for School Education (NCF-SE-2023), focusing on developing scientific understanding and scientific temper among children. Science helps children understand the natural and physical world around them. As stated in NEP 2020, children learn Science best by observing, asking questions, exploring, and doing simple hands-on activities. Science encourages children to be curious, think logically, and find answers by using evidence. It helps them connect classroom learning with real-life experiences. Through Science, children learn to care for nature, plants, animals, and their surroundings. Science also develops problem-solving skills, creativity, teamwork, and responsible decision-making, helping children grow into thoughtful, confident, and responsible learners.

APSCERT

ବିଜ୍ଞାନ ଶିକ୍ଷଣ - NEP 2020

ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଅବଗତ ଏବଂ ବୈଜ୍ଞାନିକ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଦେଇ, ଜାତୀୟ ଶିକ୍ଷା ନୀତି (NEP) 2020 ଏବଂ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (NCF-SE-2023) ଅନୁଯାୟୀ ଏହି ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଛି । ବିଜ୍ଞାନ ପିଲାମାନଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ଏବଂ ଭୌତିକ ଜଗତକୁ ବୁଝିବାରେ ସାହାଯ୍ୟ କରେ। NEP 2020 ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ, ପିଲାମାନେ ପର୍ଯ୍ୟବେକ୍ଷଣ କରିବା, ପ୍ରଶ୍ନ ପଚାରିବା, ଅନୁସନ୍ଧାନ କରିବା ଏବଂ ସରଳ ପରୀକ୍ଷଣ (hands-on-activities) ମାଧ୍ୟମରେ ବିଜ୍ଞାନକୁ ସବୁଠାରୁ ଭଲ ଭାବରେ ଶିଖିପାରନ୍ତି। ବିଜ୍ଞାନ ପିଲାମାନଙ୍କୁ କୌତୁହଳୀ ହେବାକୁ, ତାର୍କିକ ଭାବରେ ଚିନ୍ତା କରିବାକୁ ଏବଂ ପ୍ରମାଣ ବ୍ୟବହାର କରି ଉତ୍ତର ଖୋଜିବାକୁ ଉତ୍ସାହିତ କରେ। ଏହା ସେମାନଙ୍କୁ ଶ୍ରେଣୀଗୃହର ଶିକ୍ଷାକୁ ବାସ୍ତବ ଜୀବନର ଅନୁଭୂତି ସହିତ ଯୋଡ଼ିବାରେ ସାହାଯ୍ୟ କରେ। ବିଜ୍ଞାନ ମାଧ୍ୟମରେ ପିଲାମାନେ ପ୍ରକୃତି, ଗଛଲତା, ପ୍ରାଣୀ ଏବଂ ସେମାନଙ୍କ ପରିବେଶର ଯତ୍ନ ନେବା ଶିଖନ୍ତି। ଏହାସହ ବିଜ୍ଞାନ ସମସ୍ୟା ସମାଧାନ ଦକ୍ଷତା, ସୃଜନଶୀଳତା, ଦଳଗତ କାର୍ଯ୍ୟ ଏବଂ ଦାୟିତ୍ୱସମ୍ପନ୍ନ ନିଷ୍ପତ୍ତି ଗ୍ରହଣ କରିବାର ଶକ୍ତି ବିକଶିତ କରେ, ଯାହା ପିଲାମାନଙ୍କୁ ଜଣେ ଚିନ୍ତାଶୀଳ, ଆତ୍ମବିଶ୍ୱାସୀ ଏବଂ ଦାୟିତ୍ୱବାନ ଶିକ୍ଷାର୍ଥୀ ଭାବରେ ଗଢ଼ିବାରେ ସାହାଯ୍ୟ କରିଥାଏ।



ମୋ ପରିବାର




Y3P7R8

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ପରିବାର ବିଷୟରେ ବ୍ୟାଖ୍ୟା କରିବେ । (CG-2)
- ଆମ ଚାରିପାଖରେ ଥିବା ବିଭିନ୍ନ ବୃତ୍ତିକୁ ଚିହ୍ନଟ କରିବେ । (CG-2)
- ଗୋଟିଏ ପରିବାରରେ ଏକାଠି ରହୁଥିବା ସଦସ୍ୟମାନଙ୍କୁ ଚିହ୍ନଟ କରିବେ । (CG-1)
- ପରିବାର ସଦସ୍ୟମାନଙ୍କ ପରସ୍ପର ପ୍ରତି ଯତ୍ନକୁ ପ୍ରଶଂସା କରିବେ । (CG-2)
- ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ସାଦୃଶ୍ୟ ଚିହ୍ନଟ କରିବେ । (CG-1)
- ଘରେ ବ୍ୟବହାର କରୁଥିବା ବିଭିନ୍ନ ଗୃହୋପକରଣଗୁଡ଼ିକୁ ଚିହ୍ନଟ କରିବେ । (CG-1)
- ପରିବାର ପ୍ରବାହ ଚିତ୍ର ବିଷୟରେ ଜାଣିବେ । (CG-1)
- ପରିବାର ସହିତ ମିଳିମିଶି ପର୍ବପର୍ବାଣୀ ପାଳନ କରିବାକୁ ପ୍ରଶଂସା କରିବେ । (CG-4)

ସେଦିନ ରବିବାର ଥିଲା । ପବନ ଖେଳିବା ପାଇଁ ଅନୁ ଘରକୁ ଆସିଥିଲା । ଅନୁ ତାଙ୍କ ଫଟୋ ଆଲ୍‌ବମ୍ ପବନକୁ ଦେଖାଇଲା । ଫଟୋରେ ଥିବା ଲୋକମାନଙ୍କ ବିଷୟରେ ପବନ ପଚାରିଲା । ଅନୁ ତାଙ୍କ ପରିବାରର ସଦସ୍ୟମାନଙ୍କ ସହ ପବନକୁ ପରିଚୟ କଲା ।



AP SCERT

ଅନୁ : ଏହା ମୋର ପରିବାରର ଫଟୋ । ଏ ମୋର ଜେଜେ ବାପା । ସେ ମଝିରେ ଅଛନ୍ତି । ମୋର ବାପା ଜେଜେବାପାଙ୍କ ବାମ ପାର୍ଶ୍ୱରେ ଠିଆ ହୋଇଛନ୍ତି । ମୋର ମାଆ ଜେଜେବାପାଙ୍କ ଡାହାଣ ପାର୍ଶ୍ୱରେ ଠିଆ ହୋଇଛନ୍ତି । ସେମାନେ ମୋର ଭାଇ ରିଶି ଏବଂ ରୋହନ୍ । ଏଇଟା ମୋର ପୋଷା କୁକୁର ଷିରୋ । ଏହା ମୋର ଖୁସି ପରିବାର ।

ପବନ : ଓଃ ! ସୁନ୍ଦର ପରିବାର ।

ଅନୁ : ତୁମ ପରିବାର ବିଷୟରେ କିଛି କୁହ ?

ପବନ : ମୋର ପରିବାରରେ ଆମେ ତିନିଜଣ । ମୋର ବାପା ଭେଙ୍କଟ, ମୋର ମାଆ ମଣି ଏବଂ ମୁଁ ।



ଆମେ ସମସ୍ତେ ପରିବାର ସହ ମିଶି ରହୁ । ସାଧାରଣତଃ ଏକ ପରିବାରରେ ଜେଜେ ବାପା, ଜେଜେ ମାଆ, ବାପା, ମାଆ, ଭାଇ ଓ ଭଉଣୀ ରହନ୍ତି । 'ଭାଓ ଓ ଭଉଣୀ' ଙ୍କୁ ସହଜାତ ମଧ୍ୟ କହନ୍ତି ।



ତୁମ ପରିବାରରେ ତୁମ ସହ କେଉଁମାନେ ରହନ୍ତି ?

ତୁମ ପରିବାର ବିଷୟରେ ଲେଖ:

- ମୋର ବାପାଙ୍କ ନାମ .....
- ମୋର ମାଆଙ୍କ ନାମ .....
- ମୋର ..... ଜଣ ସହଜାତ ଅଛନ୍ତି ।
- ମୋର ପରିବାରରେ ..... ଜଣ ସଦସ୍ୟ ଅଛନ୍ତି ।

ବୋତାମ ଓ ଦିଆସିଲି କାଠି ବ୍ୟବହାର କରି ତୁମର ପରିବାର ଚିତ୍ର ଅଙ୍କନ କର :






AP SCERT

ପରିବାର ପ୍ରବାହ ଚିତ୍ର :

ପରିବାର ପ୍ରବାହ ଚିତ୍ର ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଜଣାଏ । ଏଠାରେ ଗୋଟିଏ ଉଦାହରଣ ଦିଆଯାଇଛି ।



ପରିବାର ସଦସ୍ୟଙ୍କ ଭୂମିକା ଏବଂ ପରସ୍ପର ମଧ୍ୟରେ ସହଯୋଗ :

ତଳେ ଦିଆଯାଇଥିବା ଚିତ୍ରଟିକୁ ଦେଖ । ଏହି ଚିତ୍ରରେ ଥିବା ଲୋକମାନେ କ'ଣ କରୁଛନ୍ତି କୁହ ।

ପରିବାରରେ ପ୍ରତି ସଦସ୍ୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ପରିବାରର ସଦସ୍ୟମାନେ ମିଳିମିଶି କାମ କରନ୍ତି ଏବଂ କାର୍ଯ୍ୟ ବଣ୍ଟନ କରନ୍ତି । ସେମାନେ ପରସ୍ପରକୁ ଭଲ ପାଆନ୍ତି ଏବଂ ଯତ୍ନ ନିଅନ୍ତି । ପିତାମାତା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ତୁଲାଇଥାନ୍ତି । ଜେଜେବାପା, ଜେଜେ ମାଆ ଆମକୁ ଉତ୍ତମ ଅଭ୍ୟାସଗୁଡ଼ିକୁ ଶିଖାଇଥାନ୍ତି । ପିଲାମାନେ ମଧ୍ୟ ଘରକାମରେ ସାହାଯ୍ୟ କରନ୍ତି ଏବଂ ବଡ଼ମାନଙ୍କୁ ସମ୍ମାନ ଦିଅନ୍ତି ।




APSCERT

ଆସ କରିବା

ତୁମ ଶ୍ରେଣୀର ତିନିଜଣ ସହପାଠୀଙ୍କ ପରିବାର ସଦସ୍ୟମାନେ କେଉଁ ପ୍ରକାର କାମ କରନ୍ତି ପଚାରିବୁଝ । ତଥ୍ୟ ସଂଗ୍ରହ କରି ନିମ୍ନ ସାରଣୀକୁ ପୂରଣ କର ।

କ୍ର.ସଂ.	ସାଙ୍ଗଙ୍କ ନାମ	ମାଆ କରୁଥିବା କାମ	ବାପା କରୁଥିବା କାମ	ପରିବାରର ସମସ୍ତ ସଦସ୍ୟ ମିଳିମିଶି କରୁଥିବା କାମ
ଉଦା. 1	ସୁମା	ରୋଷେଇ	ପନିପରିବା କାଟିବା	ଘର ସଫା କରିବା



ଚିନ୍ତାକର ଓ ଚର୍ଚ୍ଚାକର

- ରବି ଏବଂ ତାଙ୍କ ଭଉଣୀ ଘର କାମ ମିଳିମିଶି କରନ୍ତି । ଏଭଳି କରିବା ଭଲ କି ? କାହିଁକି ?
- ମୀନା ତାଙ୍କ ଗୃହକାର୍ଯ୍ୟ କରେ, ବ୍ୟାଗ୍ ସଫା କରେ, ନିଜର ବହି ନିଜେ ବୋହେ । ସେ ଥକିଯାଇଛି ଏବଂ ଦୁଃଖ ଅନୁଭବ କରୁଛି । ଏ ବିଷୟରେ ତୁମ ମତ କ'ଣ ?

ପରିବାରରେ ପର୍ବପର୍ବାଣି ପାଳନ କରିବା :

ଆମ ପାଇଁ ପର୍ବପର୍ବାଣି ଖୁସିର ବିଶେଷ ଦିନ । ପର୍ବପର୍ବାଣୀକୁ ଆମେ ଉତ୍ସବ ଭାବେ ପାଳନ କରୁ, ଆନନ୍ଦ ଅନୁଭବ କରୁ ଏବଂ କାର୍ଯ୍ୟ ବଣ୍ଟନ କରୁ । ଏହା ପରିବାର ସଦସ୍ୟଙ୍କ ମଧ୍ୟରେ ଖୁସି ବଢ଼ାଏ । ପର୍ବପର୍ବାଣୀ ପରିବାର ସଦସ୍ୟଙ୍କୁ ଏକାଠି କରାଏ । ଆମେ ପରିବାର ସହ ମିଶି ଘର ସଜାଉ ଏବଂ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରୁ ।

AP SCERT

କାର୍ଯ୍ୟକଳାପ : ନିମ୍ନ ପର୍ବର ଚିତ୍ରଗୁଡ଼ିକୁ ଅନୁଧ୍ୟାନ କର ଏବଂ ପର୍ବପର୍ବାଣୀ ସମୟରେ ତୁମେ ପରିବାରରେ କେଉଁ କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନ କର ଆଲୋଚନା କର ।



ରମ୍‌ଜାନ



ସଂକ୍ରାନ୍ତି



ଖ୍ରୀଷ୍ଟମାସ



ଦୀପାବଳି

APSCERT

ଶିକ୍ଷକଙ୍କୁ ସୂଚନା :

ସ୍ଥାନିକଭାବେ ପାଳନ କରାଯାଉଥିବା ପର୍ବପର୍ବାଣୀଗୁଡ଼ିକ ବିଷୟରେ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କର ।



ଘରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଦ୍ୱାରା କାମ ସହଜ ହୁଏ ଏବଂ ସମସ୍ତେ ଖୁସିରେ ରହନ୍ତି । ପର୍ବପର୍ବାଣୀରେ ସମସ୍ତେ ମିଳିମିଶି କାମ କରିବା ଦ୍ୱାରା ପରିବାରରେ ସ୍ନେହ ଆଦର ବଢ଼ିଥାଏ ।

ପେଶା ଓ ବୃତ୍ତି :

ସାଧାରଣତଃ ଆମ ଆବଶ୍ୟକତାଗୁଡ଼ିକ ମାଆବାପା ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ କାର୍ଯ୍ୟଗୁଡ଼ିକ ଦ୍ୱାରା ପୂରଣ ହୋଇଥାଏ । ଆମ ପରିବାରର ସଦସ୍ୟଙ୍କ ଭଳି ଆମ ପରିସରର ଅନ୍ୟ ଲୋକମାନେ ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟ କରିଥାନ୍ତି ।

ଉଦାହରଣ : ଡାକ୍ତର, ଓକିଲ, ପୋଲିସ୍, ଇଞ୍ଜିନିୟର୍ । ଏଗୁଡ଼ିକ କେତେକ ପ୍ରକାର ବୃତ୍ତି ଅଟେ । ଆସ ଆଉ କିଛି ବୃତ୍ତିଗୁଡ଼ିକ ବିଷୟରେ ଜାଣିବା ।


ନିମ୍ନ ଚିତ୍ରଗୁଡ଼ିକରେ ଲୋକମାନେ ବିଭିନ୍ନ ପ୍ରକାରର କାମ କରୁଛନ୍ତି । ସେଗୁଡ଼ିକୁ ଅନୁଧ୍ୟାନ କର ଏବଂ ସେମାନେ କିପରି ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି କୁହ ।



ଏହାଙ୍କ ନାମ ରାଣୀ । ସେ ଟୋକେଇ ବୁଣୁଛନ୍ତି ।



ଏହାଙ୍କ ନାମ ରାଜେଶ । ସେ ଚପଲ ମରାମତି କରୁଛନ୍ତି ।



ଏହାଙ୍କ ନାମ କୁମାର । ସେ କ୍ଷିଅର କରନ୍ତି ।



ଏହାଙ୍କ ନାମ ନାଜୀରା । ସେ ଜଣେ ଦରଜୀ ।



ତୁମ ପରିସରରେ କରାଯାଉଥିବା ଅନ୍ୟାନ୍ୟ ବୃତ୍ତିଗୁଡ଼ିକ କ'ଣ ?



ତୁମ ପରିସରରେ ବିଭିନ୍ନ ପ୍ରକାର କାମ କରୁଥିବା ଲୋକମାନେ ଅବଶ୍ୟ ରହୁଥିବେ । ଈଶ୍ୱର ରାସ୍ତାଘାଟ, ନାଳନର୍ଦ୍ଦମା ସଫା କରନ୍ତି । ସେମାନେ ଆମ ଚତୁଃପାର୍ଶ୍ୱକୁ ସଫା ରଖିବା ଦ୍ୱାରା ଆମେ ସୁସ୍ଥରେ ରହିପାରୁଛୁ । ସେମାନଙ୍କୁ ଆମେ ସଫେଇ କର୍ମଚାରୀ ବୋଲି କହିଥାଉ ।

• ତୁମ ପରିସରରେ ଅନ୍ୟ କିଏ ବୃତ୍ତି କରୁଛନ୍ତି କି ?


ଆମ ପରିସରରେ ଲୋକମାନେ ବିଭିନ୍ନ ପ୍ରକାର କାମ କରୁଥିବା ଦେଖିଥାଉ । ସେହିପରି, ଘର କାମ ଶୀଘ୍ର ଶେଷ କରିବା ପାଇଁ ଆମେ ସାହାଯ୍ୟ ଆବଶ୍ୟକ କରିଥାଉ । ସେଥିପାଇଁ ଆମେ ବିଭିନ୍ନ ଯନ୍ତ୍ର ବ୍ୟବହାର କରୁ, ଯାହାକୁ **ଗୃହୋପକରଣ** କୁହାଯାଏ । ଏହି ଯନ୍ତ୍ରଗୁଡ଼ିକ ଆମକୁ ସହାଯ୍ୟ କରେ ଏବଂ ବହୁ ସମୟ ବଞ୍ଚାଏ ।

© SCERT

କାର୍ଯ୍ୟକଳାପ :

ଗୃହୋପକରଣ :

ନିମ୍ନ ଚିତ୍ରରେ ଗୃହୋପକରଣଗୁଡ଼ିକର ବ୍ୟବହାରକୁ ଦେଖ । ସେଗୁଡ଼ିକର ନାମ କୁହ ।



ତୁମ ଗୃହରେ କେଉଁ ଗୃହୋପକରଣଗୁଡ଼ିକ ଅଛି ? ନିମ୍ନ ଦିଆଯାଇଥିବା ଖାଲି ସ୍ଥାନରେ ସେଗୁଡ଼ିକର ନାମ ଲେଖ ।

.....

ଉତ୍ତମ ଅଭ୍ୟାସ :


ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସହାୟକ ହେଉଥିବା ଭଲ ଅଭ୍ୟାସ ଗୁଡ଼ିକୁ ଦେଖ ।

ମେରୀ : ସ୍ୱାଗତ ବନ୍ଧୁ ! ମୁ ମେରୀ । ମୋ ବାପା, ମାଆ, ଭଉଣୀ ଓ ମୁଁ ଘରେ ପ୍ରବେଶ କରିବା ପୂର୍ବରୁ ଆମ ଚପଲଗୁଡ଼ିକୁ ବାହାର କରି ଯଥା ସ୍ଥାନରେ ସାଇତି ରଖୁ ।



AP SCERT

ବିଜୟ : ସ୍ୱାଗତ ବନ୍ଧୁ ! ମୁଁ ବିଜୟ । ମୋ ବାପାମାଆ ଘରୁ ବାହାରକୁ ଯିବା ପୂର୍ବରୁ ମୋର ଜେଜେ ଓ ଜେଜେମାଁଙ୍କୁ ପାଦଛୁଇଁ ପ୍ରଣାମ କରନ୍ତି । ଆମେ ଆମର ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ କରିବା ଉଚିତ ।





ଉମା : ମୁଁ ଉମା । ମୋର ଜନ୍ମଦିନରେ ମୁଁ ନିଶ୍ଚିତ ରୂପେ ଗୋଟିଏ ଗଛ ଲଗାଏ ।

ରିୟା : ସ୍ୱାଗତ ବନ୍ଧୁ ! ମୁଁ ରିୟା । ଆମ ପରିବାର ସଭିଏଁ ରାତିରେ ଏକାଠି ଭୋଜନ କରୁ ।





ତୁମ ପରିବାରରେ କିଛି ଉତ୍ତମ ଅଭ୍ୟାସ ଅବଲମ୍ବନ କର କି ?



କେତେକ ପାରିବାରିକ ଅଭ୍ୟାସ ନିଜ ବାପାମାଆଙ୍କ ଠାରୁ ପିଲାମାନଙ୍କୁ ଆସିଥାଏ ।

AP SCERT

ତୁମେ କାହାଭଳି ଦେଖାଯାଉଛ ?

ସାଧାରଣତଃ ଗୋଟିଏ ପରିବାରର ଲୋକମାନେ ଏକାଭଳି ଦେଖାଯାଆନ୍ତି ଏବଂ ଏକାଭଳି ଆଚରଣ କରିଥାଆନ୍ତି ।
ନିମ୍ନ ବିବରଣୀକୁ ପଢ଼ !


ହାୟ ! ମୁଁ ରାଧିକା । ମୋ କାନ ଦେଖିବାକୁ ମୋର ବାପାଙ୍କ କାନ ଭଳି ହୋଇଛି ।









ହାୟ ! ମୁଁ ସ୍ୱାତୀ ।
ମୋ ମାଆଙ୍କ ଭଳି
ମୋର ମଧ୍ୟ ଘନକେଶ
ରହିଅଛି ।



ହାୟ ! ମୁଁ ଡେଭିଡ୍ ।
ମୋର ନାକ ମୋ ବାପାଙ୍କ
ନାକ ଭଳି ଖୁବ୍ ଗୋଜିଆ
ହୋଇଛି ।



ମୁଁ ରବି । ମୋ ଆଖି ଦେଖିବାକୁ
ମୋ ମାଆଙ୍କ ଆଖି ଭଳି ।



ମୁଁ ସତୀଶ୍ । ମୋ ଜେଜେମାଆ କହନ୍ତି କି
ମୋ ମୁହଁ ଠିକ୍ ମୋର ଜେଜେଙ୍କ ଭଳି
ହୋଇଛି ।

AP SCERT

ସାଧାରଣତଃ ଆମର କିଛି ଲକ୍ଷଣ ଯଥା: ବାଦାମୀ, ଶ୍ୟାମଳ ଓ ଗୋରା ଚର୍ମର ରଙ୍ଗ ଏବଂ ଉଚ୍ଚା, ମଧ୍ୟମ, ଗେଡ଼ା ଭଳି ଶାରୀରିକ ଉଚ୍ଚତା ଇତ୍ୟାଦି ଲକ୍ଷଣ ବାପାମାଆଙ୍କ ଠାରୁ ପିଲାମାନଙ୍କୁ ଆସିଥାଏ ।

ଅନେକାଂଶରେ ଏକ ଶିଶୁର ଆଚରଣ ନିଜ ରକ୍ତ ସମ୍ପର୍କ ବା ଜ୍ଞାତି ପରିବାରର ସଭ୍ୟଙ୍କ ଆଚରଣ ଭଳି ରହିଥାଏ । ତୁମେ ତୁମ ମାମୁଁଙ୍କ ଭଳି ଚାଲୁଥାଇ ପାର ।



ସମସ୍ତଙ୍କ ଚେହେରା ଏକାଭଳି
ରହିଥାଏ କି ?


ସମସ୍ତେ ଏକାଭଳି ନଥାନ୍ତି । ପ୍ରତ୍ୟେକଙ୍କ ରଙ୍ଗ, ଉଚ୍ଚତା ଓ ଓଜନ ନିଆରା ଅଟେ । ଆମେ କେବଳ ନିଜ ପରିବାର ସଦସ୍ୟଙ୍କ ସାଦୃଶ୍ୟ ଶାରୀରିକ ଗଠନକୁ ପ୍ରତିଫଳନ କରିଥାଉଁ । ଆମେ କଦାପି ଅନ୍ୟର ଶାରୀରିକ ରୂପକୁ ନେଇଁ ପରିହାସ କରିବା ବା ଚିଡ଼ାଇବା ଅନୁଚିତ । ସମସ୍ତଙ୍କ ପ୍ରତି ସମ୍ମାନ, ସ୍ନେହଭାବ ସହ ସୁଶୀଳ ଆଚରଣ ପ୍ରଦର୍ଶନ କରିବା ଉଚିତ ।



ଆସ କରିବା

ତୁମ ପିତାମାତା କିମ୍ବା ବୟୋଜ୍ୟେଷ୍ଠମାନେ କାହା ଭଳି ଦେଖାଯାଉଛନ୍ତି ପଚାରି ନିମ୍ନ ସାରଣୀ ପୂରଣ କର ।

କ୍ର.ସଂ.	ପରିବାର ସଦସ୍ୟ	ସେମାନେ କାହାଭଳି ଦେଖାଯାଉଛନ୍ତି
1.		
2.		
3.		
4.		



ଚିନ୍ତାକର ଓ ଚର୍ଚ୍ଚାକର

ତୁମ ବାପାମାଆଙ୍କୁ ତୁମ ସମ୍ପର୍କୀୟ ବିଷୟରେ ପଚାରି ନିମ୍ନ ସାରଣୀ ପୂରଣ କର ।

ତୁମ ସମ୍ପର୍କୀୟଙ୍କ ନାମ	ତୁମେ କିପରି ସମ୍ପର୍କିତ ?	ତୁମେ ତାଙ୍କୁ କ'ଣ ବୋଲି ଡାକ ?

AP SCERT

ମୁଖ୍ୟ ଶବ୍ଦାବଳୀ

ପରିବାର, ଜେଜେ ବାପା ଓ ଜେଜେ ମାଆ, ସହଜାତ, ଗୃହପାଳିତ ପଶୁ, ସାଦୃଶ୍ୟତା, ବୃତ୍ତି, ସଂସ୍କୃତି, ଗୃହୋପକରଣ

ଆମେ କ'ଣ ଶିଖିଲେ ?

- ଆମେ ଏକ ପରିବାରରେ ବାସ କରୁ ।
- ଏକ ପରିବାରରେ ଜେଜେ ବାପା, ଜେଜେ ମାଆ, ପିତାମାତା, ଭାଇଭଉଣୀ ଓ ଗୃହପାଳିତ ପଶୁ ରହିପାରନ୍ତି ।
- ପରିବାରରେ ସମସ୍ତ ସଭ୍ୟଙ୍କ ଭିନ୍ନ ଭିନ୍ନ ଭୂମିକା ରହିଥାଏ ।
- ପରିବାର ଠାରୁ ଆମେ ସ୍ନେହ ଆଦର, ଉପଯୁକ୍ତ ଯତ୍ନ ଓ ସମର୍ଥନ ପାଇଥାଉ ।
- ସମସ୍ତ ବୃତ୍ତିଗୁଡ଼ିକୁ ସମ୍ମାନ ଦେବା ଉଚିତ ।
- ଗୋଟିଏ ଗ୍ରାମରେ ବିଭିନ୍ନ ବୃତ୍ତିର ଲୋକ ରହିଥାନ୍ତି ।
- ପର୍ବପର୍ବାଣୀ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଖୁସି ବଢ଼ାଏ । ପର୍ବପର୍ବାଣୀ ସମସ୍ତ ପରିବାର ସଦସ୍ୟଙ୍କୁ ଏକାଠି କରାଏ ।
- ଆମ ପରିବାର କିମ୍ବା ଅନ୍ୟ ରକ୍ତ ସଂପର୍କୀୟ ଭଳି ଆମର ସାଦୃଶ୍ୟତା ରହିଥାଏ ।
- ଗୃହୋପକରଣଗୁଡ଼ିକ କାମକୁ ଶୀଘ୍ର ସମାପ୍ତ କରିବାରେ ସାହାଯ୍ୟ କରେ ।

ଶିଖଣକୁ ଉନ୍ନତ କରିବା

1. ପରିବାର କହିଲେ କ'ଣ ?
2. ତୁମ ପରିବାର ସଦସ୍ୟଙ୍କ ନାମ ଲେଖ ।
3. ଆମେ କ୍ଷୀର ଏବଂ ଦହିକୁ ଏହି ଗୃହୋପକରଣରେ ରଖୁ । ( )

   A) ପଙ୍ଖା B) କୁଲର୍

   C) ରେଫ୍ରିଜରେଟର୍ D) ମିକ୍ସର
4. ରେଖା ଦ୍ୱାରା ପରିବାର ସଦସ୍ୟଙ୍କୁ ଦେଖାଉଥିବା ଚିତ୍ରକୁ କ'ଣ କୁହାଯାଏ ? ( )

   A) ମାନଚିତ୍ର B) ଚାର୍ଟ

   C) ପରିବାର ପ୍ରବାହ ଚିତ୍ର D) ଚିତ୍ର
5. ପରିବାର ସଦସ୍ୟମାନେ ପରସ୍ପର ପ୍ରତି କିଭଳି ଯତ୍ନ ନିଅନ୍ତି ?

AP SCERT


6. ଆମ ପଡ଼ୋଶୀ ଲୋକମାନେ କିଭଳି ତାଙ୍କ ବୃତ୍ତି ଦ୍ୱାରା ଆମକୁ ସାହାଯ୍ୟ କରନ୍ତି ବର୍ଣ୍ଣନା କର ।

7. ଆମେ ଦୈନନ୍ଦିନ ଜୀବନରେ ଗୃହୋପକରଣଗୁଡ଼ିକୁ କାହିଁକି ବ୍ୟବହାର କରୁ ?

8. ତୁମ ମାଆ ରୋଷେଇ କରୁଛନ୍ତି । କେଉଁ ଗୃହୋପକରଣଗୁଡ଼ିକ ତାଙ୍କୁ ସହାୟକ ହେବ ?

9. ତୁମ ଭଉଣୀ ଅସୁସ୍ଥ ଥିବା ସମୟରେ, ପରିବାର ସଦସ୍ୟ ଭାବେ ତୁମେ କିପରି ତାଙ୍କ ଯତ୍ନ ନେବ ?

10. **ନିମ୍ନଗୁଡ଼ିକୁ ଯୋଡ଼ :**

ବୃତ୍ତି	**କାର୍ଯ୍ୟସ୍ଥଳୀ**
ଶିକ୍ଷକ	
ଡାକ୍ତର	
ଚାଷୀ	
ଦୋକାନୀ	

AP SCERT

11. ତୁମ ପରିବାର ପ୍ରତିବର୍ଷ ଏକାଠି ପର୍ବପର୍ବାଣୀ ପାଳନ କରନ୍ତି । ସେତେବେଳେ ତୁମେ କିପରି ଅନୁଭବ କର ?

12. ହେମା ଜଣେ ଝାଡୁଦାରଙ୍କ କାମକୁ ସମ୍ମାନ ଓ ପ୍ରଶଂସା କରେ । ଏହା ଠିକ୍ କି ? କାହିଁକି ?

13. ବିନ୍ଦୁଗୁଡ଼ିକୁ ଯୋଡ଼ ଏବଂ କୁକୁରର ଚିତ୍ରଟିକୁ ରଙ୍ଗ ଦିଅ ।



AP SCERT

14. ତୁମ ପରିବାର ସଦସ୍ୟମାନେ କିପରି ସ୍ନେହ କରନ୍ତି ଏବଂ ଯତ୍ନ ନିଅନ୍ତି ଦୁଇଟି ବାକ୍ୟ ଲେଖ ।



ଆମ ଚତୁଃପାର୍ଶ୍ୱର ଉଦ୍ଭିଦ



U9R6J9

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ଉଦ୍ଭିଦର ଅବଶ୍ୟକତା ବ୍ୟାଖ୍ୟା କରିବେ । (CG- 4)
- ଉଦ୍ଭିଦର ବିଭିନ୍ନ ଭାଗଗୁଡ଼ିକୁ ଚିହ୍ନଟ କରିବେ । (CG-4)
- ବିଭିନ୍ନ ପ୍ରକାର ଉଦ୍ଭିଦର ଉଦାହରଣ ଦେବେ । (CG-1)
- ଚେରର କାର୍ଯ୍ୟ ବର୍ଣ୍ଣନା କରିବେ । (CG-4)
- ପତ୍ରର ଭାଗ ଏବଂ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିବେ ।(CG-4)
- ଉଦ୍ଭିଦର ବିଭିନ୍ନ ଉପଯୋଗୀତା ବିଷୟରେ ଜାଣିବେ । (CG-4)
- ପ୍ରକୃତି ସହ ସମ୍ପର୍କ ବଢ଼ାଇବେ । (CG-4)


© SCERT



ଗୀତାଙ୍କ ଜନ୍ମଦିନରେ ଗୀତା ଓ ତାଙ୍କ ସାନଭାଇ ବେଣୁ ତାଙ୍କ ପିତାମାତାଙ୍କ ସହଯୋଗରେ ବଗିଚାରେ ଗଛ ଲଗାଇଲେ । ପର ଦିନ ଗୀତା ଏବଂ ବେଣୁ ଗଛରେ ପାଣିଦେବା ସମୟରେ, ଗୀତା ମନରେ ଏକ ସନ୍ଦେହ ଜାତ ହେଲା ଏବଂ ତାଙ୍କ ବାପାଙ୍କୁ ପଚାରିଲା ।

ଗୀତା : ବାପା, ଗଛ କିପରି ଭୂମିରୁ ଜଳ ଗ୍ରହଣ କରେ ?

ବାପା : ଆସ ଗୀତା । ମୁଁ ତୁମକୁ ଦେଖାଇବି । ଏହି ଟମାଟ ଗଛଟିକୁ ଦେଖ । ଏହାର ଚେର, କାଣ୍ଡ, ପତ୍ର, ଫୁଲ ଏବଂ ଫଳ ଅଛି ।



ଉଦ୍ଭିଦର ବିଭିନ୍ନ ଭାଗ

ପ୍ରତ୍ୟେକ ଉଦ୍ଭିଦର ବିଭିନ୍ନ ଭାଗ ଥାଏ । ପ୍ରତ୍ୟେକ ଭାଗର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ରହିଥାଏ ।

ଚେର : ଉଦ୍ଭିଦକୁ ଭୂମିରେ ଦୃଢ଼ଭାବେ ଧରି ରଖେ ଏବଂ ଭୂମିରୁ ଜଳ ସଂଗ୍ରହ କରେ ।

କାଣ୍ଡ : ଉଦ୍ଭିଦକୁ ସଳଖ ରଖିବାରେ ସାହାଯ୍ୟ କରେ ଏବଂ ଜଳକୁ ସମସ୍ତ ଭାଗକୁ ପହଞ୍ଚାଏ ।


ପତ୍ର : ଉଦ୍ଭିଦକୁ ଆବଶ୍ୟକ ହେବା ଖାଦ୍ୟ ପ୍ରସ୍ତୁତି କରେ ।

ଫୁଲ : ଏହା ଉଦ୍ଭିଦର ଖୁବ୍ ସୁନ୍ଦର ଭାଗ ଅଟେ । ଏହା ଫଳରେ ପରିଣତ ହୁଏ ।

ଫଳ : ଫୁଲରୁ ବୃଦ୍ଧିପାଏ ଏବଂ ଏହାର ଭିତରେ ବୀଜ ଥାଏ ।

ତୁମେ ଜାଣ କି !

- ଉଦ୍ଭିଦର ବୃଦ୍ଧି ପାଇଁ ବାୟୁ, ଜଳ, ସୂର୍ଯ୍ୟାଲୋକ ଏବଂ ମୃତ୍ତିକା ଆବଶ୍ୟକ ।
- କେତେକ ଉଦ୍ଭିଦ ଆମକୁ ଫଳ ଏବଂ ପନିପରିବା ଦିଏ ।
- କେତେକ ଉଦ୍ଭିଦ ଆମକୁ ଫୁଲ ଏବଂ ଛାଇ ଦିଏ ।



ଚିନ୍ତାକର ଓ ଚର୍ଚ୍ଚାକର

- ତୁମ ଘର ନିକଟରେ ଥିବା ଗୋଟିଏ ଉଦ୍ଭିଦକୁ ଲକ୍ଷ୍ୟ କର । ଏହା ଆମ ଦୈନନ୍ଦିନ ଜୀବନରେ କିପରି ସାହାଯ୍ୟ କରେ ଚିନ୍ତାକର ଓ ଚର୍ଚ୍ଚାକର ।
- ତୁମ ବିଦ୍ୟାଳୟ କିମ୍ବା ଘର ଚତୁଃପାର୍ଶ୍ୱରେ ଥିବା ଉଦ୍ଭିଦଗୁଡ଼ିକୁ ଦେଖ । ସେଥିରୁ କେଉଁ ଉଦ୍ଭିଦ ଫଳ ଦିଏ ଏବଂ କେଉଁ ଉଦ୍ଭିଦ ଛାଇ ଦିଏ ଚିହ୍ନଟ କର ।

କାର୍ଯ୍ୟକଳାପ:

ଉଦ୍ଭିଦର ଚିତ୍ର ଅଙ୍କନ କରି ଭାଗଗୁଡ଼ିକର ନାମ ଲେଖ ।

APSCERT

ଚେର :

ଚେର ମାଟି ତଳେ ବଢ଼ିବା ଉଦ୍ଭିଦର ଏକ ଭାଗ ।

ଚେରର କାର୍ଯ୍ୟ :

1. ଚେର ଉଦ୍ଭିଦକୁ ମାଟିରେ ଦୃଢ଼ଭାବେ ଧରି ରଖେ ।
2. ଉଦ୍ଭିଦର ବୃଦ୍ଧି ପାଇଁ ଚେର ମାଟିରୁ ଜଳ ଏବଂ ପୋଷକଗୁଡ଼ିକୁ ଶୋଷଣ କରେ ।
3. କେତେକ ଚେର ଖାଦ୍ୟ ସଞ୍ଚୟ କରେ । ଉଦାହରଣ– ଗାଜର, ବିଟ୍, ମୂଳା ।
4. ଉଦ୍ଭିଦକୁ ଦୃଢ଼ ଏବଂ ସୁସ୍ଥ ଭାବେ ବଢ଼ିବା ପାଇଁ ଚେର ସାହାଯ୍ୟ କରେ ।

ଆସ କରିବା

କେତେକ ଉଦ୍ଭିଦର ଚେର ସଂଗ୍ରହ କର । ସମସ୍ତ ଚେର ଏକା ଭଳି ଦେଖାଯାଏ କି ? ତୁମ ସାଙ୍ଗସାଥୀଙ୍କ ସହ ଚର୍ଚ୍ଚାକର ।

ଗୀତା : ବାପା, ଯଦି ଚେରଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ, ତେବେ କାଣ୍ଡର ଉପଯୋଗୀତା କ'ଣ ?

ବାପା : ଚେର ଠାରୁ ଜଳ ଓ ପୋଷକଗୁଡ଼ିକୁ ଉଦ୍ଭିଦର ବିଭିନ୍ନ ଭାଗକୁ କାଣ୍ଡ ବହନ କରିଥାଏ ଏବଂ ଉଦ୍ଭିଦକୁ ସାମର୍ଥ୍ୟ ଯୋଗାଇଥାଏ ।

ଗୀତା : ଓଃ ! ଏହି ଟମାଟ ଗଛଟିର କାଣ୍ଡ ବହୁତ ସରୁ ଏବଂ ଲୋମଶ ଅଟେ । ବାପା, ସମସ୍ତ ପ୍ରକାର ଉଦ୍ଭିଦରେ କାଣ୍ଡ ଏକା ପ୍ରକାର ଥାଏ କି ?

ବାପା : ନା । ଏକାଭଳି ନ ଥାଏ ।

କାଣ୍ଡ :
କାଣ୍ଡ ଉଦ୍ଭିଦର ଏକ ମୁଖ୍ୟ ଭାଗ ଅଟେ ଯାହା ଉଦ୍ଭିଦକୁ ସଳଖ ରଖେ ଏବଂ ଉଦ୍ଭିଦର ବିଭିନ୍ନ ଭାଗକୁ ଜଳ, ଖାଦ୍ୟ ଏବଂ ଖଣିଜ ଲବଣକୁ ବହନ କରିଥାଏ ।

କାଣ୍ଡର ପ୍ରକାର : କାଣ୍ଡଗୁଡ଼ିକ ବିଭିନ୍ନ ପ୍ରକାରର ଥାଏ । କେତେକ କାଣ୍ଡ ନରମ ଏବଂ ସବୁଜ ତ କେତେକ କାଣ୍ଡ ବାଦାମୀ ରଙ୍ଗର ଏବଂ କଠିନ ଅଟେ । କେତେକ ଉଦ୍ଭିଦରେ ମୋଟା କାଣ୍ଡ ଏବଂ କେତେକ ଉଦ୍ଭିଦରେ ସରୁ କାଣ୍ଡ ଥାଏ ।

ଆସ କରିବା

ନିମ୍ନରେ ଦିଆଯାଇଥିବା ଉଦ୍ଭିଦ ଏବଂ ବୃକ୍ଷଗୁଡ଼ିକୁ ଅନୁଧ୍ୟାନ କର । ସେଗୁଡ଼ିକର କାଣ୍ଡ ନରମ ନା କଠିନ ପଢ଼ ।


AP SCERT

ଆମ୍ବ




କଠିନ କାଣ୍ଡ .....

ନଡ଼ିଆ




କଠିନ କାଣ୍ଡ .....

ତରଭୁଜ



ନରମ କାଣ୍ଡ .....

ଧନିଆ



ନରମ କାଣ୍ଡ .....

ଉଦ୍ଭିଦର ଆକାର ବୃଦ୍ଧି ପାଇବା କ୍ରମେ ତାହାର କାଣ୍ଡ ଶକ୍ତ ହୋଇଥାଏ । ଏହି ମୋଟା କାଣ୍ଡଗୁଡ଼ିକୁ ଗଣ୍ଠି କୁହାଯାଏ । କେତେକ ଉଦ୍ଭିଦର ଗଣ୍ଠିଗୁଡ଼ିକ ବଳ୍କଳ ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ ।

ଉଦାହରଣ : ଆମ୍ବ, ନଡ଼ିଆ ଇତ୍ୟାଦି ।

ଉଦ୍ଭିଦର ପ୍ରକାର :

ଗୁଳ୍ମ :

ଗୁଳ୍ମଗୁଡ଼ିକ ନରମ ଏବଂ ସବୁଜ କାଣ୍ଡ ବିଶିଷ୍ଟ ଅତି ଛୋଟ ଉଦ୍ଭିଦ ଅଟେ ।

ଉଦାହରଣ : ଧନିଆ, ପାଳଙ୍ଗ ଶାଗ ଇତ୍ୟାଦି ।



ମେଥି



ଲେମ୍ବୁଘାସ



ଧନିଆ



ପାଳଙ୍ଗ ସାଗ

ବୁଦା :

ବୁଦାଗୁଡ଼ିକ ମଧ୍ୟମ ଧରଣର କଠିନ କାଣ୍ଡ ଏବଂ ଶାଖାଯୁକ୍ତ ଉଦ୍ଭିଦ । ଏହା ଭୂମିର ଅଳ୍ପ ଉଚ୍ଚରେ ବଢ଼େ ।

ଉଦାହରଣ : ଗୋଲାପ, ମନ୍ଦାର ଇତ୍ୟାଦି ।





ବୃକ୍ଷ(ଗଛ) :

ବୃକ୍ଷଗୁଡ଼ିକର ବଡ଼ କଠିନ କାଣ୍ଡ ଏବଂ ପତ୍ରଯୁକ୍ତ ଅନେକ ଶାଖା ପ୍ରଶାଖା ବିସ୍ତାରିତ ହୋଇ ରହିଥାଏ । ବୃକ୍ଷର ଚେର ଗୁଡ଼ିକ ମାଟିର ବହୁ ଗଭୀରକୁ ଯାଇଥାଏ ।

ଉଦାହରଣ : ବର, ତେନ୍ତୁଳି, ଆମ୍ବ, ନଡ଼ିଆ ଇତ୍ୟାଦି ।






AP SCERT

ଆରୋହୀ ଉଦ୍ଭିଦ :

ଆରୋହୀ ଉଦ୍ଭିଦଗୁଡ଼ିକ ଯାହାକି କୌଣସି ଆଶ୍ରୟର ସହାୟତାରେ ଉଚ୍ଚକୁ ବୃଦ୍ଧି ହୋଇଥାଏ ।

ଉଦାହରଣ : ଅଙ୍ଗୁର, କଲରା ଇତ୍ୟାଦି ।




ଲତା ଜାତୀୟ ଉଦ୍ଭିଦ :

ଲତା ଜାତୀୟ ଉଦ୍ଭିଦଗୁଡ଼ିକ ଦୁର୍ବଳ କାଣ୍ଡ ଥାଇ ଭୂମିରେ ମାଳିଥାଏ ।

ଉଦାହରଣ : ତରଭୁଜ, ବୋଇତାଳୁ ଇତ୍ୟାଦି ।




କାର୍ଯ୍ୟକଳାପ :

ଉପଯୁକ୍ତ ବାକ୍ସ ଭିତରେ ଠିକ୍(✓) ଚିହ୍ନ ଦିଅ ।

ଉଦ୍ଭିଦର ନାମ	ବୃକ୍ଷ	ବୁଦା	ଗୁଳ୍ମ	ଆରୋହୀ ଉଦ୍ଭିଦ	ଲତା
ତରଭୁଜ					
ତୁଳସୀ					
ଆମ୍ବ					
କଲରା					
ମନ୍ଦାର					
ନିମ୍ବ					

AP SCERT

ବିସ୍ମୟକର ତଥ୍ୟ :

ଓ୍ୱୋଲ୍ଫିଆ ଉଦ୍ଭିଦ :

ପୃଥିବୀରେ ସବୁଠାରୁ ଛୋଟ ଉଦ୍ଭିଦ ହେଉଛି ଓ୍ୱୋଲ୍ଫିଆ ।


ଏହି ଉଦ୍ଭିଦ ସ୍ପଞ୍ଜ୍ ଭଳି ହାନିକର ରସାୟନକୁ ଶୋଷଣ କରି ପ୍ରଦୂଷିତ ଜଳକୁ ପରିଷ୍କାର ଜଳରେ ପରିଣତ କରେ ।



ଗୀତା : ଓଃ ! ସତରେ, ଅନେକ ପ୍ରକାର କାଣ୍ଡ ରହିଛି । ବାପା, ତେବେ ଉଦ୍ଭିଦଗୁଡ଼ିକରେ ଅସଂଖ୍ୟ ପତ୍ର କାହିଁକି ରହିଥାଏ ?

ବାପା : ତୁମେ ବଡ଼ ହେବା ପାଇଁ ଯେଉଁ ଭଳି ଖାଦ୍ୟ ଆବଶ୍ୟକ କର, ସେହିଭଳି ଉଦ୍ଭିଦଗୁଡ଼ିକ ମଧ୍ୟ ବୃଦ୍ଧି ହେବାପାଇଁ ଖାଦ୍ୟ ଆବଶ୍ୟକ କରନ୍ତି । ପତ୍ରଗୁଡ଼ିକ ଉଦ୍ଭିଦ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ଉଦ୍ଭିଦଗୁଡ଼ିକୁ ବୃଦ୍ଧି ହେବାରେ ସାହାଯ୍ୟ କରନ୍ତି ।

ପତ୍ରର ବିଭିନ୍ନ ଅଂଶଗୁଡ଼ିକୁ ଅନୁଧ୍ୟାନ କର :





ଚିନ୍ତାକର ଓ ଚର୍ଚ୍ଚାକର

- ତୁମେ ବିଭିନ୍ନ ଗଛର ପତ୍ର ଅନୁଧ୍ୟାନ କରିଛ କି ?
- ସମସ୍ତ ପତ୍ରର ଆକାର, ଆକୃତି, ରଙ୍ଗ ଓ ଗନ୍ଧ ସମାନ ଥାଏ କି ?

ବିଭିନ୍ନ ପ୍ରକାରର ପତ୍ର :



AP SCERT

ପତ୍ରଗୁଡ଼ିକର ବିଭିନ୍ନ ଆକାର, ଆକୃତି, ରଙ୍ଗ ଓ ଗନ୍ଧ ରହିଥାଏ ।


- କଦଳୀ ଗଛର ପତ୍ର ବହୁତ ବଡ଼ ଅଟେ ।
- ମନ୍ଦାର ପତ୍ର ଓସାରିଆ ଏବଂ ପତ୍ରଧାର କରତ ସଦୃଶ ଅଟେ ।
- ଅମୃତଭଣ୍ଡାର ପତ୍ର ଆମ ହାତର ପାପୁଲି ଭଳି ଦେଖାଯାଏ ।
- ନଡ଼ିଆ ଗଛର ପତ୍ରରେ ଲମ୍ବା ଶିରା ରହିଥାଏ ।
- ତେନ୍ତୁଳି ଗଛର ପତ୍ର ବହୁତ ଛୋଟ ଅଟେ ।
- ପୋଦିନା, ଧନିଆ ଏବଂ ତୁଳସୀ ପତ୍ରର ସ୍ୱତନ୍ତ୍ର ବାସ୍ନା ରହିଥାଏ ।


କାର୍ଯ୍ୟକଳାପ :

- କେତୋଟି ପତ୍ର ସଂଗ୍ରହ କର ଏବଂ ସେଗୁଡ଼ିକୁ ତୁମ ଖାତାରେ ଟିପିରଖି ନକ୍ସା ଅଙ୍କନ କର । ଚିତ୍ରଗୁଡ଼ିକୁ ରଙ୍ଗ ଦିଅ ଏବଂ ସେଗୁଡ଼ିକର ନାମ ଲେଖ ।

ଆସ କରିବା

ତୁମ ଅଞ୍ଚଳରେ ଲଭ୍ୟ ହେଉଥିବା କିଛି ପତ୍ର ବ୍ୟବହାର କରି କଣ୍ଢେଇ ତିଆରି କର । ଏଠାରେ କିଛି ନମୂନା ଦିଆଯାଇଛି ।









ଶିକ୍ଷକଙ୍କୁ ସୂଚନା : ଏହି କାର୍ଯ୍ୟ କରିବା ସମୟରେ ଶିକ୍ଷାର୍ଥୀଙ୍କୁ ସହଯୋଗ କର ।

AP SCERT

ଅନ୍ଧପୁଟୁଳି କାର୍ଯ୍ୟକଳାପ

କିଛି ଲେମ୍ବୁ, ଆମ୍ବ, ନିମ୍ବ, ତୁଳସୀ, ପୋଦିନା ଏବଂ ଧନିଆ ପତ୍ର ସଂଗ୍ରହ କର । ଜଣେ ଶିକ୍ଷାର୍ଥୀକୁ ଆଖିରେ ଅନ୍ଧପୁଟୁଳି ବାନ୍ଧି ନିମ୍ନଗୁଡ଼ିକୁ କରିବା ପାଇଁ କୁହ :

- କିଛି ପତ୍ରଗୁଡ଼ିକୁ ନେଇ ତାକୁ ମଛି, ତା'ର ବାସ୍ନା ଶୁଙ୍ଘ ।
- ସେହି ପତ୍ରକୁ ଚିହ୍ନଟ କରି ତା'ର ନାମ କୁହ ।

ସବୁ ପତ୍ରର ଏକା ଭଳି ବାସ୍ନା ରହିଛି କି ? ତୁମ ସାଙ୍ଗମାନଙ୍କ ସହ ଚର୍ଚ୍ଚା କର ।

ପତ୍ରଗୁଡ଼ିକ କିପରି ଆମର ବ୍ୟବହାରରେ ଲାଗିଥାଏ, ତୁମେ ଜାଣ କି ?

ପତ୍ରର ବ୍ୟବହାର :

ଆମେ ପତ୍ରକୁ ବିଭିନ୍ନ ପ୍ରକାରରେ ବ୍ୟବହାର କରୁ ।

- ଧନିଆ ପତ୍ର, ଭୃସଙ୍ଗ ପତ୍ର, ସଜନା ଶାଗ ଭଳି ଅନେକ ଉଦ୍ଭିଦର ପତ୍ରକୁ ଆମେ ଖାଇଥାଉ ।
- ଚାହା ଗଛର ପତ୍ରରୁ ତିଆରି ହୋଇଥିବା ଚାହା ଆମେ ପିଉ ।
- ନିମ ଏବଂ ତୁଳସୀର ପତ୍ରକୁ ଆମେ ଔଷଧ ଭାବେ ବ୍ୟବହାର କରୁ ।
- ଖାଦ୍ୟ ପରିବେଷଣ ପାଇଁ କଦଳୀ, ବର, ଶାଳ ଓ ଶିଆଳୀ ଗଛର ପତ୍ର ସାହାଯ୍ୟରେ ବ୍ୟବହାର ପରେ ଫୋପାଡ଼ିଦେବା ଥାଳି ଓ ଗିନା ତିଆରିକୁ କରିବାରେ ବ୍ୟବହାର କରାଯାଏ ।





© SCERT

ଆସ କରିବା

ଶିକ୍ଷକଙ୍କ ସହାୟତାରେ ଏକ ବାଡ଼ିବଗିଚା(କିଚେନ୍ ଗାର୍ଡେନ୍) ପ୍ରସ୍ତୁତ କର ।



ଚିନ୍ତାକର ଓ ଚର୍ଚ୍ଚାକର

ଯଦି ଉଦ୍ଭିଦରେ ପତ୍ର ନ ଥାଆନ୍ତା, ତେବେ ଆମେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତେ ? ଚର୍ଚ୍ଚା କର ।

ଉଦ୍ଭିଦର ଉପଯୋଗିତା :

ଉଦ୍ଭିଦ ପ୍ରକୃତିର ଅମୂଲ୍ୟ ଉପହାର । ଉଦ୍ଭିଦର ଅନେକ ଉପଯୋଗୀତା ରହିଛି । ଉଦ୍ଭିଦ ଆମକୁ ଖାଦ୍ୟ ଦିଏ । ଉଦ୍ଭିଦ ଦ୍ୱାରା ଆମେ ସତେଜ ବାୟୁ ପାଇଥାଉ । ଉଦ୍ଭିଦ ଅଙ୍ଗାରକାମ୍ଳ ଗ୍ରହଣ କରି ଆମେ ପ୍ରଶ୍ୱାସ ନେଉଥିବା ଅମ୍ଳଜାନକୁ ଯୋଗାଇଥାଏ ।

- ଉଦ୍ଭିଦ ଆମକୁ ଘର ଏବଂ ଆସବାବ ପତ୍ର ତିଆରି କରିବା ପାଇଁ କାଠ ଯୋଗାଏ ।
- ଉଦ୍ଭିଦ ଆମକୁ ବିଭିନ୍ନ ରୋଗରୁ ଉପଶମ ପାଇବା ପାଇଁ ଔଷଧ ଦିଏ ।
- ଉଦ୍ଭିଦ ଆମକୁ ଛାୟା ଦିଏ ଏବଂ ପରିବେଶକୁ ଥଣ୍ଡା ରଖେ ।
- ଆମେ ପରିଧାନ କରୁଥିବା ସୂତାବସ୍ତ୍ର(କାର୍ପାସ) ଉଦ୍ଭିଦରୁ ପାଉ ।
- ଉଦ୍ଭିଦ ଆମକୁ ଲେଖିବା ଓ ପଢ଼ିବା ପାଇଁ କାଗଜ ଦିଏ ।
- ନଡ଼ିଆ ତେଲ ଭଳି ବିଭିନ୍ନ ତେଲ ଆମେ ଉଦ୍ଭିଦରୁ ହିଁ ପାଇଥାଉ ।



AP SCERT

ରାତ୍ରି ଭୋଜନ ସମୟରେ, ଗୀତା ତାଙ୍କ ବାପାଙ୍କୁ ବିଦ୍ୟାଳୟରେ ହୋଇଥିବା ଅଭିଭାବକ ସଭା ବିଷୟରେ କହିଲା । ସେଠାରେ ମାଆଙ୍କ ନାମରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଗୋଟିଏ ଲେଖାଏଁ ଚାରା ଦିଆଯାଇଥିଲା । ଭୋଜନ ପରେ, ସେ ବାପାଙ୍କୁ ଏକ କାର୍ଡ୍ ଦେଖାଇ ତାହା ବିଷୟରେ କଥା ହେଲା ।

ଗୀତା : ବାପା, ଏହା କ'ଣ ତୁମେ ଜାଣିଛ କି ?

ବାପା : ଏହି କାର୍ଡ୍‌ଟି କ'ଣ ଗୀତା ?

ଗୀତା : ଏହା ହେଉଛି 'ଗ୍ରୀନ୍ ପାସ୍‌ପୋର୍ଟ୍' । ମୋ ଚାରାର ଯତ୍ନ ନେବା ସହ ଏହାର ବୃଦ୍ଧିକୁ ମୁଁ ଏଥିରେ ଟିପି ରଖିବାକୁ ପଡ଼ିବ ।

ବାପା : ତୁମ ମାଆ ଓ ମୁଁ ତୁମକୁ ଯେପରି ଯତ୍ନରେ ରଖିଛୁ, ତୁମେ ମଧ୍ୟ ଏହି ଚାରାର ଯତ୍ନ ସେହିଭଳି ନେବାକୁ ପଡ଼ିବ ।

ଗୀତା : ନିଶ୍ଚୟ, ବାପା ।



ଗ୍ରୀନ୍ ପାସ୍‌ପୋର୍ଟ୍

ଗ୍ରୀନ୍ ପାସ୍‌ପୋର୍ଟ୍‌ରେ ଚାରାର ନାମ, ବୈଜ୍ଞାନିକ ନାମ ଏବଂ ଶିକ୍ଷାର୍ଥୀ ଯେଉଁ ତାରିଖ ଏବଂ ସ୍ଥାନରେ ଚାରା ରୋପଣ କରିଛନ୍ତି, ସେ ସମସ୍ତ ବିବରଣୀ ରହିଥାଏ ।

ଆସ ଜାଣିବା !



"ଏକ୍ ପେଡ୍ ମାଁ କେ ନାମ୍" ଅର୍ଥାତ୍ "ମାଆଙ୍କ ନାମରେ ଗୋଟିଏ ଚାରା" । ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ତାଙ୍କ ମାଆଙ୍କ ପ୍ରତି ସ୍ନେହ ଓ ସମ୍ମାନ ପ୍ରକାଶ କରିବା ପାଇଁ ଗୋଟିଏ ଚାରା ରୋପଣ କରନ୍ତି । ଗୋଟିଏ ଚାରା ରୋପଣ କରିବା ଦ୍ୱାରା ଆମେ ପୃଥିବୀକୁ ସବୁଜ ଓ ପରିଷ୍କାର ରଖିପାରିବା । ଆମ ମାଆ ଯେଭଳି ଆମର ଯତ୍ନ ନିଅନ୍ତି, ଆମେ ମଧ୍ୟ ପ୍ରକୃତିର ସୁରକ୍ଷା କରିବା ବୋଲି ଏହା ଆମକୁ ଶିଖାଏ । ପ୍ରତ୍ୟେକ ଶିଶୁ ଚାରାଟିର ସୁରକ୍ଷା କରିବା ଏବଂ ଏହାର ବୃଦ୍ଧିକୁ ଲକ୍ଷ୍ୟ କରିବା ପାଇଁ ଶପଥ ନିଅନ୍ତି । ବୃକ୍ଷରୋପଣ ଦ୍ୱାରା ଆମ ମାଆଙ୍କୁ ଧନ୍ୟବାଦ ଦେବାପାଇଁ ଏବଂ ପରିବେଶ ସୁରକ୍ଷା ପାଇଁ ଏକ ସୁନ୍ଦର ଉପାୟ ଅଛି ବୋଲି ଏହି କାର୍ଯ୍ୟକ୍ରମ ଆମକୁ ବାର୍ତ୍ତା ଦିଏ ।


ବିସ୍ମୟକର ତଥ୍ୟ :



ରାଫ୍ଲେସିଆ

ଭାରତର ବୃହତ୍ତମ ବୃକ୍ଷ ବର ଗଛ ।
ଭାରତର ବୃହତ୍ତମ ଫଳ ପଣସ ।
ଉଚ୍ଚତମ ଘାସ ଜାତୀୟ ଉଦ୍ଭିଦ ବାଉଁଶ ।
ପୃଥିବୀର ବୃହତ୍ତମ ଫୁଲ ରାଫ୍ଲେସିଆ ।





ଭାରତରେ ଦେଖାଯିବା ବୃହତ୍ତମ ପତ୍ର ହେଉଛି ଜିଆଣ୍ଟ୍ ୱାଟର୍ ଲିଲି(ଭିକ୍ଟୋରିଆ ଆମାଜୋନିକା) । ଭାରତର କ୍ଷୁଦ୍ରତମ ଫଳ ହେଉଛି ମାନିଲା ଟାମାରିଣ୍ଡ୍ ।

ମୁଖ୍ୟ ଶବ୍ଦାବଳୀ

ପୋଷକ, ଶିରା, କାଣ୍ଡ, ପ୍ରାଣୀ, ସଜୀବ, ଖଣିଜ ଲବଣ, ପରିବେଶ, ପୃଥିବୀ, ସୁଗନ୍ଧ, ଗ୍ରୀନ୍ ପାସ୍‌ପୋର୍ଟ୍, ବାଡ଼ି ବଗିଚା ।

AP SCERT



ଆମେ କ'ଣ ଶିଖିଲେ ?

- ଚେର, କାଣ୍ଡ, ପତ୍ର, ଫୁଲ ଏବଂ ଫଳ ଉଦ୍ଭିଦର ମୁଖ୍ୟ ଭାଗ ଅଟେ ।
- ଚେର ଉଦ୍ଭିଦର ଅତି ମୁଖ୍ୟ ଭାଗ ଅଟେ । ଏହା ମାଟିକୁ ଜାବୁଡ଼ି ଧରି ଥାଏ । ମାଟିରୁ ପୋଷକ ଓ ଜଳ ଶୋଷଣ କରିଥାଏ ।
- କାଣ୍ଡ ଉଦ୍ଭିଦର ସମସ୍ତ ଭାଗକୁ ଜଳ ଏବଂ ପୋଷକ ପରିବହନ କରିଥାଏ । ଏହା ଉଦ୍ଭିଦକୁ ସାମର୍ଥ୍ୟ ଯୋଗାଇଥାଏ ।
- ସମସ୍ତ କାଣ୍ଡ ଏକା ଭଳି ନ ଥାଏ । ମୋଟା କାଣ୍ଡଗୁଡ଼ିକୁ ଗଣ୍ଠି କୁହାଯାଏ । ଗଣ୍ଠିଗୁଡ଼ିକ ବକ୍କଳ ଦ୍ୱାରା ଘୋଡ଼େଇ ହୋଇ ରହିଥାଏ ।
- ପତ୍ରଗୁଡ଼ିକର ବିଭିନ୍ନ ଆକାର, ଆକୃତି ଏବଂ ରଙ୍ଗ ଥାଏ । ସମସ୍ତ ପତ୍ରରେ ଶିରା ଥାଏ । ପତ୍ରଗୁଡ଼ିକ ଉଦ୍ଭିଦ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାଏ ।



ଶିକ୍ଷଣକୁ ଉନ୍ନତ କରିବା

1. ତୁମ ଚତୁଃପାର୍ଶ୍ୱରେ ଦେଖୁଥିବା ଯେକୌଣସି ଦୁଇଟି ଉଦ୍ଭିଦର ନାମ ଲେଖ ।
2. ଉଦ୍ଭିଦର ଯେକୌଣସି ଦୁଇଟି ଭାଗର ନାମ ଲେଖ ।
3. ଗୋଟିଏ ବୃକ୍ଷ ଏବଂ ଗୋଟିଏ ଗୁଳ୍ମର ନାମ ଲେଖ ।
4. ଉଦ୍ଭିଦର କେଉଁ ଭାଗ ଖାଦ୍ୟ ପ୍ରସ୍ତୁତ କରେ ।
5. ଆମକୁ ଉଦ୍ଭିଦ କାହିଁକି ଆବଶ୍ୟକ ?
6. ଚେର ଉଦ୍ଭିଦକୁ କିଭଳି ସାହାଯ୍ୟ କରେ ?
7. ଉଦ୍ଭିଦରେ ପତ୍ରର କାର୍ଯ୍ୟ ବର୍ଣ୍ଣନା କର ।
8. ବାହାରେ ଖେଳୁଥିବା ସମୟରେ ତୁମେ ଗରମ ଅନୁଭବ କର । ଉଦ୍ଭିଦର କେଉଁ ଭାଗ ଛାଇ ଏବଂ ଥଣ୍ଡା ପବନ ଯୋଗାଇବାରେ ସାହାଯ୍ୟ କରେ ? ( )



   A) ଚେର B) ପତ୍ର C) ଫୁଲ D) କାଣ୍ଡ
9. ଏକ ଛୋଟ କୁଣ୍ଡରେ ଥିବା ଉଦ୍ଭିଦଟି ସହଜରେ ପଡ଼ିଯାଏ । ଏହାର କାରଣ କ'ଣ ? ( )

   A) ଦୁର୍ବଳ ଚେର B) ବଡ଼ ପତ୍ର
   C) ବହୁତ ଫୁଲ D) ସବୁଜ ରଙ୍ଗ
10. ତୁମ ଘର ପାଖରେ ଥିବା ଦୁଇଟି ଭିନ୍ନ ପ୍ରକାର ଉଦ୍ଭିଦର ପତ୍ରଗୁଡ଼ିକୁ ଅନୁଧ୍ୟାନ କର । ସେଗୁଡ଼ିକରେ କି ଭିନ୍ନତା ଅଛି ଚିନ୍ତାକର ଏବଂ ଚର୍ଚ୍ଚାକର ।

AP SCERT

11. ବୃକ୍ଷ ଏବଂ ଆରୋହୀ ଭଳି ଦୁଇଟି ଉଦ୍ଭିଦକୁ ଅନୁଧ୍ୟାନ କର । ସେଗୁଡ଼ିକ ପରସ୍ପର ଠାରୁ କିଭଳି ଭିନ୍ନ ଅଟନ୍ତି ?

12. **ନିମ୍ନଗୁଡ଼ିକୁ ଯୋଡ଼ ।**

କାର୍ଯ୍ୟ	**ଉଦ୍ଭିଦର ଭାଗ**
ବୀଜ ଧାରଣ କରିଥାଏ	
ମାଟିରେ ଉଦ୍ଭିଦକୁ ଜାବୁଡ଼ି ଧରି ରଖେ	
ଜଳ ପରିବହନ କରେ	
ଖାଦ୍ୟ ପ୍ରସ୍ତୁତି କରେ	

AP SCERT

13. ଜଣେ ବାଳକ ମଜା ପାଇବା ପାଇଁ ଗଛରୁ ପତ୍ର ତୋଳେ । ଏହା ଠିକ୍ ନା ଭୁଲ ? କାହିଁକି ?

14. ତୁମ ସାଙ୍ଗ ଅଳିଆ ଆବର୍ଜ୍ଜନାକୁ ନେଇ ଉଦ୍ଭିଦ ନିକଟରେ ଫୋପାଡି ଦିଏ । ତୁମେ ତାକୁ କ'ଣ କହିବ ?

15. ଏକ ଉଦ୍ଭିଦର ଚିତ୍ର ଆଙ୍କି ଯେ କୌଣସି ଚାରୋଟି ଭାଗ ଦର୍ଶାଅ ।



ଆମ ଚତୁଃପାର୍ଶ୍ୱର ପ୍ରାଣୀ



A5I8F4

ଶିକ୍ଷଣ ଫଳାଫଳ


ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ସେମାନଙ୍କ ଚତୁଃପାର୍ଶ୍ୱରେ, ଚିଡ଼ିଆଖାନା ଭଳି ବିଭିନ୍ନ ସ୍ଥାନରେ ଦେଖିଥିବା ପ୍ରାଣୀମାନଙ୍କର ତାଲିକା ପ୍ରସ୍ତୁତ କରିବେ । (CG- 1)
- ଗୃହପାଳିତ ପଶୁ ଏବଂ ବନ୍ୟ ପଶୁ ମଧ୍ୟରେ ଥିବା ପାର୍ଥକ୍ୟକୁ ଚିହ୍ନଟ କରିବେ । (CG-1)
- ଚଳନ ଅନୁସାରେ ପ୍ରାଣୀଙ୍କ ତାଲିକା ପ୍ରସ୍ତୁତ କରିବେ । (CG-1)
- ପ୍ରାଣୀମାନଙ୍କର ବାସସ୍ଥାନ ଅନୁସାରେ ସେମାନଙ୍କୁ ଶ୍ରେଣୀକରଣ କରିବେ । (CG-1)
- ପ୍ରାଣୀମାନଙ୍କ ଖାଦ୍ୟାଭ୍ୟାସକୁ ଆଧାର କରି ଚିହ୍ନଟ କରିବେ । (CG-1)
- ପ୍ରାଣୀମାନଙ୍କ ଭିତରେ ଯୋଗାଯୋଗକୁ ପ୍ରଶଂସା କରିବେ । (CG-2)
- ଉଦ୍ଭିଦ ଓ ପ୍ରାଣୀ ଏକାଠି ବସବାସ କରିବାକୁ ପ୍ରଶଂସା କରିବେ । (CG-2)
- ପ୍ରକୃତି ପ୍ରତି ସମ୍ବେଦନଶୀଳ ହେବେ । (CG-4)

ଛୁଟି ଦିନରେ ସୂର୍ଯ୍ୟା ଏବଂ ତାଙ୍କ ସଂପର୍କୀୟ ଭାଇ–ଭଉଣୀ ନିଜ ପରିବାର ସହ ଚିଡ଼ିଆଖାନା ଦେଖିବାକୁ ଗଲେ । ସେମାନେ ହାତୀ, ବାଘ, ସିଂହ, ଚିତା ପରି ପଶୁମାନଙ୍କୁ ଦେଖି ଉତ୍ସାହିତ ହେଲେ ।

ତୁମେ କେବେ ଚିଡ଼ିଆଖାନା ପରିଦର୍ଶନ କରିଛ କି ?

ଆସ ଚିଡ଼ିଆଖାନାର ଚିତ୍ରକୁ ଅନୁଧ୍ୟାନ କରିବା :



- ଏହି ଚିତ୍ରରେ ତୁମେ ଦେଖୁଥିବା ପଶୁ ଏବଂ ପକ୍ଷୀମାନଙ୍କ ନାମ କୁହ ?
- ଏହି ପ୍ରାଣୀମାନେ ତୁମ ଚତୁଃପାର୍ଶ୍ୱରେ ଦେଖାଯାଆନ୍ତି କି ?
- ତୁମ ଚତୁଃପାର୍ଶ୍ୱରେ ତୁମେ କେଉଁ ପ୍ରାଣୀମାନଙ୍କୁ ଦେଖିଥାଅ ?
- ତୁମେ ଏହି ପ୍ରାଣୀମାନଙ୍କୁ କେବେ ଦେଖିଛ କି ? କେଉଁଠି ଦେଖିଛ ?

APSCERT

ଆମ ଚତୁଃପାର୍ଶ୍ୱରେ ଥିବା ପ୍ରାଣୀ :

ସଠିକ ବାକ୍ସରେ ଠିକ୍ (✓) ଚିହ୍ନ ଦିଅ ।

ପ୍ରାଣୀଙ୍କ ନାମ	ଆମ ଚତୁଃପାର୍ଶ୍ୱରେ ଦେଖାଯିବା ପ୍ରାଣୀ	ଚିଡ଼ିଆଖାନାରେ ଦେଖାଯିବା ପ୍ରାଣୀ
କୁକୁର		
ବାଘ		
ହାତୀ		
ଛେଳି		
ଚିତାବାଘ		
ଗାଈ		

ଆମ ସହିତ ପଶୁ ଓ ପକ୍ଷୀମାନେ ମଧ୍ୟ ବାସ କରନ୍ତି । ବିଭିନ୍ନ ପ୍ରକାର ପ୍ରାଣୀମାନେ ରହିଥାନ୍ତି । ସେଥିରେ କେତେକ ଆମ ଚତୁଃପାର୍ଶ୍ୱରେ ବାସ କରନ୍ତି, ସେଗୁଡ଼ିକୁ ପୋଷା ମନେଇହୁଏ ଏବଂ ଯତ୍ନ ନେଇହୁଏ । ଏହିଭଳି ପ୍ରାଣୀଙ୍କୁ **ଗୃହପାଳିତ ପଶୁ** କୁହାଯାଏ ।

ଉଦାହରଣ : ବିଲେଇ, କୁକୁର, ଛେଳି, ମଇଁଷି, ବଳଦ, ଗାଈ ଇତ୍ୟାଦି ।

ଯେଉଁ ଗୃହପାଳିତ ପଶୁ ଆମ ସହ ଘରେ ରହନ୍ତି ସେମାନଙ୍କୁ **ପାଳିତ ପଶୁ** ବୋଲି କୁହାଯାଏ ।

ଯେଉଁ ପଶୁମାନେ ଜଙ୍ଗଲରେ ବାସକରନ୍ତି, ସେମାନଙ୍କୁ **ବନ୍ୟ(ହିଂସ୍ର) ପଶୁ** କୁହାଯାଏ ।

ଉଦାହରଣ : ସିଂହ, ବାଘ, ଜିରାଫ, ହାତୀ, ବିଲୁଆ ଇତ୍ୟାଦି ।

ଗୃହପାଳିତ ପଶୁ





କୁକୁର ଛେଳି ଘୋଡ଼ା





ବିଲେଇ ଓଟ ଠେକୁଆ





ଗଧ ଗାଈ ମେଣ୍ଢା


ବନ୍ୟ ପଶୁ





ଚିତାବାଘ ଗଧିଆ ସିଂହ





ଜେବ୍ରା କଂଗାରୁ ହାତୀ





ବାଘ ଜଳହସ୍ତୀ(ହିପୋ) ଜିରାଫ

AP SCERT

ପାଳିତ ପଶୁମାନେ ଆମର ସାହାଯ୍ୟ କରିବା ସହ ଆମକୁ ଖୁସି ମଧ୍ୟ ଦେଇଥାନ୍ତି ।

ସ୍ଥଳଚର ଏବଂ ଜଳଚର ପ୍ରାଣୀ :

କାର୍ଯ୍ୟକଳାପ :

ନିମ୍ନ ଚିତ୍ରଗୁଡ଼ିକୁ ଅନୁଧ୍ୟାନ କର । ସେମାନଙ୍କର ଚଳନ ବିଷୟରେ ଲେଖ ।


ପାରା


ସାପ


କୁକୁର


କଙ୍ଗାରୁ



ବାଘ


ଠେକୁଆ


ଝଟିପିଟି


ମାଙ୍କଡ଼


ମାଛ


ଅକ୍ଟୋପସ୍


ବେଙ୍ଗ


କାଉ

ପାରା	ଏବଂ	..... କାଉ ଉଡ଼ନ୍ତି
.....	ଏବଂ	..... ଗୁରୁଣ୍ଡନ୍ତି
.....	ଏବଂ	..... ଚାଲନ୍ତି
.....	ଏବଂ	..... ଲମ୍ଫ ମାରନ୍ତି
.....	ଏବଂ	..... ପହଁରନ୍ତି
.....	ଏବଂ	..... ଡିଅଁନ୍ତି

କେତେକ ପ୍ରାଣୀ ଚାଲନ୍ତି, କେତେକ ଗୁରୁଣ୍ଡନ୍ତି, କେତେକ ଲମ୍ଫ ମାରନ୍ତି ଏବଂ କେତେକ ପହଁରନ୍ତି । ପକ୍ଷୀମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଉଡ଼ି ଯାଆନ୍ତି । ଏଥିପାଇଁ ସେମାନେ ଗୋଡ଼, ଡେଣା ଏବଂ ଲାଞ୍ଜକୁ ମଧ୍ୟ ବ୍ୟବହାର କରନ୍ତି । ମାଛ ଡେଣା(ପକ୍ଷ) ଓ ଲାଞ୍ଜ ସାହାଯ୍ୟରେ ଜଳରେ ପହଁରେ ।

ଗୀତଟିକୁ ଅଭିନୟ ସହ ଗାଇବା :

ଧାଇଁବା, ଧାଇଁବା, ଧାଇଁବା,
ସିଂହ ଭଳି ଧାଇଁବା ।
ଝୁଲିବା, ଝୁଲିବା, ଝୁଲିବା,
ମାଙ୍କଡ଼ ଭଳି ଝୁଲିବା ।

ଉଡ଼ିବା, ଉଡ଼ିବା, ଉଡ଼ିବା,
ଶୁଆ ଭଳି ଉଡ଼ିବା ।
ଗୁରୁଣ୍ଡିବା, ଗୁରୁଣ୍ଡିବା, ଗୁରୁଣ୍ଡିବା
ସାପ ଭଳି ଗୁରୁଣ୍ଡିବା ।

ଆହୁଲା, ଆହୁଲା, ଆହୁଲା,
କଇଁଛ ଭଳି କର ଆହୁଲା ।
ଥପ୍, ଥପ୍, ଥପ୍,
ହାତୀ ଭଳି ଚାଲ ଥପ୍ ।

AP SCERT

ମୋ ଘର
କାର୍ଯ୍ୟକଳାପ :

ପ୍ରାଣୀଙ୍କ ବାସସ୍ଥାନ ଅନୁଯାୟୀ ସେମାନଙ୍କର ନାମ ଲେଖ ।
(ଗାଈ, ଘର ଚଟିଆ, ପେଚା, ବେଙ୍ଗ, ମାଛ, ଝିଣ୍ଟିକା, ଡଲ୍‌ଫିନ୍, ମାଙ୍କଡ଼)

ସ୍ଥଳଚର ପ୍ରାଣୀ (ଭୂମିରେ ବାସ କରିବା)	ଜଳଚର ପ୍ରାଣୀ (ଜଳରେ ବାସ କରିବା)	ଉଭୟ ଚର ପ୍ରାଣୀ (ଉଭୟ ଭୂମିରେ ଏବଂ ଜଳରେ ବାସ କରିବା)


ପ୍ରାଣୀମାନଙ୍କ ବାସସ୍ଥାନ ଭିନ୍ନଭିନ୍ନ ହୋଇଥାଏ । କେତେକ ପ୍ରାଣୀ ଗଛ ଉପରେ, କେତେକ ପାଣିରେ ଏବଂ ଆଉ କେତେକ ଭୂମିରେ ବାସ କରନ୍ତି । ସାଧାରଣତଃ ପକ୍ଷୀମାନେ ନୀଡ଼ରେ ବାସ କରନ୍ତି । ଯେଉଁ ପ୍ରାଣୀମାନେ ଭୂମି ଉପରେ(ସ୍ଥଳଭାଗରେ) ବାସ କରନ୍ତି ସେମାନଙ୍କୁ **ସ୍ଥଳଚର ପ୍ରାଣୀ** କୁହାଯାଏ ।

- ଗାଈ, କୁକୁର, ବିରାଡ଼ି, କୁକୁଡ଼ା ଇତ୍ୟାଦି ଭୂମି ଉପରେ ବାସ କରନ୍ତି ।
- କାଉ, ଘର ଚଟିଆ, ପେଚା, ମାଙ୍କଡ଼, ଝିଣ୍ଟିକା ଇତ୍ୟାଦି ପ୍ରାଣୀ ଗଛ ଉପରେ ବାସ କରନ୍ତି ।
- ଯେଉଁ ପ୍ରାଣୀମାନେ ଜଳରେ ବାସ କରନ୍ତି ସେମାନଙ୍କୁ **ଜଳଚର ପ୍ରାଣୀ** କହନ୍ତି ।

  ଉଦାହରଣ: ମାଛ ଚିଙ୍ଗୁଡ଼ି ଇତ୍ୟାଦି ।
- କେତେ ପ୍ରାଣୀ ଯଥା: ବେଙ୍ଗ, କୁମ୍ଭୀର ଏବଂ କଇଁଛ ଉଭୟ ଜଳ ଓ ସ୍ଥଳ ଭାଗରେ ବାସ କରନ୍ତି ।



ବେଙ୍ଗ



କୁମ୍ଭୀର



କଇଁଛ

AP SCERT



ଆସ ଜାଣିବା !

ଯେଉଁ ପ୍ରାଣୀମାନେ ଉଭୟ ଜଳ ଓ ସ୍ଥଳ ଭାଗରେ ବାସ କରିଥାନ୍ତି ସେମାନଙ୍କୁ **ଉଭୟ ଚର** କହନ୍ତି । ସେମାନଙ୍କର ଆର୍ଦ୍ର ଚର୍ମ, ଯୁକ୍ତ ପଦାଙ୍ଗୁଳି, ପଶ୍ଚାତ୍ ଭାଗରେ ଥିବା ଦୃଢ଼ ଅଙ୍ଗ ସେମାନଙ୍କୁ ଉଭୟ ଜଳ ଓ ସ୍ଥଳରେ ବାସ କରିବାରେ ସାହାଯ୍ୟ କରିଥାଏ ।

ଆସ ପ୍ରାଣୀମାନଙ୍କ ଆବାସ ବିଷୟରେ ଜାଣିବା :

ସିଂହ ଗୁମ୍ଫାରେ ବାସ କରେ । ପକ୍ଷୀମାନେ ନୀଡ଼ରେ ବାସ କରନ୍ତି । ସାପ ଏବଂ ମୂଷା ଗାତରେ ରହନ୍ତି । ମାଙ୍କଡ଼ ଗଛ ଉପରେ ବାସ କରେ । କୃଷିକାର୍ଯ୍ୟ ପାଇଁ ପାଳିତ ପ୍ରାଣୀମାନେ ମଣିଷ ନିର୍ମିତ ଗୁହାଳରେ ରହନ୍ତି । କେତେକ ପ୍ରାଣୀଙ୍କୁ ଚିଡ଼ିଆଖାନାରେ ରଖାଯାଇଥାଏ ।



ନୀଡ଼



ଗୁହାଳ



ଗାତ

ପ୍ରାଣୀଙ୍କ ଖାଦ୍ୟ :




ଭୋକ ଲାଗିଲେ ଆମେ ଖାଦ୍ୟ ଖାଉ । ସେହିପରି ପ୍ରାଣୀମାନେ କ'ଣ ଖାଆନ୍ତି ତୁମେ ଜାଣ କି ?


ତୃଣଭୋଜୀ ପ୍ରାଣୀ :

ଯେଉଁ ପ୍ରାଣୀମାନେ କେବଳ ଘାସ ଓ ଉଦ୍ଭିଦ ହିଁ ଖାଆନ୍ତି ସେମାନଙ୍କୁ **ତୃଣଭୋଜୀ ପ୍ରାଣୀ** କୁହାଯାଏ ।

ଉଦାହରଣ : ଗାଈ, ମଇଁଷି, ଗଧ, ଘୋଡ଼ା, ହାତୀ, ହରିଣ ଇତ୍ୟାଦି ।



ମେଣ୍ଢା




ଗାଈ

ମାଂସାଶୀ ପ୍ରାଣୀ :

ବାଘ, ସିଂହ, ବିଲୁଆ ଏବଂ କୁମ୍ଭୀର ପ୍ରଭୃତି ପ୍ରାଣୀମାନେ କେବଳ ମାଂସ କିମ୍ବା ଅନ୍ୟ ପ୍ରାଣୀଙ୍କୁ ଖାଆନ୍ତି । ଏହି ଭଳି ପ୍ରାଣୀମାନଙ୍କୁ **ମାଂସାଶୀ ପ୍ରାଣୀ** କୁହାଯାଏ ।



ଗଧିଆ



ତିମି ମାଛ



ସିଂହ

APSCERT

ସର୍ବଭକ୍ଷୀ ପ୍ରାଣୀ :

ଭାଲୁ, କାଉ ଏବଂ କୁକୁର ଭଳି ପ୍ରାଣୀମାନେ ଉଭୟ ଉଦ୍ଭିଦ ଓ ପ୍ରାଣୀକୁ ଖାଆନ୍ତି । ଏଭଳି ପ୍ରାଣୀମାନଙ୍କୁ **ସର୍ବଭକ୍ଷୀ ପ୍ରାଣୀ** କୁହାଯାଏ ।



ଭାଲୁ




କାଉ




କୁକୁର

ବିସ୍ମୟକର ତଥ୍ୟ :

ପ୍ରଜାପତି ଓ ମହୁମାଛି ଫୁଲର ମକରନ୍ଦ ଶୋଷଣ କରନ୍ତି ।



ମହୁମାଛି




ଶାଗୁଣା

ଶାଗୁଣା, କାଉ ଏବଂ ବିଲୁଆ ପ୍ରଭୃତି ପ୍ରାଣୀମାନେ ମୃତ ଜୀବ ଖାଆନ୍ତି । ତେଣୁ ଏମାନଙ୍କୁ **ପ୍ରାକୃତିକ ସଫେଇକାରୀ** କହନ୍ତି ।

1. ସୁରେଶ ଏକ ଗାଈକୁ କ୍ଷେତରେ ଘାସ ଓ ପତ୍ର ଖାଉଥିବା ଦେଖିଲା । ତେବେ ସେହି ଗାଈଟି ଉଦ୍ଭିଦ ଠାରୁ ଖାଦ୍ୟ ଖାଉଛି ନା ପଶୁ ଠାରୁ ।
2. ତୁମେ ଉଦ୍ଭିଦର ପତ୍ରଗୁଡ଼ିକୁ ଖାଇଥାଅ କି ?

କାର୍ଯ୍ୟକଳାପ :

ପଶୁମାନଙ୍କୁ ସେମାନଙ୍କର ଖାଦ୍ୟ ସହ ମେଳ କର ।





RP SCERT

ପ୍ରାଣୀମାନଙ୍କର ଯୋଗାଯୋଗ :

ପ୍ରାଣୀମାନେ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକ ଆଦାନ-ପ୍ରଦାନ କରିବା ପାଇଁ ଶବ୍ଦ, ଘ୍ରାଣ ଏବଂ ଶାରୀରିକ ଚଳନକୁ ଉପଯୋଗ କରନ୍ତି ।

ଉଦାହରଣ :

1. ପକ୍ଷୀମାନେ ନିଜ ଘରକୁ ସୁରକ୍ଷା ଦେବା ପାଇଁ ଏବଂ ସାଥୀ ଖୋଜିବା ପାଇଁ ରାବ ଦିଅନ୍ତି ।
2. କୁକୁରମାନେ ଖୁସିରେ ଥିବା ସମୟରେ ଲାଞ୍ଜ ହଲାନ୍ତି ।
3. ମହୁମାଛି ଫୁଲ କେଉଁଠାରେ ଅଛି ଅନ୍ୟ ମହୁମାଛିମାନଙ୍କୁ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରଦର୍ଶନ କରନ୍ତି ।

ପ୍ରାଣୀମାନେ ସୁରକ୍ଷିତ ରହିବା ପାଇଁ, ଆହାର ଅନ୍ୱେଷଣ ପାଇଁ ଏବଂ ସେମାନଙ୍କ ପରିବାରର ଯତ୍ନ ନେବା ପାଇଁ ଏପରି ଯୋଗାଯୋଗକୁ ଉପଯୋଗ କରନ୍ତି ।

ଆସ ଚର୍ଚ୍ଚା କରିବା :

ଏହି ଶବ୍ଦଗୁଡ଼ିକୁ ତୁମେ କେବେ ଶୁଣିଛ କି ?

ଗାଈକୁ ଦେଖି ବାଛୁରୀ ହମ୍ବା ରଡ଼ି ଛାଡ଼ିବା ।

କୋଇଲିର ରାବ ଶୁଣି ଅନ୍ୟ କୋଇଲିମାନେ ରାବ ଦେବା ।

ଘରେ ଝିଟିପିଟିର ଟିକ୍‌ଟିକ୍ ଶବ୍ଦ ।

ପକ୍ଷୀ :

ପକ୍ଷୀମାନେ ପୃଥିବୀର ସବୁଠାରୁ ଆକର୍ଷଣୀୟ ପ୍ରାଣୀମାନଙ୍କ ମଧ୍ୟରୁ ଅନ୍ୟତମ । ସେମାନଙ୍କର ପର, ଡେଣା ଏବଂ ଥଣ୍ଟ ଥାଏ । ସେମାନେ ଅଣ୍ଡଜ ପ୍ରାଣୀ ଅଟନ୍ତି ।

ଆମ ଚତୁଃପାର୍ଶ୍ୱର ପକ୍ଷୀ :

ଆମେ ପ୍ରତିଦିନ ଆମ ଚତୁଃପାର୍ଶ୍ୱରେ କାଉ, ବତକ, କୁକୁଡ଼ା, ଚଟିଆ, ଶୁଆ ଏବଂ ପାରା ଭଳି ପକ୍ଷୀମାନଙ୍କୁ ଦେଖୁ ।



କାଉ



ଘର ଚଟିଆ



କୁକୁଡ଼ା



ପାରା

ଏହି ପକ୍ଷୀମାନେ ଆମ ପରିସରରେ ବାସ କରନ୍ତି, କାରଣ ସେମାନେ ମନୁଷ୍ୟଙ୍କ ବାସସ୍ଥଳୀ ଏବଂ ବୃକ୍ଷରେ ଖାଦ୍ୟ, ଜଳ ଏବଂ ଆଶ୍ରୟ ପାଇଥାନ୍ତି ।

AP SCERT

କାର୍ଯ୍ୟକଳାପ

ପକ୍ଷୀମାନଙ୍କ ରାବ

- ତୁମ ଆଖି ବନ୍ଦ କରି ଧ୍ୟାନର ସହ ଶୁଣିବା ପାଇଁ ଚେଷ୍ଟା କର । ତୁମେ କୌଣସି ପକ୍ଷୀର ରାବ ଶୁଣିପାରୁଛ କି ?
- ଏହି ଚିତ୍ରରେ ଦର୍ଶାଇଲା ଭଳି ତୁମ ହାତକୁ କାନ ପଛରେ ରଖ । ତୁମେ ବର୍ତ୍ତମାନ ଶବ୍ଦଗୁଡ଼ିକୁ ଭଲଭାବେ ଶୁଣିପାରୁଛ କି ?



ବିଭିନ୍ନ ପକ୍ଷୀଙ୍କର ଭିନ୍ନ ଭିନ୍ନ ଶବ୍ଦ :

- ତୁମେ ଶୁଣିଥିବା ଶବ୍ଦଗୁଡ଼ିକ ବିଷୟରେ ଚିନ୍ତାକର । ବିଭିନ୍ନ ପକ୍ଷୀ କରୁଥିବା ଶବ୍ଦକୁ ତୁମେ ଅନୁକରଣ କର ।
- ଯଦି ତୁମେ କୌଣସି ପକ୍ଷୀର ଶବ୍ଦ ଶୁଣିଲ ନାହିଁ, ତେବେ ତୁମ ମତରେ କାରଣ କ'ଣ ହୋଇପାରେ ?
- ଅଧିକାଂଶ କେଉଁ ସମୟରେ ତୁମେ ପକ୍ଷୀର ଶବ୍ଦ ଶୁଣିବାକୁ ପାଇଥାଅ ? କାହିଁକି ?

ପକ୍ଷୀମାନେ ସକାଳ ସମୟରେ ଖାଦ୍ୟର ଅନୁସନ୍ଧାନ ପାଇଁ ଦଳ ଦଳ ହୋଇ ତାଙ୍କ ଘରରୁ ବାହାରନ୍ତି ଏବଂ ସଂଧ୍ୟା ସମୟରେ ପୁଣି ଦଳ ଦଳ ହୋଇ ଫେରିଥାନ୍ତି ।



ବିସ୍ମୟକର ତଥ୍ୟ :


ପୃଥିବୀର ବୃହତ୍ତମ ପକ୍ଷୀ ଅଷ୍ଟ୍ରିଚ୍ ଏବଂ କ୍ଷୁଦ୍ରତମ ପକ୍ଷୀ ହମିଙ୍ଗ୍‌ବାର୍ଡ୍ ।



APSCERT

ଉଦ୍ଭିଦ, ପଶୁ ଏବଂ ପକ୍ଷୀ ମିଳିମିଶି ବାସ କରନ୍ତି :

ଆମେ ବିଭିନ୍ନ ଉଦ୍ଭିଦ ଓ ପ୍ରାଣୀଙ୍କ ବିଷୟରେ ପଢ଼ିଛେ । ସେମାନେ କିଭଳି ଏକାଠି ବାସ କରନ୍ତି ତୁମେ ଅନୁଧ୍ୟାନ କରିଛ କି ? ଧ୍ୟାନର ସହ ଲକ୍ଷ୍ୟ କଲେ ତୁମେ ଦେଖିବ ଯେ ବୃକ୍ଷ ଉପରେ, ଚାରିପଟେ ଏବଂ ତଳେ ଅନେକ ପ୍ରକାର ପ୍ରାଣୀ ବସବାସ କରିଥାନ୍ତି । ଉଦ୍ଭିଦ ସହିତ ମିଳିମିଶି ବାସ କରୁଥିବା କିଛି ପ୍ରାଣୀଙ୍କ ଚିତ୍ର ଏଠାରେ ଦିଆଯାଇଛି ।



ଛେଳି ପତ୍ର ଖାଉଛି




ହାତୀମାନେ ଉଦ୍ଭିଦ ଖାଉଛନ୍ତି



କାଠହଣା ଚଢ଼େଇ ଗଛର ଗର୍ତ୍ତରେ ବାସ କରିଛି



ପ୍ରଜାପତି ଫୁଲରୁ ମକରନ୍ଦ ଶୋଷୁଛି




ଓଟମାନେ ଗଛର ପତ୍ର ଖାଉଛନ୍ତି



ପେଚା ଗଛର କୋରଡ଼ରେ ବାସ କରିଛି

ASCERT



ମହୁମାଛି ଫୁଲରୁ ମକରନ୍ଦ ସଂଗ୍ରହ କରୁଛି ।



ଜିଆ। ମୃତ୍ତିକାକୁ ନରମ କରୁଛି

ଶିକ୍ଷକଙ୍କୁ ସୂଚନା : ପ୍ରାଣୀମାନେ ଉଦ୍ଭିଦର ବୀଜ ବିକ୍ଷେପଣ କରି ପୁନରୁତ୍ପତ୍ତିରେ ସହାୟତା କରନ୍ତି ଏବଂ ତାଙ୍କ ବର୍ଜ୍ୟ ଦ୍ୱାରା ମୃତ୍ତିକାକୁ ଉର୍ବର କରିବାରେ ସାହାଯ୍ୟ କରନ୍ତି ।

ପରିବେଶୀୟ ସନ୍ତୁଳନ ରକ୍ଷା କରିବା ପାଇଁ ସମସ୍ତ ପ୍ରାଣୀଙ୍କ ଆବଶ୍ୟକତା ରହିଛି । କିନ୍ତୁ ଆଜିକାଲି ଜଙ୍ଗଲ ଉଚ୍ଛେଦ, ଶିକାର, ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ଦ୍ୱାରା ବନ୍ୟ ପଶୁ ଓ ପକ୍ଷୀଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଆମେ ପ୍ରକୃତି ସହ ତାଳଦେଇ ବଞ୍ଚିବାକୁ ହେଲେ ଆମେ ତା'ର ସୁରକ୍ଷା କରିବା ଉଚିତ ।

ଆସ କରିବା

ଏକ ଅନୁକମ୍ପାର ପ୍ରଦର୍ଶନ :

ଆମେ ଆମ ଘର ବାହାରେ ଗୋଟିଏ ଛୋଟ ପାତ୍ରରେ ଶୁଦ୍ଧ ଜଳ ଏବଂ କିଛି ଦାନା ରଖିପାରିବା । ବିଶେଷକରି ଗ୍ରୀଷ୍ମଦିନରେ ପକ୍ଷୀ ଓ ଛୋଟ ଜୀବମାନେ ଖାଦ୍ୟ ଓ ଜଳର ସନ୍ଧାନରେ ଆସିଥାନ୍ତି । ଜଳ ଓ ଦାନା ବାହାରେ ରଖିବା ଦ୍ୱାରା ସେମାନଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିବାରେ ଆମେ ସହାୟତା କରିପାରିବା । ଏହି ଛୋଟ ଦୟା ଭାବ ଆମ ଚତୁଃପାର୍ଶ୍ୱରେ ଥିବା ପ୍ରାଣୀଙ୍କ ଉପରେ ଆମର ଭଲପାଇବା ଏବଂ ଶ୍ରଦ୍ଧା ଦର୍ଶାଇଥାଏ ।



ଘର ଚଟିଆ।

ପକ୍ଷୀ ଏବଂ ପଶୁ – ରାଜ୍ୟ ଏବଂ ଜାତୀୟ ପ୍ରତୀକ



ଆମ ଜାତୀୟ ପକ୍ଷୀ – ମୟୂର



ଆମ ଜାତୀୟ ପଶୁ – ମହାବଳ ବାଘ

AP SCERT



ଆମ ରାଜ୍ୟ ପକ୍ଷୀ – ଶୁଆ



ଆମ ରାଜ୍ୟ ପଶୁ– କୃଷ୍ଣସାର ମୃଗ

ମୁଖ୍ୟ ଶବ୍ଦାବଳୀ

ଚିଡ଼ିଆଖାନା, ପଶୁ, ପକ୍ଷୀ, କୀଟ, ବନ୍ୟପଶୁ, ଗୃହପାଳିତ ପ୍ରାଣୀ, ତୃଣଭୋଜୀ ପ୍ରାଣୀ, ମାଂସାଶୀ ପ୍ରାଣୀ, ସର୍ବଭକ୍ଷୀ, ସ୍ଥଳଚର ପ୍ରାଣୀ, ଜଳଚର ପ୍ରାଣୀ, ଉଭୟଚର ପ୍ରାଣୀ, ଯୋଗାଯୋଗ ।

ଆମେ କ'ଣ ଶିଖିଲେ ?

- ଆମ ସହ ପଶୁ ଓ ପକ୍ଷୀ ମଧ୍ୟ ଏହି ଭୂ-ପୃଷ୍ଠରେ ବାସ କରନ୍ତି ।
- ପ୍ରାଣୀମାନେ ଦୁଇ ପ୍ରକାର । ଯଥା: ଗୃହପାଳିତ ଏବଂ ବନ୍ୟ ପ୍ରାଣୀ ।
- ପ୍ରାଣୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଚାଲି, ଗୁରୁଣ୍ଡି, ଉଡ଼ି ଓ ସନ୍ତରଣ କରି ଯାଇଥାନ୍ତି ।
- ପ୍ରାଣୀମାନେ ସ୍ଥଳ ଏବଂ ଜଳ ଭାଗରେ ବାସ କରନ୍ତି ।
- ପ୍ରାଣୀମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଆନ୍ତି ।
- ପକ୍ଷୀମାନେ ଅନ୍ୟ ପକ୍ଷୀଙ୍କ ସହ ଯୋଗାଯୋଗ କରିବା ପାଇଁ ବିଭିନ୍ନ ଶବ୍ଦ କରନ୍ତି ।
- ପ୍ରାଣୀମାନେ ଯୋଗାଯୋଗ କରିବା ପାଇଁ ବିଭିନ୍ନ ଶବ୍ଦ କରିଥାନ୍ତି ।
- ପଶୁ ଓ ପକ୍ଷୀମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ଉଚିତ ।

AP SCERT



ଶିକ୍ଷଣକୁ ଉନ୍ନତ କରିବା

1. ଚିଡ଼ିଆଖାନାରେ ଦେଖାଯିବା ଯେକୌଣସି ଦୁଇଟି ପ୍ରାଣୀର ନାମ ଲେଖ ।
2. ଗୋଟିଏ ଗୃହପାଳିତ ପ୍ରାଣୀ ଏବଂ ଗୋଟିଏ ବନ୍ୟ ପଶୁର ନାମ ଲେଖ ।
3. ଉଡ଼ିପାରୁଥିବା ଏକ ପ୍ରାଣୀର ନାମ ଲେଖ ।
4. ଗୃହପାଳିତ ପ୍ରାଣୀ ଏବଂ ବନ୍ୟପ୍ରାଣୀ ମଧ୍ୟରେ ପାର୍ଥକ୍ୟ କ'ଣ ?
5. ପ୍ରାଣୀମାନେ କିପରି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇଥାନ୍ତି ?
6. ତୃଣଭୋଜୀ ପ୍ରାଣୀମାନେ କେଉଁ ପ୍ରକାର ଖାଦ୍ୟ ଖାଆନ୍ତି ?
7. ପ୍ରାଣୀମାନେ ପରସ୍ପର ସହ କିଭଳି ଯୋଗାଯୋଗ କରନ୍ତି ?
8. ଗାଈ ଆମ ଗୃହ ନିକଟରେ ବାସକରେ ଏବଂ ଆମକୁ କ୍ଷୀର ଦିଏ । ଏହା କେଉଁ ପ୍ରକାରର ପ୍ରାଣୀ ? ( )

   A) ବନ୍ୟ ପ୍ରାଣୀ B) ଗୃହପାଳିତ ପ୍ରାଣୀ

   C) ଜଳଚର ପ୍ରାଣୀ D) ଆକାଶଚାରୀ ପ୍ରାଣୀ
9. ତୁମ ସାଙ୍ଗ ଛେଳିକୁ ଘାସ ଖାଇବାକୁ ଦେଉଛି । ଛେଳି କେଉଁ ପ୍ରକାରର ଖାଦ୍ୟଭୋଜୀ ଅଟେ ?
10. ଚଳନ ଅନୁଯାୟୀ ପ୍ରାଣୀଙ୍କୁ ଶ୍ରେଣୀକରଣ କର ।

    ସାପ, ପକ୍ଷୀ, ମାଛ, ଘୋଡ଼ା

    ଗୁରୁଣ୍ଡେ : .....

    ଉଡ଼େ : .....

    ପହଁରେ : .....

    ଦୌଡ଼େ : .....
11. ପିଲାଟି ପକ୍ଷୀମାନଙ୍କ ଉପରକୁ ଟେକା ଫୋପାଡୁଛି । ଏହା ଠିକ୍ ନା ଭୁଲ ? କାହିଁକି ?
12. ପ୍ରକୃତି ପାଇଁ କେଉଁଟି ଭଲ ? ( )


    a) ଗଛ ଏବଂ ଜଙ୍ଗଲ କାଟିବା

    b) ଉଦ୍ଭିଦ ଏବଂ ପ୍ରାଣୀଙ୍କୁ ସୁରକ୍ଷା ଦେବା

    ଗୋଟିଏ କାରଣ ଦର୍ଶାଅ ।

AP SCERT

13. ପ୍ରଦତ୍ତ ଚିତ୍ରକୁ ରଙ୍ଗ ଦିଅ ।



14. 'ପ୍ରାଣୀଙ୍କ ସୁରକ୍ଷା' ଉପରେ ଏକ ସ୍ଲୋଗାନ ପ୍ରସ୍ତୁତ କର ।

15. ତୁମ ଚତୁଃପାର୍ଶ୍ୱକୁ ଅନୁଧ୍ୟାନ କରି ସ୍ଥଳଚର ପ୍ରାଣୀ ଏବଂ ଜଳଚର ପ୍ରାଣୀଙ୍କ ତାଲିକା ପ୍ରସ୍ତୁତ କର ।

କ୍ର.ସଂ.	ସ୍ଥଳଚର ପ୍ରାଣୀ	ଜଳଚର ପ୍ରାଣୀ

AP SCERT



ଆମ ଶରୀର



N8K1N7

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ଶରୀରର ଭାଗଗୁଡ଼ିକୁ ଚିହ୍ନଟ କରି ନାମ କହିପାରିବେ । (CG-1)
- ଜ୍ଞାନେନ୍ଦ୍ରିୟଗୁଡ଼ିକର ଗୁରୁତ୍ୱ ବର୍ଣ୍ଣନା କରିପାରିବେ । (CG-3)
- ସୁସ୍ଥ ଶରୀର ଧାରଣାକୁ ବୁଝିପାରିବେ । (CG-3)
- ଦାନ୍ତ ଘଷିବା, ହାତ ଧୋଇବା ଭଳି ଉତ୍ତମ ଅଭ୍ୟାସଗୁଡ଼ିକୁ ଆଚରଣ କରିବେ । (CG-3)
- ଭିନ୍ନକ୍ଷମଙ୍କ ବିଷୟରେ ଜାଣିବେ । (CG-4)
- ଉତ୍ତମ ସ୍ପର୍ଶ ଏବଂ ମନ୍ଦ ସ୍ପର୍ଶ ମଧ୍ୟରେ ପ୍ରଭେଦକୁ ଚିହ୍ନଟ କରିପାରିବେ । (CG-3)
- ମନ୍ଦ ସ୍ପର୍ଶ ପ୍ରତି ଦୂରରେ ରହିବା ଜାଣିପାରିବେ । (CG-3)

ଶିକ୍ଷକ : ଶୁଭ ସକାଳ ପିଲାମାନେ ।

ଶିକ୍ଷାର୍ଥୀ : ଶୁଭ ସକାଳ ମେଡ଼ାମ୍ ।

ଶିକ୍ଷକ : ଆଜି ଆମେ ଶରୀରର ଭାଗଗୁଡ଼ିକ ବିଷୟରେ ଜାଣିବା । ଆମ ଶରୀରର କେତୋଟି ଭାଗର ନାମ କହିପାରିବ କି ?

ଶିକ୍ଷାର୍ଥୀ : ମୁଣ୍ଡ, ଆଖି, କାନ, ହାତ, ଗୋଡ଼, ଆଙ୍ଗୁଠି ।

ଶିକ୍ଷକ : ବର୍ତ୍ତମାନ ଆମେ ଶରୀର ଭାଗଗୁଡ଼ିକ ବିଷୟରେ ଏକ ଗୀତ ଶିକ୍ଷିବା ।

ଗୀତ :


ମୋ ଶରୀର ଭାଗଗୁଡ଼ିକ





ଦୁଇଟି ଛୋଟ ଆଖି ଦେଖିବା ପାଇଁ, ଦେଖିବା ପାଇଁ, ଦେଖିବା ପାଇଁ
ଦୁଇଟି ଛୋଟ କାନ ଶୁଣିବା ପାଇଁ, ଶୁଣିବା ପାଇଁ, ଶୁଣିବା ପାଇଁ
ଛୋଟିଆ ନାକଟି ମୋର ଶ୍ୱାସକ୍ରିୟା ପାଇଁ, ଶୁଙ୍ଘିବା ପାଇଁ, ଶୁଙ୍ଘିବା ପାଇଁ, ଶୁଙ୍ଘିବା ପାଇଁ








ଦୁଇଟି ଛୋଟିଆ ପାଦ ଚାଲିବା ପାଇଁ, ଚାଲିବା ପାଇଁ, ଚାଲିବା ପାଇଁ
ଦଶଟି ଛୋଟିଆ ପାଦ ଆଙ୍ଗୁଠି ଟପ୍ ଟପ୍ ଟପ୍ କରିବା ପାଇଁ
ଦୁଇଟି ଛୋଟିଆ ହାତ ତାଳି ମାରିବା ପାଇଁ, ତାଳି ମାରିବା, ତାଳି ମାରିବା
ଦଶଟି ଛୋଟିଆ ଆଙ୍ଗୁଠି ଟିପ୍ ଟିପ୍ କରିବା ପାଇଁ, ଟିପ୍ ଟିପ୍, ଟିପ୍ ଟିପ୍






APSCERT

ତୁମ ଶରୀରର କେତୋଟି ଭାଗଗୁଡ଼ିକର ନାମ କହିପାରିବ କି ?



- ତୁମେ ଦର୍ପଣରେ ମୁଁହ ଦେଖିଲା ବେଳେ କେଉଁ କେଉଁ ଭାଗ ଦେଖିଥାଅ ?
  ଆମ ଶରୀରର ବିଭିନ୍ନ ଭାଗ ରହିଛି । ଏଗୁଡ଼ିକ ସାହାଯ୍ୟରେ ଆମେ ବିଭିନ୍ନ କାମ କରିପାରୁ । ଆମ ଶରୀର ମୁଖ୍ୟତଃ ତିନି ଭାଗରେ ବିଭକ୍ତ । ଯଥା: ମୁଣ୍ଡ, ଦେହ ଓ ଅଙ୍ଗ ପ୍ରତ୍ୟଙ୍ଗ(ହାତ ଓ ଗୋଡ଼) ।



ଚିନ୍ତାକର ଓ ଚର୍ଚ୍ଚାକର

1) ପାର୍ଶ୍ୱ ଚିତ୍ର ଅନୁଧ୍ୟାନ କର ।
2) ଏହି ଭାଗଗୁଡ଼ିକର ଗୁରୁତ୍ୱ କ'ଣ କହିପାରିବ କି ?



ଚିତ୍ରଗୁଡ଼ିକୁ ଅନୁଧ୍ୟାନ କର

ପିଲାମାନେ ପ୍ରତ୍ୟେକ କାର୍ଯ୍ୟ ସହ ଜଡ଼ିତ ଥିବା ଭାଗଗୁଡ଼ିକୁ ଚିହ୍ନିବେ ଏବଂ ଉଚ୍ଚ ସ୍ୱରରେ କହିବେ ।

(1)



(2)



(3)



AP SCERT







ଚିତ୍ରଗୁଡ଼ିକୁ ଦେଖ ।

- ଏହି ପିଲାମାନେ କ'ଣ କରୁଛନ୍ତି ?
- ତୁମେ କିପରି ତାଳି ମାରିବ ?
- ହାତ ଦ୍ୱାରା ତୁମେ କେଉଁ କାମ କରିପାରିବ ?
- ଗୋଡ଼ରେ ତୁମେ କେଉଁ କାମ କରିପାରିବ ?

ଶରୀର ଭାଗଗୁଡ଼ିକର କାର୍ଯ୍ୟ :

ଆମ ମୁହଁରେ ଆଖି, ନାକ, ପାଟି ଏବଂ କାନ ରହିଛି । ଆଖି ଦେଖିବାରେ ସାହାଯ୍ୟ କରେ । ନାକ ଶୁଙ୍ଘିବା ଏବଂ ଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ କରିବାରେ ସାହାଯ୍ୟ କରେ । ପାଟି ଦ୍ୱାରା ଆମେ ଖାଦ୍ୟ ଖାଉ । ଏହା ଆମକୁ କଥା କହିବା ପାଇଁ ସାହାଯ୍ୟ କରେ । କାନ ଶୁଣିବାରେ ସାହାଯ୍ୟ କରେ ।

ହାତ ଆମକୁ ଲେଖିବା, ଖାଇବା ଏବଂ ଖେଳିବା ପାଇଁ ସାହାଯ୍ୟ କରିଥାଏ । ଗୋଡ଼ ଆମକୁ ଚାଲିବା ଏବଂ ଦୌଡ଼ିବାରେ ସାହାଯ୍ୟ କରେ । ଆମ ଶରୀରର ସମସ୍ତ ଭାଗଗୁଡ଼ିକ ମିଶି ଆମେ ସୁସ୍ଥ ଓ ସକ୍ରିୟ ରହିବାରେ ସହାୟକ ହୋଇଥାଏ ।.

କାର୍ଯ୍ୟକଳାପ -1

ନିମ୍ନ କାର୍ଯ୍ୟ ସହିତ ଜଡ଼ିତ ଥିବା ଅଙ୍ଗର ନାମ ଲେଖ ।

- ଟି.ଭି. ଦେଖିବା _____
- ସଙ୍ଗୀତ ଶୁଣିବା _____
- ଗୀତ ଗାଇବା _____
- ଫୁଲର ବାସନା ଶୁଙ୍ଘିବା _____
- ଚକ୍‌ଲେଟ୍‌ର ସ୍ୱାଦ ଜାଣିବା _____
- ଚିତ୍ର ଅଙ୍କନ କରିବା _____
- ବଲ୍‌କୁ ଗୋଇଠା ମାରିବା _____



AP SCERT

ଜ୍ଞାନେନ୍ଦ୍ରିୟ :

ଶିକ୍ଷକ : ପିଲାମାନେ ତୁମମାନଙ୍କ ପାଇଁ ମୋ ପାଖରେ କିଛି ଜିନିଷ ଅଛି । ତୁମେ କ'ଣ ଅନୁଧାନ କଲ କୁହ ?(ଏକ ବଲ୍ ଦେଖାଇ)

ରବି : ଏହା ହଳଦିଆ ରଙ୍ଗର ଏବଂ ଗୋଲାକାର ।

ଶିକ୍ଷକ : ଏହା ତୁମେ କିପରି ଜାଣିଲ ?

ରବି : ମୁଁ ଦେଖିଲି ।

ଶିକ୍ଷକ : (ଘଣ୍ଟି ବଜାଇ) ତୁମେ କ'ଣ ଶୁଣିଲ ?

ସିରି : ଘଣ୍ଟିର ଶବ୍ଦ ।

ଶିକ୍ଷକ : ଶବ୍ଦ ଶୁଣିବାକୁ ତୁମକୁ କ'ଣ ସାହାଯ୍ୟ କଲା ?

ସିରି : ମୋ କାନ ।

ଶିକ୍ଷକ : (ଗୋଟିଏ ଗୋଲାପ ଫୁଲ ଦେଖାଇ)ଏହାର ବାସନା କିପରି ?

ୱେଙ୍କଟ : ଭଲ ବାସନା ହେଉଛି ।

ଶିକ୍ଷକ : ଫୁଲର ବାସନା ଜାଣିବାରେ ତୁମକୁ କ'ଣ ସାହାଯ୍ୟ କଲା ?

ୱେଙ୍କଟ : ମୋ ନାକ ।

ଶିକ୍ଷକ : (ଏକ ଚକଲେଟ୍ ଦେଖାଇ)ଏହି ଚକ୍‌ଲେଟ୍‌ର ସ୍ୱାଦ କିପରି ଥିବ ?

ଅନୁ : ମିଠା ଥିବ ।

ଶିକ୍ଷକ : ତୁମେ କିପରି କହିଲ ?

ଅନୁ : ସ୍ୱାଦ ଚାଖିବା ଦ୍ୱାରା ।

ଶିକ୍ଷକ : (ଏକ ନରମ ଖେଳନା ଦେଇ) ଏହାକୁ ସ୍ପର୍ଶ କଲେ ତୁମକୁ କେମିତି ଲାଗୁଛି ?

ଇନ୍ଦୁ : ଏହା ନରମ ଲାଗୁଛି ।


ଶିକ୍ଷକ : ତେଣୁ ତୁମର ଆଖି, କାନ, ନାକ, ଜିଭ ଏବଂ ଚର୍ମକୁ ବ୍ୟବହାର କରି ତୁମେ ଇନ୍ଦ୍ରିୟାନୁଭୁତି କରିପାରିଲ । ଏହି ପାଞ୍ଚଟି ଅବୟବକୁ **ଜ୍ଞାନେନ୍ଦ୍ରିୟ** କୁହାଯାଏ ।

ପାଞ୍ଚୋଟି ଜ୍ଞାନେନ୍ଦ୍ରିୟଗୁଡ଼ିକ ହେଲା : ଆଖି, ନାକ, କାନ, ଜିଭ ଏବଂ ଚର୍ମ । ସେଗୁଡ଼ିକ ଆମକୁ ଦେଖିବା, ଶୁଣିବା, ଶୁଙ୍ଘିବା, ସ୍ୱାଦ ଚାଖିବା ଏବଂ ସ୍ପର୍ଶ ଜାଣିବାରେ ସାହାଯ୍ୟ କରିଥାଏ ।

କାର୍ଯ୍ୟକଳାପ -2:

ଆସ ଆମେ ଏକ ମଜା ଖେଳ ଖେଳିବା :

ଗୋଟିଏ ମେଜ ଉପରେ କେତୋଟି ଜିନିଷ ଯଥା: ଫୁଲ, ଘଣ୍ଟି, ମିଠା, ବହି, ପେନ୍‌ସିଲ୍, ତୁଳା, ପଶମ ଇତ୍ୟାଦି ରଖ । ତୁମ ସାଙ୍ଗମାନଙ୍କୁ ଜଣ ଜଣ କରି ଆଖିରେ ପଟି ବାନ୍ଧି ମେଜ ଉପରେ ଥିବା ଜିନିଷକୁ ଚିହ୍ନିବା ପାଇଁ କୁହ । ସେମାନେ ଯେପରି ସେଗୁଡ଼ିକୁ ଛୁଇଁ, ଚାଖି, ଶବ୍ଦ ଦ୍ୱାରା କିମ୍ବା ଶୁଙ୍ଘି ଜାଣିପାରିବେ, ସେଥିପାଇଁ ପ୍ରଥମେ ତୁମେ ସେମାନଙ୍କୁ ସୂଚନା ଦିଅ ।



AP SCERT

ଯଦି ତୁମ ଆଖିରେ ପଟି ବାନ୍ଧିଦିଆଯାଏ, ତେବେ ତୁମେ କିଛି ଦେଖିପାରିବ ନାହିଁ । ସେତେବେଳେ ତୁମେ ତୁମ ଶରୀରର ଅନ୍ୟାନ୍ୟ ଅଙ୍ଗଗୁଡ଼ିକୁ ଯଥା: କାନ, ନାକ, ଜିଭ, ହାତ ଇତ୍ୟାଦିକୁ ବ୍ୟବହାର କରି ଜିନିଷଗୁଡ଼ିକୁ ଚିହ୍ନିବା ପାଇଁ ଚେଷ୍ଟା କରିଥାଅ ।

ତୁମେ କେବଳ ଗୋଡ଼ରେ ହିଁ ସାଇକେଲ ଚଳାଇ ପାରିବ କି ? ତେବେ, ସାଇକେଲ ଚଳାଇବା ପାଇଁ ଆଉ କେଉଁ ଅଙ୍ଗଗୁଡ଼ିକର ଆବଶ୍ୟକତା ରହିଛି ? ସାଧାରଣତଃ ଆମେ କୌଣସି ଗୋଟିଏ କାମ କରିବାକୁ ହେଲେ ଆମ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ସମନ୍ୱୟ ଦ୍ୱାରା ହିଁ କରିପାରିବା ।

କିଛି ଲୋକ ଅନ୍ୟର ସହାୟତା ବିନା ଚାଲିପାରନ୍ତି ନାହିଁ ବୋଲି ତୁମେ ଜାଣ କି ? ଦୁର୍ଘଟଣା କିମ୍ବା ରୋଗ ଦ୍ୱାରା ସେମାନେ ନିଜର ଗୋଡ଼କୁ ହରାଇଥାଇ ପାରନ୍ତି । କିଛି ଲୋକ ଦେଖିପାରନ୍ତି ନାହିଁ, କିଛି କଥା କହିପାରନ୍ତି ନାହିଁ, ଆଉ କିଛି ଶବ୍ଦ ଶୁଣି ପାରନ୍ତି ନାହିଁ । ସେମାନଙ୍କୁ ଭିନ୍ନକ୍ଷମ ବ୍ୟକ୍ତି ବା ଦିବ୍ୟାଙ୍ଗ ବୋଲି କୁହାଯାଏ । ଏହିଭଳି ସମସ୍ୟା ଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା(CWSN) ବୋଲି ମଧ୍ୟ କୁହାଯାଏ ।



ସୁସ୍ଥ ଶରୀର :

ଆମେ ସୁସ୍ଥ ସବଳ ରହିବା ପାଇଁ ଆମ ଶରୀରକୁ ସର୍ବଦା ପରିଚ୍ଛନ୍ନ ରଖି ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ । ଆମେ ପ୍ରତିଦିନ ପ୍ରଚୁର ପରିମାଣର ପନିପରିବା ଓ ଫଳପାଚିଲା ଖାଇବା ଆବଶ୍ୟକ ।

ସୁସ୍ଥ ରହିବା ପାଇଁ କେତୋଟି ଉତ୍ତମ ଅଭ୍ୟାସ



AP SCERT

ଆସ କରିବା

ହାତ କିପରି ଧୋଇବା ତୁମେ ଜାଣ କି ?

ଚିତ୍ରରେ ଦର୍ଶାଇଲା ଭଳି ସାବୁନ୍‌ରେ ହାତ ସଫା କର । ଏଭଳି ପ୍ରତିଦିନ ଅଭ୍ୟାସ କର ।

ଯଦି ତୁମେ ଖାଇବା ପୂର୍ବରୁ ଓ ପରେ ହାତ ସଫା ନ କର ତା' ହେଲେ ରୋଗର ଶିକାର ହେବ ।



1. ପାପୁଲି ସହ ପାପୁଲି
2. ଆଙ୍ଗୁଠି ମଧ୍ୟରେ
3. ହାତର ପଛରେ
4. ବୁଢ଼ା ଆଙ୍ଗୁଠି ପର୍ଯ୍ୟନ୍ତ



5. ସବୁ ଆଙ୍ଗୁଠିର ପଛ ପଟେ
6. ଆଙ୍ଗୁଠି ନଖ
7. ହାତ କଚଟି
8. ହାତ ପୋଛିବା ଓ ଶୁଖିବାକୁ ଦେବା

ଆସ ଜାଣିବା !

ପ୍ରତିବର୍ଷ **ଅକ୍ଟୋବର ମାସ 15 ତାରିଖ**ରେ **'ଗ୍ଲୋବାଲ୍ ହ୍ୟାଣ୍ଡ୍ ୱାସିଙ୍ଗ୍ ଡେ'** ପାଳନ କରାଯାଏ । ଆମେ ସୁସ୍ଥ ରହିବା ପାଇଁ ସାବୁନ୍ ଓ ଜଳରେ ହାତ ଧୋଇବା ମହତ୍ତ୍ୱକୁ ଏହା ସମସ୍ତଙ୍କୁ ମନେ ପକାଇଦିଏ । ଏହି ଦିନ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ଜୀବାଣୁ ଏବଂ ଅସୁସ୍ଥତାକୁ ରୋକିବାରେ ସଫା ହାତ କିଭଳି ସାହାଯ୍ୟ କରେ ସେହି ବିଷୟରେ ଶିଖାଇବା ପାଇଁ ବିଭିନ୍ନ କାର୍ଯ୍ୟକଳାପ ନିର୍ବାହଣ କରାଯାଏ । ସୁସ୍ଥ ଜୀବନ ଯାପନ ନିମନ୍ତେ ପ୍ରତିଦିନ ହାତ ଧୋଇବା ଅଭ୍ୟାସକୁ ଏହା ପ୍ରସ୍ଥାହିତ କରେ ।

ବିସ୍ମୟକର ତଥ୍ୟ :

ପ୍ରତ୍ୟେକ ବ୍ୟକ୍ତିଙ୍କର ପାଞ୍ଚୋଟି ଆଙ୍ଗୁଠି ଥାଏ ଏବଂ ପ୍ରତ୍ୟେକ ଆଙ୍ଗୁଠିର ନାମ ରହିଛି । କିନ୍ତୁ କିଛି ଲୋକଙ୍କର ଛଅଟି ଆଙ୍ଗୁଠି ମଧ୍ୟ ରହିଥାଏ ।




AP SCERT

ଉତ୍ତମ ସ୍ପର୍ଶ ଏବଂ ମନ୍ଦ ସ୍ପର୍ଶ :

ବର୍ତ୍ତମାନ ପର୍ଯ୍ୟନ୍ତ ଆମ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ବିଷୟରେ ଶିଖିଲେ । ଆମ ଶରୀରରେ କେତୋଟି ଗୋପନୀୟ ଅଙ୍ଗ ରହିଥାଏ ବୋଲି ତୁମେ ଜାଣିଛ କି ?

ନିମ୍ନ ଚିତ୍ରକୁ ଅନୁଧ୍ୟାନ କର :




ଆମ ଶରୀରରେ ବକ୍ଷ, ଦୁଇ ଗୋଡ଼ ମଧ୍ୟରେ ସ୍ଥାନ ଓ ନିତମ୍ବ କେହି ଦେଖିବା କିମ୍ବା ଛୁଇଁବା ଅନୁଚିତ । ତେଣୁ ଏଗୁଡ଼ିକୁ ଗୋପନୀୟ ଅଙ୍ଗ କୁହାଯାଏ । ଏହି ଅଙ୍ଗଗୁଡ଼ିକୁ ଅନ୍ୟ କେହି ଛୁଇଁବା ଅନୁଚିତ । କୌଣସି ବ୍ୟକ୍ତି ଏଗୁଡ଼ିକୁ ଛୁଇଁବା କିମ୍ବା ଏ ବିଷୟରେ ତୁମ ସହ କଥା ହେବା ଅନୁଚିତ । ଶିଶୁ ଅବସ୍ଥାରେ ପିତାମାତା ସ୍ନାନ କରାଇବା ବେଳେ ଏଗୁଡ଼ିକୁ ସଫା କରି ପାରନ୍ତି । ଶିଶୁ ଅବସ୍ଥାରେ ସ୍ନାନ କରିବା ସମୟରେ ସହାୟତା ଲୋଡ଼ିଲେ ଚଳିବ । କେତେକ ସ୍ପର୍ଶ ଉତ୍ତମ ଏବଂ କେତେକ ମନ୍ଦ ଥାଏ ।

ଉତ୍ତମ ସ୍ପର୍ଶ କହିଲେ କ'ଣ ?



ଆମକୁ ସୁରକ୍ଷା ପ୍ରଦାନ କରୁଥିବା ସ୍ପର୍ଶ ହିଁ ଉତ୍ତମ ସ୍ପର୍ଶ ଅଟେ । ମାଆ ଆଲିଙ୍ଗନ କରିବା, ବାପା ହାତ ଧରି ଚଲାଇବା ଓ ମୁଣ୍ଡ ଆଉଁସିବା, ସାଙ୍ଗସାଥୀ ଆଲିଙ୍ଗନ କରିବା, ହାତ ମିଳାଇବା, କପାଳ ଓ ଗାଲରେ ଚୁମ୍ବନ ଦେବା ଏବଂ କାନ୍ଧ ଉପରେ ହାତ ଦେବା ଇତ୍ୟାଦି ଉତ୍ତମ ସ୍ପର୍ଶର ଉଦାହରଣ ଅଟେ ।

ମନ୍ଦ ସ୍ପର୍ଶ କହିଲେ କ'ଣ ?



ଆମକୁ ଦୁଃଖ, ଭୟ, କ୍ରୋଧ ଓ ବିଚଳିତ କଲାଭଳି ସ୍ପର୍ଶ ହିଁ ମନ୍ଦ ସ୍ପର୍ଶ ଅଟେ । ଗୋପନୀୟ ଅଙ୍ଗଗୁଡ଼ିକୁ ଅନ୍ୟ କେହି ଛୁଇଁବାକୁ ମନ୍ଦ ସ୍ପର୍ଶ କହନ୍ତି । କାରଣ ଏହା ଆମକୁ ବିଚଳିତ କରାଇ ଥାଏ । ଗୋପନୀୟ ଅଙ୍ଗଗୁଡ଼ିକୁ କାହାରିକୁ ସ୍ପର୍ଶ କରିବାକୁ ଦିଅ ନାହିଁ ।

କୌଣସି ବ୍ୟକ୍ତି ଗୋପନୀୟ ଅଙ୍ଗ ସ୍ପର୍ଶ କଲେ ତୁମେ କ'ଣ କରିବ ?

AP SCERT

କୌଣସି ବ୍ୟକ୍ତି ଗୋପନୀୟ ଅଙ୍ଗକୁ ସ୍ପର୍ଶ କଲେ ଆମକୁ ବିଚଳିତ ଲାଗେ ।

ସେହି ପରିସ୍ଥିତିରେ ତୁମେ ଏହି ତିନୋଟି ପଦକ୍ଷେପ ଅନୁସରଣ କର :

1. ବଡ଼ ପାଟିରେ **'ନାହିଁ'** ବୋଲି ଚିତ୍କାର କର ।
2. ସେହି ସ୍ଥାନରୁ ଦୂରକୁ ଦୌଡ଼ି ପଳାଅ ।
3. ତୁମ ବିଶ୍ୱସ୍ତ ଗୁରୁଜନଙ୍କୁ କୁହ ଏବଂ ସାହାଯ୍ୟ ମାଗ ।



'ମୋତେ ଛୁଅଁ ନାହିଁ'
ଏପରି ଚିତ୍କାର କର



ସେହି ସ୍ଥାନରୁ ତୁରନ୍ତ
ପଳାଅ



ପିତାମାତା, ଶିକ୍ଷକ କିମ୍ବା
ବୟୋଜ୍ୟେଷ୍ଠଙ୍କୁ କହି ସାହାଯ୍ୟ ମାଗ

କୌଣସି ପରିଚିତ କିମ୍ବା ଅପରିଚିତ ବ୍ୟକ୍ତି ଆମ ଗୋପନୀୟ ଅଙ୍ଗ ସ୍ପର୍ଶ କରି ଭୟ ଓ ଉଦ୍‌ବେଗ ସୃଷ୍ଟି କରିପାରନ୍ତି । ତେଣୁ ଯଦି କେହି ତୁମର ଗୋପନୀୟ ଅଙ୍ଗକୁ ସ୍ପର୍ଶ କରନ୍ତି କିମ୍ବା ସେମାନଙ୍କର ଗୋପନୀୟ ଅଙ୍ଗକୁ ଛୁଇଁବାକୁ କହନ୍ତି, ସେତେବେଳେ ଆମେ ନିଶ୍ଚିତ ଭାବେ ଉପରୋକ୍ତ ତିନୋଟି ପଦକ୍ଷେପ ଅବଲମ୍ବନ କରିବା ଏବଂ ଆମେ ବିଶ୍ୱାସ କରୁଥିବା ଗୁରୁଜନ କିମ୍ବା ପିତାମାତାଙ୍କ ସାହାଯ୍ୟ ନେବା ଉଚିତ ।

ଆମେ ଲାଜ ନ କରି ମନ୍ଦ ସ୍ପର୍ଶ ସମ୍ପର୍କରେ ତୁରନ୍ତ ପିତାମାତାଙ୍କୁ ଜଣାଇବା ଉଚିତ । ଏଥିରେ ଆମର କିଛି ଭୁଲ ନ ଥାଏ । ତେଣୁ ଶୀଘ୍ର ତୁମ ପିତାମାତାଙ୍କୁ ଜଣାଅ ।

ମନ୍ଦ ସ୍ପର୍ଶରୁ ଦୂରରେ ରୁହ ଓ **ମନାକର** ।



ତୁମେ ଜାଣ କି !

ଚାଇଲ୍ଡ ଲାଇନ୍ 1098, ବିପଦରେ ପଡ଼ିଥିବା ଶିଶୁଙ୍କୁ ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ଚବିଶି ଘଣ୍ଟା କାମ କରୁଥିବା ଏକ ଜାତୀୟ ଅତ୍ୟାବଶ୍ୟକ ସୁରକ୍ଷା ବ୍ୟବସ୍ଥା ।



APSCERT

ତୁମ ଶ୍ରେଣୀଗୃହରେ ନିମ୍ନ ଆକର୍ଷଣୀୟ କାର୍ଯ୍ୟକଳାପଗୁଡ଼ିକ କର । କେତେଜଣ ପିଲା ଏଗୁଡ଼ିକ କରିପାରୁଛନ୍ତି, ଧ୍ୟାନ ଦିଅ ।



1. ତୁମ ଦାନ୍ତକୁ ସ୍ପର୍ଶ ନ କରି, ଜିଭକୁ ପାଟିର ପଛ ଆଡ଼କୁ ମୋଡ଼ ।

2. ତୁମ ଜିଭକୁ ପାର୍ଶ୍ୱରୁ ଉଠାଇ ଘୂରାଅ ।





3. ତୁମ ହାତର ଦୁଇଟି ଆଙ୍ଗୁଠିକୁ ଅଲଗା ଅଲଗା ପାର୍ଶ୍ୱକୁ କରି 'V' ଆକୃତି କର ।

4. ପାଦର ସମସ୍ତ ଆଙ୍ଗୁଠି ଖୋଲ । ବର୍ତ୍ତମାନ ଅନ୍ୟ ଆଙ୍ଗୁଠିକୁ ନ ହଲାଇ, କେବଳ ଛୋଟ ଆଙ୍ଗୁଠିକୁ ହଲାଅ ।





5. ତୁମ କାନକୁ ହାତରେ ନ ଧରି ହଲାଅ ।

APSCERT

ମୁଖ୍ୟ ଶବ୍ଦାବଳୀ

ମୁଣ୍ଡ, ଦେହ, ହାତ ଓ ଗୋଡ଼, ବେକ, ଶ୍ୱାସ ପ୍ରଶ୍ୱାସ, ଗୋପନୀୟ ଅଙ୍ଗ, ଜ୍ଞାନେନ୍ଦ୍ରିୟ, ସ୍ୱାସ୍ଥ୍ୟ, ହାତ ଧୋଇବା, ବ୍ୟାୟାମ, ଭିନ୍ନକ୍ଷମ, ଉତ୍ତମ ସ୍ପର୍ଶ, ମନ୍ଦ ସ୍ପର୍ଶ ।

ଆମେ କ'ଣ ଶିଖିଲେ ?

- ଆମ ଶରୀରର ବିଭିନ୍ନ ଅଙ୍ଗ ଆମକୁ ଭିନ୍ନ ଭିନ୍ନ କାମ କରିବାରେ ସାହାଯ୍ୟ କରେ ।
- ଆମ ଶରୀର ମୁଣ୍ଡ, ଦେହ ଏବଂ ହାତ ଗୋଡ଼ ଇତ୍ୟାଦିରେ ବିଭକ୍ତ ହୋଇଛି ।
- ଆମର ପାଞ୍ଚୋଟି ଜ୍ଞାନେନ୍ଦ୍ରିୟ ରହିଛି ।
- ଆମ ଶରୀର ସୁସ୍ଥ ରହିବା ପାଇଁ ସର୍ବଦା ଯତ୍ନ ନେବା ଆବଶ୍ୟକ ।
- ଯେଉଁ ପିଲାମାନେ ଦେଖିପାରନ୍ତି ନାହିଁ, ଚାଲିପାରନ୍ତି ନାହିଁ, କଥା କହିପାରନ୍ତି ନାହିଁ, ଶୁଣିପାରନ୍ତି ନାହିଁ ଇତ୍ୟାଦି ସେମାନଙ୍କୁ **ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା (CWSN)**ବୋଲି କୁହାଯାଏ ।
- ଉତ୍ତମ ସ୍ପର୍ଶ ଆମକୁ ନିରାପତ୍ତା ଓ ସୁରକ୍ଷା ପ୍ରଦାନ କରେ ।
- ମନ୍ଦ ସ୍ପର୍ଶ ଆମକୁ ଦୁଃଖ, କ୍ରୋଧ, ଭୟ ଓ ସଂଶୟ ଜାତ କରାଏ ।
- କେଉଁଗୁଡ଼ିକ ଉତ୍ତମ ସ୍ପର୍ଶ ଏବଂ କେଉଁଗୁଡ଼ିକ ମନ୍ଦ ସ୍ପର୍ଶ ଆମେ ଜାଣି ରଖିବା ଆବଶ୍ୟକ ।



ଶିକ୍ଷଣକୁ ଉନ୍ନତ କରିବା


1. ତୁମ ଶରୀରର ଯେକୌଣସି ଦୁଇଟି ଭାଗର ନାମ କୁହ ?
2. ଆମକୁ ଦେଖିବାରେ କେଉଁ ଜ୍ଞାନେନ୍ଦ୍ରିୟ ସାହାଯ୍ୟ କରେ ?
3. ଭିନ୍ନକ୍ଷମ ବ୍ୟକ୍ତି ବୋଲି କାହାକୁ କହନ୍ତି ?
4. ଆମକୁ ଶୁଣିବାରେ ଶରୀର କେଉଁ ଭାଗ ସାହାଯ୍ୟ କରେ ?
5. ସୁସ୍ଥ ଶରୀର କହିଲେ କ'ଣ ବୁଝାଅ ।
6. ଆମେ କାହିଁକି ଖାଇବା ପୂର୍ବରୁ ହାତ ଧୋଇବା ଉଚିତ ?
7. ଉତ୍ତମ ସ୍ୱର୍ଶ ଏବଂ ମନ୍ଦ ସ୍ୱର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ?
8. ରଷିଙ୍କ ମାଆ ସ୍ୱାଦିଷ୍ଟ ପୁଲିହୋରା ରାନ୍ଧୁଛନ୍ତି । ରଷି ଖାଦ୍ୟର ବାସନା ଶୁଙ୍ଘି ତାହା ପୁଲିହୋରା ବୋଲି ଜାଣିଲା । ପୁଲିହୋରା ବାସନା ବାରିବାରେ କେଉଁ ଜ୍ଞାନେନ୍ଦ୍ରିୟ ରଷିକୁ ସାହାଯ୍ୟ କରିଥିବ ?

   A) ଆଖି

   B) ଚର୍ମ

   C) ନାକ

   D) ଜିଭ



9. ତୁମେ ବାହାରେ ଖେଳି ଘରକୁ ଫେରିଲ । ଖାଦ୍ୟ ଖାଇବା ପୂର୍ବରୁ ତୁମେ କ'ଣ କରିବା ଉଚିତ ? ( )

   A) ଟିଭି ଦେଖିବା B) ହାତ ଧୋଇବା C) ଶୋଇବା D) ଅଧିକ ଖେଳିବା

10. ନିମ୍ନ ଅଭ୍ୟାସଗୁଡ଼ିକୁ ଲକ୍ଷ୍ୟ କର । ସୁସ୍ଥ ଅଭ୍ୟାସଗୁଡ଼ିକୁ ଗୋଲ ବୁଲାଅ ।

   · ଦିନକୁ ଦୁଇଥର ଦାନ୍ତ ଘଷିବା

   · ଘୋଡ଼େଇ ହୋଇ ନ ଥିବା ଖାଦ୍ୟ ଖାଇବା

   · ହାତ ଧୋଇବା

   · ମଇଳା ପାଣିରେ ଖେଳିବା

AP SCERT

11. ନିମ୍ନଗୁଡ଼ିକୁ ଯୋଡ଼ :

ଶରୀର ଭାଗ	କ୍ରିୟା/କାର୍ଯ୍ୟ
	ଶୁଣିବା
	ଶୁଙ୍ଘିବା
	ଦେଖିବା
	ସ୍ୱାଦ ଚାଖିବା

12. ଜଣେ ବାଳକ ଦାନ୍ତ ଘଷିବାକୁ ପସନ୍ଦ କରେ, କିନ୍ତୁ ଅନ୍ୟ ଜଣେ ବାଳକ ପସନ୍ଦ କରେ ନାହିଁ । କାହାର ଦାନ୍ତ ସୁସ୍ଥ ରହିବ ? କାହିଁକି ?

13. ଜଣେ ଅଜଣା ବ୍ୟକ୍ତି ତୁମକୁ ଏପରି ଭାବରେ ଛୁଇଁବାକୁ ଚେଷ୍ଟା କରୁଛି, ଯାହା ତୁମକୁ ବିଚଳିତ କରିଛି । ପ୍ରଥମେ ତୁମେ କରିବା ଉଚିତ ? ( )

A) ଚୁପ୍ ରହିବା। B) ବଡ଼ ପାଟିରେ 'ନାହିଁ' ବୋଲି ଚିତ୍କାର କରିବା।

C) ଅଜଣା ବ୍ୟକ୍ତିଙ୍କ ସହ ଯିବା। D) ଲୁଚିଯିବା।

14. ବହୁତ ଦିନ ଧରି ସ୍ନାନ ନ କରିବା ଭଲ ନା ଖରାପ ? ତୁମ ଉତ୍ତରକୁ ବ୍ୟାଖ୍ୟା କର ।

15. ଯେକୌଣସି ଦୁଇଟି ଜ୍ଞାନେନ୍ଦ୍ରିୟର ଚିତ୍ର ଅଙ୍କନ କରି ଭାଗ ଦର୍ଶାଅ । ପ୍ରତ୍ୟେକର ଗୋଟିଏ ଲେଖାଏଁ ବ୍ୟବହାର ଲେଖ ।

.....

.....

.....

.....

AP SCERT



ଆମେ ଖାଉଥିବା ଖାଦ୍ୟ




R7Q8U6

ଶିକ୍ଷଣ ଫଳାଫଳ :

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ସମସ୍ତ ସଜୀବଙ୍କୁ ଖାଦ୍ୟ ଆବଶ୍ୟକ ବୋଲି ଜାଣିପାରିବେ । (CG-2)
- ଉଦ୍ଭିଦ ଓ ପ୍ରାଣୀ ଠାରୁ ମିଳୁଥିବା ବିଭିନ୍ନ ଖାଦ୍ୟ ପଦାର୍ଥଗୁଡ଼ିକୁ ଶ୍ରେଣୀକୃତ କରିପାରିବେ । (CG-4)
- କଞ୍ଚା ଖାଦ୍ୟ ଏବଂ ରନ୍ଧନ ଯୋଗ୍ୟ ଖାଦ୍ୟ ପଦାର୍ଥର ତାଲିକା ପ୍ରସ୍ତୁତ କରିବେ । (CG-4)
- ବିଭିନ୍ନ ବୟସ ବର୍ଗର ଲୋକଙ୍କ ନିମନ୍ତେ ଉପଯୁକ୍ତ ଖାଦ୍ୟ ଚିହ୍ନଟ କରିବେ । (CG-4)
- ଉତ୍ତମ ଖାଦ୍ୟାଭ୍ୟାସ ବିଷୟରେ ବର୍ଣ୍ଣନା କରିବେ । (CG-4)
- ବିଭିନ୍ନ ପ୍ରକାର ଖାଦ୍ୟ ଚିହ୍ନଟ କରିବେ । (CG-4)

AP SCERT



ଅନୁ : ବାପା, ଆଗାମୀ ଦ୍ୱିତୀୟ ଶନିବାର ଦିନ ଆମେ କୌଣସି ବିହାର ଯାତ୍ରା ଯିବା କି ?

ବାପା : ଠିକ୍ ଅଛି, ଚାଲ ଆମେ ବାପାଟ୍ଲା ବେଳାଭୂମି ଉତ୍ସବକୁ ଯିବା ।

ଅନୁ : ଓହ୍ ! ଚମତ୍କାର । ମୁଁ ଶୁଣିଛି ଯେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ସେହି ବେଳାଭୂମି ବହୁତ ସୁନ୍ଦର ଦେଖାଯାଏ ।

ମାଆ : ହଁ, ଏହି ଉତ୍ସବରେ ଖେଳନା, ହସ୍ତଶିଳ୍ପ ଏବଂ ଖାଦ୍ୟ ସାମଗ୍ରୀର ଅନେକ ଦୋକାନ ରହିଥାଏ ।

କିରଣ : ମୁଁ ଲେମ୍ବୁ ଏବଂ ପିଆଜ ସହିତ ପରଷା ଯାଉଥିବା ଚିଙ୍ଗୁଡ଼ି ଭଜା ଖାଇବାକୁ ବହୁତ ଆଗ୍ରହର ସହ ଅପେକ୍ଷା କରୁଛି ।

ବାପା : ମୁଁ ଭାତ ସହିତ ଆନ୍ଧ୍ର ଶୈଳୀର ମସଲା ମାଛ ତରକାରୀ ଚାଖିବି ।

ଅନୁ : ମୁଁ ବାଦାମ କ୍ଷୀର ଏବଂ ନଡ଼ିଆ ପାଣି ଚାଖିବାକୁ ଚାହୁଁଛି ।


ବାପା : ସେଠାରେ ଭାଜି ଏବଂ ପୁଣୁଗୁଲୁ ମଧ୍ୟ ଚାଖିବାକୁ ଭୁଲିବ ନାହିଁ ।

ମାଆ : ଆମେ ସମସ୍ତେ ବେଳାଭୂମି ଉତ୍ସବରେ ବିଭିନ୍ନ ପ୍ରକାର ଖାଦ୍ୟ ଚାଖିବାକୁ ବହୁତ ଉତ୍ସାହିତ ।

ବାପା : ହଁ, ''ଖାଦ୍ୟ ବିନା ଜୀବନ ସମ୍ଭବ ନୁହେଁ ।''

ଖାଦ୍ୟ :

ଖାଦ୍ୟ ଆମକୁ ବଞ୍ଚିବା ପାଇଁ ଏବଂ ଶରୀର ବୃଦ୍ଧିରେ ସହାୟକ ହୋଇଥାଏ । ଏହା ଆମକୁ ଶକ୍ତି ପ୍ରଦାନ କରେ । ଏହା ଆମକୁ ସୁସ୍ଥ ଓ ସବଳ ରଖେ ।



ଉଦ୍ଭିଦ ଠାରୁ ମିଳୁଥିବା ଖାଦ୍ୟ :

ଆମେ ଉଦ୍ଭିଦର ବିଭିନ୍ନ ଭାଗକୁ ଖାଦ୍ୟ ରୂପେ ଗ୍ରହଣ କରୁ । ଉଦ୍ଭିଦର ପତ୍ର, କାଣ୍ଡ, ଫୁଲ, ଫଳ, ଚେର, ମଞ୍ଜି ଏବଂ ମୂଳକୁ ଆମେ ଖାଦ୍ୟ ରୂପେ ଖାଉ । ଆମେ ଖାଉଥିବା ଖାଦ୍ୟ ମଧ୍ୟରୁ ଭାତ ମୁଖ୍ୟ ଖାଦ୍ୟ ଅଟେ । ଏହା ଆମକୁ ଧାନରୁ ମିଳେ । ଅନ୍ୟ ଶସ୍ୟ ଯଥା ଗହମ, ଜୋଆରକୁ ମଧ୍ୟ ଖାଦ୍ୟରୂପେ ଗ୍ରହଣ କରିଥାଉ । ସେହିଭଳି ଧାନ ବ୍ୟତୀତ ବାଜରା, ସୁଆଁ, ମାଣ୍ଡିଆ, ଏବଂ କାଙ୍ଗୁ ଭଳି ତୃଣଶସ୍ୟଗୁଡ଼ିକୁ ଆମେ ଖାଦ୍ୟ ରୂପେ ଗ୍ରହଣ କରିଥାଉ ।

ଉଦ୍ଭିଦର ଖାଇବା ଯୋଗ୍ୟ ଭାଗଗୁଡ଼ିକୁ ଦେଖ ।


ଧାନ


ଗହମ


ବାଜରା

କେତେକ ଉଦ୍ଭିଦର ଚେର ଆମକୁ ଖାଦ୍ୟ ଯୋଗାଏ, ଯଥା : ଗାଜର, ବିଟ୍‌ରୁଟ୍ ଏବଂ ମୂଳା ।


ଗାଜର


ବିଟ୍‌ରୁଟ୍


ମୂଳା



ଆସ ଜାଣିବା !

ଆଖୁରୁ ଆମକୁ ଗୁଡ଼ ଓ ଚିନି ମିଳିଥାଏ ।



AP SCERT




ଉଦ୍ଭିଦର ଅତ୍ୟନ୍ତ ପୋଷକ ଯୁକ୍ତ ଭାଗଟି ହେଉଛି ପତ୍ର ।
ଆମେ ବିଭିନ୍ନ ପ୍ରକାର ପତ୍ର ଖାଇଥାଉ ।

ପତ୍ରରୁ ମିଳୁଥିବା ଖାଦ୍ୟ :

ବନ୍ଧାକୋବି ଫୁଲ ନା ପତ୍ର ? ତୁମ ଶିକ୍ଷକଙ୍କୁ ପଚାର ।



କୋଶଳା



ସଜନା ଶାଗ



ପାଳଙ୍ଗ ଶାଗ



ଭୃସୁଙ୍ଗା ପତ୍ର

ଆମେ କଦଳୀ ଫୁଲ ଓ ଫୁଲକୋବି ଭଳି ବିଭିନ୍ନ ଫୁଲଗୁଡ଼ିକୁ ଖାଉ । ଲବଙ୍ଗ ଭଳି ସୁଗନ୍ଧିତ ଫୁଲକଢ଼ିକୁ ମସଲା ରୂପେ ବ୍ୟବହାର କରୁ । କୁଙ୍କୁମ ଫୁଲ ମଧ୍ୟ କେତେକ ସ୍ୱତନ୍ତ୍ର ଖାଦ୍ୟରେ ବ୍ୟବହାର କରାଯାଏ ।



କଦଳୀ ଫୁଲ



ଫୁଲକୋବି




ଲବଙ୍ଗ

ଆମେ ବିଭିନ୍ନ ଫଳପାଚିଲା ଯଥା: ଆମ୍ବ, କମଳା, ପଣସ, ଅମୃତଭଣ୍ଡା, ଏପଲ୍, କଦଳୀ, ଅଙ୍ଗୁର, ଖରଭୁଜ ଓ ତରଭୁଜ ଇତ୍ୟାଦି ଖାଇବାକୁ ପସନ୍ଦ କରୁ । ଏହିସବୁ ଫଳ ମିଠା ଲାଗେ କି ? ଆମେ ସବୁ ପ୍ରକାର ଫଳ ଖାଇବା ଉଚିତ । ଏହା ଆମକୁ ସୁସ୍ଥ ରଖେ ।




ଆମ୍ବ



କମଳା



ଏପଲ୍



କଦଳୀ

ତୁମେ କେଉଁ ଫଳ ସବୁଠାରୁ ଅଧିକ ପସନ୍ଦ କର ?

ବିସ୍ମୟକର ତଥ୍ୟ

ଛତୁ ଏକ ପ୍ରକାର କବକ ଅଟେ । ଏହା ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ ଅଟେ ।




APSCERT


ଟମାଟ, କାକୁଡ଼ି ଫଳ ଅଟେ । ଏଗୁଡ଼ିକୁ ଆମେ ପନିପରିବା ରୂପେ ମଧ୍ୟ ବ୍ୟବହାର କରିଥାଉ ।



ଟମାଟ



କାକୁଡ଼ି



ଏହି ଫଳର କେଉଁ ଭାଗଟି ତୁମେ ଖାଅ ?

.....



ରାନ୍ଧିବା ତେଲ କେଉଁଠାରୁ ମିଳେ ଆସ ଜାଣିବା ।

ଚିନାବାଦାମ୍, ରାଶି, ସୋରିଷ, ସୂର୍ଯ୍ୟମୁଖୀ, ଅଲିଭ୍ ଆଦି ମଞ୍ଜିରୁ ଆମକୁ ରନ୍ଧନ ତେଳ ମିଳେ । କାଜୁ, ବାଦାମ୍, ଝୁଡୁଙ୍ଗ ଏବଂ ଚିନବାଦାମ୍ ଭଳି ବୀଜଗୁଡ଼ିକୁ ଆମେ ଖାଇଥାଉ ।



କାଜୁ



ମଟର



ଝୁଡୁଙ୍ଗ



ଚିନାବାଦାମ୍

ହରଡ଼, ମୁଗ, ବିରି ଭଳି ଡାଲି ଜାତୀୟ ଶସ୍ୟ ଓ ଧାନ, ଗହମ ଭଳି ଖାଦ୍ୟଶସ୍ୟଗୁଡ଼ିକ ବୀଜ ଅଟନ୍ତି । ଏହି ବୀଜଗୁଡ଼ିକୁ ଆମେ ରନ୍ଧନ କରି ଖାଇଥାଉ ।

ପ୍ରାଣୀମାନଙ୍କ ଠାରୁ ମିଳୁଥିବା ଖାଦ୍ୟ :

ପ୍ରାଣୀମାନଙ୍କ ଠାରୁ ଆମେ ଅନେକ ପ୍ରକାର ଖାଦ୍ୟ ପାଇଥାଉ । ଆମେ ଅଣ୍ଡା, ମାଂସକୁ ଖାଦ୍ୟ ରୂପେ ଗ୍ରହଣ କରୁ । ଗାଈ, ଛେଳି, ମଇଁଷି ଇତ୍ୟାଦି ଆମକୁ କ୍ଷୀର ଦେଇଥାନ୍ତି । ସେହି କ୍ଷୀରକୁ ଆମେ ପିଇଥାଉ । କ୍ଷୀରରୁ ବିଭିନ୍ନ ପ୍ରକାର ପଦାର୍ଥ ପ୍ରସ୍ତୁତ କରାଯାଏ । ଯଥା: ଦହି, ଘିଅ, ଲହୁଣୀ, ଛେନା ଇତ୍ୟାଦି ।


ତୁମ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀଗୁଡ଼ିକୁ ଲକ୍ଷ୍ୟ କର । ସେଥିରୁ କ୍ଷୀରକୁ ଉପଯୋଗ କରି ପ୍ରସ୍ତୁତ ହେଉଥିବା ଚାରୋଟି ଖାଦ୍ୟ ପଦାର୍ଥକୁ ଚିହ୍ନଟ କରି ଲେଖ ।

1) .....

2) .....

3) .....

APSCERT






ଆମେ ଅଣ୍ଡା ଓ ମାଂସ ପାଇଁ କୁକୁଡ଼ା ଓ ବତକ ଭଳି କେତେକ ପକ୍ଷୀକୁ ପାଳନ କରୁ ।




ଅଣ୍ଡାରୁ ପ୍ରସ୍ତୁତ କେତୋଟି ଖାଦ୍ୟପଦାର୍ଥର ନାମ କହିପାରିବ କି ?






ଲୋକମାନେ ମେଣ୍ଢା, ଛେଳି, କୁକୁଡ଼ା ଭଳି ପ୍ରାଣୀଗୁଡ଼ିକୁ ପାଳନ କରନ୍ତି । କେତେକ ଲୋକ ଏହି ପ୍ରାଣୀର ମାଂସ ଖାଆନ୍ତି ।






ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଓ ଗେଣ୍ଡା ଭଳି କେତେକ ସାମୁଦ୍ରିକ ପ୍ରାଣୀଙ୍କୁ ମଧ୍ୟ ଆମେ ଖାଦ୍ୟ ରୂପେ ଗ୍ରହଣ କରିଥାଉ ।







ବିସ୍ମୟକର ତଥ୍ୟ

ଭାରତ, ଫ୍ରାନ୍ସ, ଚୀନ ଏବଂ ନାଇଜେରିଆ ଭଳି କେତେକ ଦେଶରେ ଲୋକମାନେ ଶାମୁକାକୁ ଏକ ସ୍ୱତନ୍ତ୍ର ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଏଥିରେ ପ୍ରଚୁର ପରିମାଣରେ ପୁଷ୍ଟିସାର, କମ୍ ଚର୍ବି ଏବଂ ଭିଟାମିନ୍ ରହିଥାଏ ।



APSCERT

ମାଆଙ୍କ କାମରେ ତୁମେ କିଭଳି ସାହାଯ୍ୟ କରିଥାଅ ?

ଜନ୍ ପନିପରିବା କାଟିବାରେ ମାଆଙ୍କୁ ସାହାଯ୍ୟ କରେ । ପରିବା କାଟିବା ବେଳେ ସେଗୁଡ଼ିକୁ ସେ ସିଧା ଖାଇଦିଏ ।

ରନ୍ଧା ଖାଦ୍ୟ ଓ କଞ୍ଚା ଖାଦ୍ୟ :



କେଉଁ ପରିବାଗୁଡ଼ିକୁ ଆମେ କଞ୍ଚା ଖାଉ ?

ତୁମେ ବାଇଗଣକୁ ରୋଷେଇ ନ କରି କଞ୍ଚା ଖାଇପାରିବ କି ?

ଚାଉଳ, ମାଂସ ଆଦି ରୋଷେଇ ନ କରି ଆମେ ଖାଇ ପାରିବା ନାହିଁ । ସେହିଭଳି କେତେକ ପନିପରିବାକୁ ବିନା ରନ୍ଧନରେ ମଧ୍ୟ ଆମେ ଖାଇପାରିବା । ଯଥା: ଗାଜର, ପିଆଜ, କାକୁଡ଼ି ଇତ୍ୟାଦି ।

ଆମେ ରନ୍ଧନ କରି ଖାଇବା ଖାଦ୍ୟ ଓ ରୋଷେଇ ନ କରି କଞ୍ଚାରେ ଖାଇବା ଖାଦ୍ୟ ଏହି ସାରଣୀରେ ପୂରଣ କର ।

ରନ୍ଧନ ଖାଦ୍ୟ					
କଞ୍ଚା ଖାଦ୍ୟ					

ସୁସ୍ଥ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍ :

ଫଳ, ପନିପରିବା, କ୍ଷୀର, ଅଣ୍ଡା ଏବଂ ଶସ୍ୟ ଭଳି ସୁସ୍ଥ ଖାଦ୍ୟ ଆମକୁ ସୁସ୍ଥ ଓ ସବଳ ରଖିବାରେ ସାହାଯ୍ୟ କରେ । ଜଙ୍କ୍ ଫୁଡ୍ ଆମକୁ ଦୁର୍ବଳ ଏବଂ ଆଳସୀ କରିପାରେ , ତେଣୁ ଆମେ ଏହାକୁ ଏଡ଼ାଇବା ଉଚିତ । ଠିକ୍ ସମୟରେ ସୁସ୍ଥ ଖାଦ୍ୟ ଖାଇବା ଅଭ୍ୟାସ ଆମକୁ ସକ୍ରିୟ ଏବଂ ସୁଖି ରଖିଥାଏ ।



ଆସ କରିବା

ଏହି ସାରଣୀରେ ସୁସ୍ଥ ଖାଦ୍ୟ ପାଇଁ ସବୁଜ ବାକ୍ସ ଏବଂ ଜଙ୍କ୍ ଫୁଡ୍ ପାଇଁ ଲାଲ ବାକ୍ସ ଅଙ୍କନ କର ।

ଖାଦ୍ୟ ପଦାର୍ଥ	ସୁସ୍ଥ ଖାଦ୍ୟ	ଜଙ୍କ୍ ଫୁଡ୍
ଫଳ ଆଳୁ ଚିପ୍ସ୍ ଥଣ୍ଡା ପାନୀୟ ପାଣି ପୁରି କନ୍ଦମୂଳ		

APSCERT

ଉତ୍ତମ ଖାଦ୍ୟାଭ୍ୟାସ :

ଉତ୍ତମ ଖାଦ୍ୟାଭ୍ୟାସ ଆମକୁ ସୁସ୍ଥ ସବଳ ଏବଂ ସକ୍ରିୟ ରଖେ । ଆମେ ପ୍ରତିଦିନ ତାଜା ଓ ସଫା ସୁତୁରା ଖାଦ୍ୟ ଖାଇବା ଉଚିତ । ଫଳ, ପନିପରିବା, କ୍ଷୀର ଏବଂ ଶସ୍ୟ ଖାଇଲେ ଆମ ଶରୀର ସୁସ୍ଥ ରହେ । ଆମେ ପ୍ରଚୁର ପାଣି ପିଇବା ଉଚିତ ଏବଂ ଚିପ୍ସ , ଶୀତଳ ପାନୀୟ ଭଳି ଜଙ୍କ୍ ଫୁଡ୍ ଠାରୁ ଦୂରେଇ ରହିବା ଉଚିତ । ଠିକ୍ ସମୟରେ ଖାଇବା ଏବଂ ଖାଦ୍ୟକୁ ଭଲଭାବେ ଚୋବାଇବା ମଧ୍ୟ ଏକ ଉତ୍ତମ ଅଭ୍ୟାସ । ଆମେ କେବେହେଲେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ ଏବଂ ଖାଇବା ପୂର୍ବରୁ ଓ ପରେ ହାତ ଧୋଇବା ଉଚିତ ।

କାର୍ଯ୍ୟକଳାପ

ପଢ଼ ଏବଂ ତୁମ ପାଖରେ ଥିବା ଉତ୍ତମ ଖାଦ୍ୟାଭ୍ୟାସଗୁଡ଼ିକୁ (✓) ଚିହ୍ନ ଦିଅ ।

1. ମୁଁ ଖାଇବା ପୂର୍ବରୁ ଓ ପରେ ହାତ ଭଲ ଭାବେ ସଫା କରେ । ( )
2. ମୁଁ ଖାଦ୍ୟକୁ ଭଲଭାବେ ଚୋବାଇ ଧୀରେ ଧୀରେ ଖାଏ । ( )
3. ମୁଁ ଘରେ କିମ୍ବା ବିଦ୍ୟାଳୟରେ ଖାଦ୍ୟ ବଳକା କରି ଥାଳିରେ ଛାଡ଼େ ନାହିଁ । ( )
4. ମୁଁ ସାମ୍ବାର୍‌ରେ ପକାଯାଇଥିବା ସବୁ ପରିବା ଖଣ୍ଡ ଖାଇଦିଏ । ( )
5. ମୁଁ ତରକାରୀରେ ପଡ଼ିଥିବା ଧନିଆ ପତ୍ର ଓ ଭୂସଙ୍ଗ ପତ୍ର ଖାଇଦିଏ । ( )
6. ମୁଁ ଠିକ୍ ଭଙ୍ଗୀରେ ବସି ଖାଦ୍ୟ ଖାଏ ଓ ଚଟାଣରେ ଖାଦ୍ୟ ପକାଏ ନାହିଁ । ( )
7. ମୁଁ ପାଚିଲା ଫଳ ଓ ପରିବା ଖାଇବାକୁ ବା ରାନ୍ଧିବା ପୂର୍ବରୁ ଭଲଭାବେ ସଫା କରେ । ( )

ବିଭିନ୍ନ ପ୍ରକାର ଖାଦ୍ୟ :

ଆମ ରାଜ୍ୟ ଆନ୍ଧ୍ର ପ୍ରଦେଶ ଏହାର ମସଲାଯୁକ୍ତ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ପ୍ରସିଦ୍ଧ । ଏହା ଦେଖିବାକୁ ଯେପରି ରଙ୍ଗୀନ ସେହିପରି ମହକ ପୂର୍ଣ୍ଣ । ଏଠାକାର ଲୋକମାନେ ଅନେକ ସ୍ୱାଦିଷ୍ଟ ତରକାରୀ ଓ ଆଚାର ସହିତ ଭାତକୁ ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ପୁଲିହୋରା(ତେନ୍ତୁଳି ଭାତ), ଡାଲି, ସାମ୍ବାର ଏବଂ ରସମ୍ ଭଳି ଖାଦ୍ୟଗୁଡ଼ିକୁ ସାଧାରଣ ଭାବେ ରନ୍ଧନ କରାଯାଏ । କାମରା ଶାଗ ଚଟଣି ପାଇଁ ଆନ୍ଧ୍ର ପ୍ରଦେଶ ପ୍ରସିଦ୍ଧ । ଉପକୂଳ ଆନ୍ଧ୍ର ପ୍ରଦେଶ ସାମୁଦ୍ରିକ ଖାଦ୍ୟ ପାଇଁ, ସେହିଭଳି ରାୟଲସୀମା ମିଲେଟ୍ସ ଯୁକ୍ତ ଖାଦ୍ୟ ପାଇଁ ପ୍ରସିଦ୍ଧ । ପର୍ବପର୍ବାଣୀ ସମୟରେ ଲୋକମାନେ ପୁତାରେକୁଲୁ ଏବଂ ବୋବ୍ବାଟ୍ଲୁ ଭଳି ସ୍ୱତନ୍ତ୍ର ମିଠା ପ୍ରସ୍ତୁତ କରନ୍ତି ।

କାର୍ଯ୍ୟକଳାପ

ଉଗାଦି, ଗଣେଶ ପୂଜା, ଖ୍ରୀଷ୍ଟମାସ, ସଂକ୍ରାନ୍ତି, ରାମଜାନ୍

AP SCERT

ଦତ୍ତ ତାଲିକାରୁ ପର୍ବପର୍ବାଣୀ ସହିତ ଖାଦ୍ୟର ନାମ ଲେଖ ।

..... 

..... 

..... 

..... 

..... 

APSCERT

ଆସ କରିବା

ଲେମ୍ବୁ ରସ ପ୍ରସ୍ତୁତ କରିବା:



ଗ୍ରୀଷ୍ମକାଳରେ ଆମେ କୃତ୍ରିମ ଥଣ୍ଡା ପାନୀୟ ପିଇବାକୁ ଅଧିକ ପସନ୍ଦ କରୁ । କିନ୍ତୁ ଏହା ଆମ ଶରୀର ପାଇଁ କ୍ଷତିକାରକ । ଏହା ବଦଳରେ ଆମେ ଲେମ୍ବୁ ରସ ଭଳି ଫଳ ରସ ପିଇ ପାରିବା । ଏହା ଆମକୁ ଥଣ୍ଡା ଏବଂ ସୁସ୍ଥ ରଖେ ।

ଲେମ୍ବୁ ରସ କିପରି ପ୍ରସ୍ତୁତ କରାଯାଏ ? ତୁମେ ଜାଣ କି ?

1. ସଫା ପାଣିରେ ଏକ ଲେମ୍ବୁକୁ ଧୋଇ ଦିଅ ।
2. ଲେମ୍ବୁକୁ ଦୁଇ ଭାଗରେ କାଟ ।(ବୟସ୍କଙ୍କୁ ଛୁରୀରେ କାଟିବା ପାଇଁ କୁହ)

3. ଗୋଟିଏ ଗ୍ଲାସ ଉପରେ ଲେମ୍ବୁର ଅଧା ଭାଗ ଧରି, ଚିପୁଡ଼ି ଏହାର ରସ ବାହାର କର ।
4. ଗ୍ଲାସ ଭିତରେ ପଡ଼ିଥିବା ମଞ୍ଜିଗୁଡ଼ିକୁ ବାହାର କର ।
5. କିଛି ଜଳ, ଅଳ୍ପ ଚିନି ଏବଂ ଏକ ଚିମୁଟା ଲୁଣ ମିଶାଅ ।
6. ଚିନି ଭଲଭାବେ ମିଶିବା ପର୍ଯ୍ୟନ୍ତ ଏକ ଚାମଚ ସାହାଯ୍ୟରେ ଘାଣ୍ଟ ।
ବର୍ତ୍ତମାନ, ତାଜା ଲେମ୍ବୁ ରସ ପିଇବା ପାଇଁ ପ୍ରସ୍ତୁତ ହୋଇଗଲା ।

ବିଭିନ୍ନ ବୟସ୍କ ବର୍ଗଙ୍କ ପାଇଁ ଖାଦ୍ୟ :

କେତେକ ଲୋକଙ୍କୁ ସ୍ୱତନ୍ତ୍ର ପ୍ରକାର ଖାଦ୍ୟର ଆବଶ୍ୟକତା ହୋଇଥାଏ । କାରଣ ତାଙ୍କ ଶରୀରକୁ ଅଧିକ ଯତ୍ନର ଆବଶ୍ୟକତା ରହିଥାଏ । ଏମାନଙ୍କ ମଧ୍ୟରେ ଛୋଟ ଶିଶୁ ଏବଂ ବୟସ୍କମାନେ ଅନ୍ତର୍ଭୁକ୍ତ ।
ଶିଶୁମାନଙ୍କର ଦାନ୍ତ ନ ଥାଏ । ସେଥିପାଇଁ ସେମାନେ ଖାଦ୍ୟକୁ ଭଲଭାବେ ଚୋବାଇ ପାରନ୍ତି ନାହିଁ । ତେଣୁ ସେମାନଙ୍କୁ କ୍ଷୀର କିମ୍ବା ନରମ ଖାଦ୍ୟ ଦିଆଯାଏ । ବୟସ୍କ ଲୋକମାନଙ୍କର ଅଧିକାଂଶ ଦାନ୍ତ ଝଡ଼ିଯାଇଥାଏ ଏବଂ ଚୋବାଇ ପାରନ୍ତି ନାହିଁ । ସେମାନେ ମଧ୍ୟ ନରମ ଖାଦ୍ୟ ଖାଆନ୍ତି । ତେଣୁ ବୟସ ଅନୁସାରେ ଖାଦ୍ୟାଭ୍ୟାସ ପରିବର୍ତ୍ତନ ହୋଇଥାଏ ।

କାର୍ଯ୍ୟକଳାପ:


ତୁମର ବୟସ୍କମାନଙ୍କୁ ପଚାରି ନିମ୍ନ ସାରଣୀକୁ ପୂରଣ କର ।

ବୟସ	ସେମାନେ କ'ଣ ଖାଇ ପାରନ୍ତି	ସେମାନେ କ'ଣ ଖାଇ ପାରନ୍ତି ନାହିଁ
2 ବର୍ଷ		
20 ବର୍ଷ		
80 ବର୍ଷ		

AP SCERT

ବିସ୍ମୟକର ତଥ୍ୟ

ଆମେ ପ୍ରତିଦିନ ଯେଉଁ ଖାଦ୍ୟ ଖାଉ ତାହା ସିଧାସଳଖ ଆମ ଥାଳିକୁ ଆସିନଥାଏ । ଏହା ଆମ ପାଖକୁ ଆସିବା ପୂର୍ବରୁ ଅନେକ ସ୍ଥାନ ଦେଇ ଯାଇଥାଏ । ସାଧାରଣତଃ ଉଦ୍ଭିଦ ଜାତ ଖାଦ୍ୟ କ୍ଷେତରେ ଚାଷ କରାଯାଏ । ଅଣ୍ଡା କୁକୁଡ଼ା ଫାର୍ମରେ ଉତ୍ପାଦନ କରାଯାଏ, କ୍ଷୀର ଏବଂ କ୍ଷୀର ଉତ୍ପାଦ ପଦାର୍ଥ ଡାଏରୀ ଫାର୍ମରେ ଉତ୍ପାଦିତ ହୁଏ । ଏଗୁଡ଼ିକ ଦୋକାନକୁ ସ୍ଥାନାନ୍ତର କରାଯାଇଥାଏ, ଯେଉଁଠାରୁ ଲୋକମାନେ ଏଗୁଡ଼ିକୁ କିଣନ୍ତି ।





ନିମ୍ନଗୁଡ଼ିକୁ ଯୋଡ଼
କାର୍ଯ୍ୟକଳାପ



ଦୋକାନୀ



କୁକୁଡ଼ା ଚାଷୀ



କୃଷକ



ମାଛ ଧରାଳି

© SCERT



ଆସ ଜାଣିବା !

ଆମ ମଧ୍ୟାହ୍ନ ଭୋଜନ :

ବିଦ୍ୟାଳୟରେ ଆମେ ମଧ୍ୟାହ୍ନ ଭୋଜନ ପାଇଥାଉ । ଏଥିରେ ଆମେ ଭାତ, ଡାଲି, ପନିପରିବା, ଅଣ୍ଡା, ଚଣାଖଜା, ଏବଂ ମାଣ୍ଡିଆ ଜାଉ ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଖାଉ । ଏହି ଖାଦ୍ୟଗୁଡ଼ିକ ଆମକୁ ଭଲ ଭାବେ ବଢ଼ିବାରେ ଓ ଭଲ ଭାବେ ପଢ଼ିବାରେ ସାହାଯ୍ୟ କରେ । ପ୍ରତେକ ଶିଶୁ ପ୍ରତିଦିନ ଅନ୍ୟୁନ ଥରେ ପୁଷ୍ଟିକର ଖାଦ୍ୟ ପାଇବା ମଧ୍ୟାହ୍ନ ଭୋଜନ ଯୋଜନାର ମୂଳ ଲକ୍ଷ୍ୟ ।

ଆମେ ଜାଣିବା ଉଚିତ ଯେ, ଖାଦ୍ୟ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଆମକୁ ସୁସ୍ଥ ସବଳ ରଖେ । ତେଣୁ, ସର୍ବଦା ଆମେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଉଚିତ ।



ଶୁଭ ଦିନ ଭୋଜନ

ଶୁଭ ଦିନ ଭୋଜନ କିମ୍ବା ତିଥି ଭୋଜନ ହେଉଛି ଏକ ଅଭିନବ ଗୋଷ୍ଠୀ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ, ଯାହା ମଧ୍ୟାହ୍ନ ଭୋଜନ ଯୋଜନାକୁ ସହଯୋଗ କରେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ସ୍ୱଇଚ୍ଛାରେ ବିଭିନ୍ନ ପର୍ବପର୍ବାଣୀ, ଜନ୍ମଦିନ, ବିବାହ ଦିବସ, ବିବାହ, ଜାତୀୟ ମୁଖ୍ୟ ଦିବସଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ କିମ୍ବା ସମ୍ପୂର୍ଣ୍ଣ ଭୋଜନ ପ୍ରଦାନ କରନ୍ତି । ଏହା ଛାତ୍ରଛାତ୍ରୀଙ୍କ ପ୍ରତି ସମାଜର ସ୍ନେହ ଓ ଯତ୍ନକୁ ପରିପ୍ରକାଶ କରେ ।

ମୁଖ୍ୟ ଶବ୍ଦାବଳୀ

କଞ୍ଚା ଖାଦ୍ୟ, ରନ୍ଧା ଖାଦ୍ୟ, ହଜମ, ସ୍ୱାସ୍ଥ୍ୟକର ଅଭ୍ୟାସ, ଗୋଷ୍ଠୀ(ସମାଜ), ପୁଷ୍ଟିକର ।

ଆମେ କ'ଣ ଶିଖିଲେ ?

- ବଞ୍ଚିବା ଓ କାମ କରିବା ପାଇଁ ଆମକୁ ଖାଦ୍ୟ ନିହାତି ଆବଶ୍ୟକ । ସେହିଭଳି ପଶୁପକ୍ଷୀଙ୍କୁ ମଧ୍ୟ ଖାଦ୍ୟ ଆବଶ୍ୟକ ।
- ବିଭିନ୍ନ ବୟସର ଲୋକଙ୍କୁ ଭିନ୍ନ ଭିନ୍ନ ଖାଦ୍ୟ ଦରକାର ପଡ଼ିଥାଏ ।
- ଆମେ ଉଦ୍ଭିଦ ଓ ପ୍ରାଣୀଙ୍କ ଠାରୁ ଖାଦ୍ୟ ପାଇଥାଉ ।
- ବିଭିନ୍ନ ଉଦ୍ଭିଦର ପତ୍ର, ଫୁଲ, ଫଳ, ମୂଳ, କାଣ୍ଡ ଓ ମଞ୍ଜିଗୁଡ଼ିକୁ ଆମେ ଖାଦ୍ୟ ରୂପେ ବ୍ୟବହାର କରୁ ।
- ପ୍ରାଣୀମାନଙ୍କ ଠାରୁ ଆମକୁ କ୍ଷୀର, ଅଣ୍ଡା, ମାଂସ ଇତ୍ୟାଦି ମିଳେ ।
- ଆମେ ଅନେକ ରକମର ଖାଦ୍ୟପଦାର୍ଥ ଭିନ୍ନ ଭିନ୍ନ ଉପାୟରେ ବିଭିନ୍ନ ରନ୍ଧନ ପାତ୍ର ବ୍ୟବହାର କରି ରାନ୍ଧିଥାଉ ।

ଶିକ୍ଷଣକୁ ଉନ୍ନତ କରିବା

1. ସମସ୍ତ ପ୍ରାଣୀଙ୍କୁ ଖାଦ୍ୟ କାହିଁକି ଆବଶ୍ୟକ ହୋଇଥାଏ ?
2. ଉଦ୍ଭିଦରୁ ପାଉଥିବା ଦୁଇଟି ଖାଦ୍ୟ ପଦାର୍ଥର ନାମ ଲେଖ ।
3. କଞ୍ଚାରେ ଖାଇପାରୁଥିବା ଗୋଟିଏ ଖାଦ୍ୟପଦାର୍ଥର ନାମ ଲେଖ ।
4. ଉଦ୍ଭିଦ ଓ ପ୍ରାଣୀମାନଙ୍କ ଠାରୁ ମିଳୁଥିବା ଖାଦ୍ୟ ମଧ୍ୟରେ ପାର୍ଥକ୍ୟ ବର୍ଣ୍ଣନା କର ।

AP SCERT

5. କେତେକ ଖାଦ୍ୟ ଖାଇବା ପୂର୍ବରୁ କାହିଁକି ରାନ୍ଧିବା ଆବଶ୍ୟକ ?

6. ଉତ୍ତମ ଖାଦ୍ୟାଭ୍ୟାସ କହିଲେ କ'ଣ ? ଗୋଟିଏ ଉଦାହରଣ ଦିଅ ।

7. ଆମେ କାହିଁକି ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବା ଉଚିତ ?

8. ରାଣୀ ପ୍ରତିଦିନ ଭାତ, ପନିପରିବା ଏବଂ ଫଳ ଖାଏ । ଏହା ରାଣୀର କେଉଁ ପ୍ରକାରର ଖାଦ୍ୟାଭ୍ୟାସକୁ ସୂଚାଏ ?

A) ମନ୍ଦ ଅଭ୍ୟାସ B) ଉତ୍ତମ ଅଭ୍ୟାସ ( )

C) ଆଳସୀ ଅଭ୍ୟାସ D) ଭୁଲ ଅଭ୍ୟାସ

9. ଖେଳିବା ପରେ ତୁମେ ଖାଇବାକୁ ଚାହୁଁଛ ? ଖାଇବା ପୂର୍ବରୁ ତୁମେ କେଉଁ ଉତ୍ତମ ଅଭ୍ୟାସ ଅନୁସରଣ କରିବା ଉଚିତ ?

10. ନିମ୍ନଗୁଡ଼ିକୁ ଯୋଡ଼ :

ଖାଦ୍ୟ ପଦାର୍ଥ	**ଉତ୍ସ**
କ୍ଷୀର	ପକ୍ଷୀ
ଚାଉଳ	ବୃକ୍ଷ
ଅଣ୍ଡା	ପ୍ରାଣୀ
ଆମ୍ବ	ଉଦ୍ଭିଦ

11. ଏହି ଖାଦ୍ୟଗୁଡ଼ିକୁ ଶ୍ରେଣୀକରଣ କର : ଗାଜର, ଭାତ, ସେଓ, ଚପାତି

· କଞ୍ଚା ଖାଇବା ଖାଦ୍ୟ : _____

· ରାନ୍ଧିବା ଆବଶ୍ୟକ : _____

12. ପ୍ରତିଦିନ କେବଳ ଜଙ୍କ୍‌ଫୁଡ୍ ଖାଇବା ଭଲ କି ?

13. ତୁମ ସାଙ୍ଗ ଥାଳିର ଖାଦ୍ୟକୁ ନଷ୍ଟ କରୁଛି । ଏହା ଠିକ୍ ନା ଭୁଲ୍ ? ଗୋଟିଏ କାରଣ ଲେଖ ।

14. ଉଦ୍ଭିଦ ଏବଂ ପ୍ରାଣୀଙ୍କ ଠାରୁ ମିଳୁଥିବା ଦୁଇଟି ଲେଖାଏଁ ଖାଦ୍ୟର ଚିତ୍ର ଅଙ୍କନ କରି ନାମ ଲେଖ ।

AP SCERT

15. 'ସୁସ୍ଥ ଖାଦ୍ୟ' ବିଷୟରେ ତୁମେ ଏକ ସ୍ଲୋଗାନ୍ ଲେଖ ।

16. ଋଷିର ପରିବାର ଆଜି ଏକ ପର୍ବ ପାଳନ କରୁଛନ୍ତି । ସେହି ପର୍ବର ନାମ ଲେଖ ଏବଂ ସେମାନେ ପ୍ରସ୍ତୁତ କରିପାରିବା ଏକ ପାରମ୍ପରିକ ଖାଦ୍ୟର ନାମ ଲେଖ ।

17. ଆନନ୍ଦ ପ୍ରତିଦିନ ବିସ୍କୁଟ୍ ଏବଂ ମୃଦୁପାନୀୟ ସେବନ କରେ । ସେ ସୁସ୍ଥ ରହିବା ପାଇଁ ଖାଇପାରିବା ଯେକୌଣସି ପାଞ୍ଚଟି ସ୍ୱାସ୍ଥ୍ୟକର ଖାଦ୍ୟର ନାମ ଲେଖ ଏବଂ ସେହି ଖାଦ୍ୟଗୁଡ଼ିକ କାହିଁକି ଉତ୍ତମ କାରଣଗୁଡ଼ିକ ଲେଖ ।

.....

.....

.....

.....

.....

.....

.....

18. ପର୍ବପର୍ବାଣୀରେ ତୁମେ ଖାଉଥିବା ବିଭିନ୍ନ ପ୍ରକାର ଖାଦ୍ୟର ଏକ ଧାରଣା ମାନଚିତ୍ର ପ୍ରସ୍ତୁତ କର ।



AP SCERT



ଜଳ - ଏକ ଅମୂଲ୍ୟ ଉପହାର




Q1T2E9

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା ଜାଣିପାରିବେ :

- ଜଳର ଗୁରୁତ୍ୱକୁ ବ୍ୟାଖ୍ୟା କରିବେ । (CG-2)
- ବିଭିନ୍ନ ପ୍ରକାର ଜଳ ଉତ୍ସକୁ ଚିହ୍ନଟ କରିବେ । (CG-4)
- ବିଶୁଦ୍ଧ ଜଳର ଗୁରୁତ୍ୱକୁ ବୁଝିବେ । (CG-3)
- ଜଳର ବ୍ୟବହାର ଏବଂ ଅପଚୟ କିପରି ହୁଏ ଜାଣିବେ । (CG-3)
- ଜଳ ଅଭାବର କାରଣଗୁଡ଼ିକୁ ଜାଣିବେ । (CG-4)
- ଜଳ ସଞ୍ଚୟର ଉପାୟଗୁଡ଼ିକୁ ବର୍ଣ୍ଣନା କରିବେ । (CG-3)
- ଦୈନନ୍ଦିନ ଜୀବନରେ ଜଳ ସଞ୍ଚୟ ପଦ୍ଧତିଗୁଡ଼ିକୁ ଅନୁସରଣ କରିବେ । (CG-4)



AP SCERT

ହାଏ ! ମୁଁ ଜଳବିନ୍ଦୁ । ମୁଁ ମେଘରୁ ପଡ଼େ । ମୁଁ ତୁମ ଜୀବନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଳ ପ୍ରକୃତିର ଉପହାର । ତୁମେ ବଞ୍ଚିବା ପାଇଁ ଜଳ ଦରକାର କର । ଉଦ୍ଭିଦ ଏବଂ ପ୍ରାଣୀମାନେ ମଧ୍ୟ ବଞ୍ଚିବା ପାଇଁ ଜଳ ଆବଶ୍ୟକ କରିଥାନ୍ତି । ତୁମେ ଜଳ ବିନା ବଞ୍ଚିପାରିବ ନାହିଁ । ଦୈନନ୍ଦିନ ଜୀବନରେ ତୁମେ ଜଳକୁ ଅନେକ ପ୍ରକାରରେ ବ୍ୟବହାର କରିଥାଅ । ତୁମେ ଜାଣ କି ? ମୁଁ ତୁମ ଦୈନନ୍ଦିନ ଜୀବନରେ କିପରି ବ୍ୟବହୃତ ହୋଇଥାଏ । ମୋ ସହିତ ଆସ ! ମୁଁ ତୁମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ମୋ କାହାଣୀ କହିବି ।

ଜଳର ବ୍ୟବହାର:

ଆମ ଘରେ ବିଭିନ୍ନ କାମରେ ଆମେ ଜଳ ବ୍ୟବହାର କରିଥାଉ ।

କାର୍ଯ୍ୟକଳାପ :

ପିଲାମାନେ ! ଆମ ଦୈନନ୍ଦିନ ଜୀବନରେ ଜଳକୁ କିପରି ବ୍ୟବହାର କରୁ, ଚିତ୍ରରେ ଦେଖ ।

AP SCERT



ଦାନ୍ତ ଘଷିବା



ପିଇବା




ସ୍ନାନ କରିବା



ପନିପରିବା ସଫା କରିବା



ଲୁଗା ସଫା କରିବା



ଗଛରେ ପାଣି ଢ଼ାଳିବା

ନିମ୍ନ ଚିତ୍ରଗୁଡ଼ିକୁ ଦେଖ :




ଅଗ୍ନି ନିର୍ବାପନ



କୃଷି ପାଇଁ ଜଳସେଚନ



ମତ୍ସ୍ୟ ପାଳନ



ଭବନ ନିର୍ମାଣ

ତୁମେ ଜଳର କେତେକ ବ୍ୟବହାର ଜାଣିଲ । ଏହା ଅନ୍ୟମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଆସ ଜାଣିବା । ଜଳ ମିଳିଲେ ହିଁ କୃଷକମାନେ ଫସଲ ଚାଷ କରିପାରିବେ ।



ତୁମେ କେବେ ଚିଙ୍ଗୁଡ଼ି ଓ ମାଛ ପାଳିବା ପୋଖରୀକୁ ଦେଖିଛ କି ?

ଜଳର ଉତ୍ସ :

ତୁମ ଘରକୁ ପାଣି କେଉଁଠୁ ଆସେ ?

ତୁମ ପଡ଼ୋଶୀମାନେ ସେହି ଉତ୍ସରୁ ହିଁ ଜଳ ଆଣନ୍ତି କି ?

ବିଭିନ୍ନ ଉତ୍ସରୁ ଜଳ ମଳିଥାଏ । ବର୍ଷା, ଜଳର ମୁଖ୍ୟ ଉତ୍ସ ଅଟେ ।



ତୁମେ ଜାଣ କି !

ବିଶ୍ୱ ଜଳ ଦିବସ – ମାର୍ଚ୍ଚ – 22


AP SCERT



ମହାସାଗର, ନଦୀ, ହ୍ରଦ, ଝରଣା, ପୋଖରୀ ଓ ଆଭ୍ରିଜିୟ କୂପ ଇତ୍ୟାଦି ଜଳର ପ୍ରାକୃତିକ ଉତ୍ସ ଅଟେ ।



ମହାସାଗର



ନଦୀ



ହ୍ରଦ

ଡ୍ୟାମ୍, କୂପ, ନଳକୂପ, ହାତପମ୍ପ୍, କେନାଲ ଇତ୍ୟାଦି ମାନବ ନିର୍ମିତ ଜଳ ଉତ୍ସ ଅଟେ ।



ଡ୍ୟାମ୍



କେନାଲ



କୂପ



ହାତ ପମ୍ପ୍



ନଳକୂପ



ବିଦ୍ଧକୂପ

କାର୍ଯ୍ୟକଳାପ :


ତୁମ ଗ୍ରାମରେ ରହିଥିବା ଜଳ ଉତ୍ସଗୁଡ଼ିକୁ (✓) ଚିହ୍ନ ଦିଅ ।

ଉତ୍ସ	ଠିକ୍ ଚିହ୍ନ
1. ନଦୀ	
2. କେନାଲ	
3. କୂପ	


ଉତ୍ସ	ଠିକ୍ ଚିହ୍ନ
4. କଳ ପାଣି	
5. ବିଦ୍ଧ କୂପ	
6. ଗାଡ଼ିଆ/ପୋଖରୀ	

© SCERT

ଜଳର ଅଭାବ:



ଅଧିକାଂଶ ଗ୍ରାମର ଲୋକମାନେ ଗ୍ରାମ କୂପରୁ ପାଣି ଆଣିଥାନ୍ତି । କେତେକ ଲୋକ ସେମାନଙ୍କ ଦୈନନ୍ଦିନ ବ୍ୟବହାର୍ଯ୍ୟ ପାଣି ଆଣିବା ପାଇଁ ବହୁତ ଦୂରକୁ ଯାଆନ୍ତି । ଗ୍ରୀଷ୍ମଋତୁରେ କୂଅ ଓ ପୋଖରୀଗୁଡ଼ିକ ଶୁଖିଯାଏ ଏବଂ ନଳକୂପର ଜଳ ମଧ୍ୟ କମିଯାଏ । କେତେକ ସ୍ଥାନରେ ଲୋକମାନେ ପାଣି ଟ୍ୟାଙ୍କର କିମ୍ବା ସର୍ବ ସାଧାରଣ ଟ୍ୟାପ୍‌ରେ ପାଣି ଆସିବା ପାଇଁ ଅପେକ୍ଷା କରନ୍ତି ।



AP SCERT



ଚିନ୍ତାକର ଓ ଚର୍ଚ୍ଚାକର

କମଳୀଙ୍କ ପିତା କହିଛନ୍ତି ଯେ, ପୃଥିବୀର ତିନିଭାଗ ଜଳ ଦ୍ୱାରା ଆବୃତ ହୋଇଛି । ପୃଥିବୀରେ ଯଥେଷ୍ଟ ପରିମାଣରେ ଜଳ ଅଛି । କିନ୍ତୁ ତାଙ୍କ ମାଉସୀ କହନ୍ତି ଯେ, ଜଳର ଅଭାବ ଅଛି । ତେଣୁ ଆମେ ଜଳକୁ ସଞ୍ଚୟ କରିବା ଆବଶ୍ୟକ । ଯଦି ବର୍ତ୍ତମାନ ଭଳି ଆମେ ଜଳକୁ ନଷ୍ଟ କରି ଚାଲିବା ତେବେ ଭବିଷ୍ୟତରେ ପିଇବା ପାଇଁ ପାଣି ପାଇବା ନାହିଁ । କାହିଁକି ଚିନ୍ତାକର ।




ତୁମେ ସମସ୍ତେ ଜଳ ଉତ୍ସରୁ ଉପଲବ୍ଧ ପାଣିକୁ ସିଧାସଳଖ ପିଇ ପାରିବ କି ?

ସୁରକ୍ଷିତ ଜଳ :

ଆମ ଚତୁଃପାର୍ଶ୍ୱରେ ଜଳ ଦେଖିଥାଉ କିନ୍ତୁ ଏହି ସମସ୍ତ ଉତ୍ସର ଜଳକୁ ଆମେ ସିଧାସଳଖ ପଇନଥାଉ । ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ଏହା ସମ୍ଭବତଃ ପ୍ରଦୂଷିତ ହୋଇ ଥାଇପାରେ ।

ଆସ । ଏହି ଚିତ୍ରକୁ ନିରୀକ୍ଷଣ କରିବା । ସେମାନେ କ'ଣ କରୁଛନ୍ତି ?



ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଜଳ ପ୍ରଦୂଷିତ ହୁଏ । ଆମେ ବିଶୁଦ୍ଧ ଜଳ ପାନ କରିବା ଆବଶ୍ୟକ । ସୁରକ୍ଷିତ ପାନୀୟ ଜଳ ଯୋଜନା ମାଧ୍ୟମରେ ସରକାର ସମସ୍ତଙ୍କୁ ବିଶୁଦ୍ଧ ଜଳ ଯୋଗାଇ ଥାନ୍ତି । ଅସୁରକ୍ଷିତ ପାଣି ପିଅ ନାହିଁ ।



ଦୀର୍ଘ ଦିନ ଧରି ବୋତଲ ଏବଂ ପ୍ୟାକେଟ୍‌ରେ ଗଚ୍ଛିତ ଜଳ କିମ୍ବା ମୁଦ ହୋଇ ନ ଥିବା ଜଳକୁ ବ୍ୟବହାର କର ନାହିଁ ।

ଆମେ ପିଇବା ଜଳ ପରିଷ୍କାର ଏବଂ ଜୀବାଣୁ ମୁକ୍ତ ହେବା ଉଚିତ । ଜଳକୁ ବିଶୋଧନ କରିବା ପାଇଁ ସବୁଠାରୁ ସରଳ ଉପାୟ ହେଉଛି ପାଣିକୁ **ଫୁଟାଇବା** । ପାଣି ପିଇବା ପୂର୍ବରୁ ଗରମ କରି ଥଣ୍ଡା ହେବା ପରେ ପିଇବା ଉଚିତ । ୱାଟର ଫିଲଟର୍ ଏବଂ ୱାଟର ପ୍ୟୁରିଫାଏର୍ ବ୍ୟବହାର କରି ଆମେ ଜଳକୁ ବିଶୋଧନ କରି ପିଇପାରିବା । ପରିଷ୍କାର ଏବଂ ଆବଦ୍ଧ ପାତ୍ରରେ ଜଳ ସଂରକ୍ଷଣ କରାଯିବା ଉଚିତ ।

APSCERT


କାର୍ଯ୍ୟକଳାପ:

ତୁମ ଘରେ ଥିବା ଜଳ ସଂରକ୍ଷଣ ପାତ୍ରଗୁଡ଼ିକର ଚିତ୍ର ଅଙ୍କନ କର ।
ତୁମ ସହପାଠୀମାନେ ଆଙ୍କିଥିବା ଚିତ୍ରଗୁଡ଼ିକୁ ଅନୁଧ୍ୟାନ କର ।





ଆସ ଜାଣିବା !



ଆଜି ପର୍ଯ୍ୟନ୍ତ ଆମେ ସମାଗମ ଘଣ୍ଟି, ଶ୍ରେଣୀ ଘଣ୍ଟି ଏବଂ ବିରାମ ଘଣ୍ଟି ବିଷୟରେ ଶୁଣିଛୁ । କିନ୍ତୁ ଆନ୍ଧ୍ରପ୍ରଦେଶ ସରକାର ଏକ ସ୍ୱତନ୍ତ୍ର ଘଣ୍ଟି ପ୍ରଚଳନ କରିଛନ୍ତି । ଯାହା ଦିନରେ ତିନିଥର ବାଜେ । ତାହା ହେଉଛି **'ପାଣି ଘଣ୍ଟି'** । ଯାହା ଶିକ୍ଷାର୍ଥୀମାନଙ୍କୁ ଶରୀରର ଜଳଯୋଜନ ରକ୍ଷା କରି ସୁସ୍ଥ ରହିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରଖାଯାଇଛି ।



ଆମେ ସମସ୍ତେ ପାଣି ପିଇବା ପାଇଁ ବୋତଲ ବ୍ୟବହାର କରୁ ।


ଆମେ ପାଣି ବୋତଲ ବାରମ୍ବାର କାହିଁକି ସଫା କରୁ ? କାରଣ ବୋତଲରେ ରୋଗକାରକ ଜୀବାଣୁ ସୃଷ୍ଟି ହୋଇ ରୋଗ କରାଇ ପାରେ । ଯଦି ଆମେ ମଇଳା ବୋତଲ ବ୍ୟବହାର କରିବା ତେବେ ରୋଗରେ ପଡ଼ିବା । ତେଣୁ ପାଣି ବୋତଲକୁ ନିୟମିତ ଲୁଣ ପାଣିରେ ସଫା କରିବା ଉଚିତ ।

କାର୍ଯ୍ୟକଳାପ :

ବୋତଲ ସଫା କରିବା ପ୍ରଣାଳୀ ଅନୁଧ୍ୟାନ କରି ଏକ ବୋତଲକୁ ସଫା କର ।

ଏକ ପାଣି ବୋତଲ ନେଇ ଚିମୁଟାଏ ଲୁଣ ପକାଅ । କିଛି ଗରମ ପାଣି ଢାଳି ବ୍ରସ୍ ସାହାଯ୍ୟରେ ବୋତଲଟିକୁ ସଫା କର ।





ଜଳର ଅପଚୟ:



ତୁମ ଆଖପାଖରେ ଜଳ କିପରି ନଷ୍ଟ ହେଉଛି ? ଏହାକୁ ରୋକିବା ପାଇଁ ତୁମେ କିପରି ସାହାଯ୍ୟ କରିପାରିବ ?
ଜଳ ଅପଚୟ ବନ୍ଦ କରିବା ପାଇଁ କ'ଣ କରିବା ଉଚିତ ?

AP SCERT

ନିମ୍ନ ଚିତ୍ରଗୁଡ଼ିକୁ ଅନୁଧ୍ୟାନ କରିବା ।









ଚିନ୍ତାକର ଓ ଚର୍ଚ୍ଚାକର


ରମା ତାଙ୍କ ବିଦ୍ୟାଳୟର ଧୋଇବା ସ୍ଥାନରେ ଏକ ନଳରୁ ପାଣି ଅନାବଶ୍ୟକ ଭାବେ ବୋହୁଥିବା ଲକ୍ଷ୍ୟ କଲା । ରମା ତୁରନ୍ତ କେଉଁ ପଦକ୍ଷେପ ନେବା ଉଚିତ ଆଲୋଚନା କର ।

ଜଳ କିପରି ସଞ୍ଚୟ କରିପାରିବା ?



ସୁମାଙ୍କ ପରିବାର ଜଳ ସଞ୍ଚୟ ପାଇଁ କିଛି ପଦକ୍ଷେପ ନେଇଛନ୍ତି ।

- ପାଣି ପିଇବା ପାଇଁ ଛୋଟ ଗ୍ଲାସ୍ ବ୍ୟବହାର କରନ୍ତି ।
- ଫଳ, ପରିବା ଏକ ପାତ୍ରରେ ଧୁଅନ୍ତି । ଟ୍ୟାପ୍ ତଳେ ଧୋଇ ପାଣି ନଷ୍ଟ କରନ୍ତି ନାହିଁ ।
- ବାଲ୍‌ଟିରେ ପାଣି ଭରି ହୋଇ ତଳେ ପଡ଼ିଲା ଭଳି କରନ୍ତି ନାହିଁ ।
- ବ୍ରସ୍ କରିବା, ଲୁଗାପଟା ସଫା, ସ୍ନାନ କରିବା ପରେ ତୁରନ୍ତ ଟ୍ୟାପ୍ ବନ୍ଦ କରିଦିଅନ୍ତି ।
- ପାଇପ୍‌ଗୁଡ଼ିକ ଦେଇ ପାଣି ଗଲୁଛି କି ନାହିଁ ନିୟମିତ ଯାଞ୍ଚ କରନ୍ତି ।
- ଟାଙ୍କି ପୂର୍ଣ୍ଣ ହେବା କ୍ଷଣି ମୋଟର ସୁଇଚ୍ ବନ୍ଦ କରିଦିଅନ୍ତି ।
- ଜଳର ଅପଚୟ ରୋକିବା ପାଇଁ ସମସ୍ତଙ୍କୁ ସଚେତନ କରନ୍ତି ।
- ଜଳ ନଷ୍ଟ ନ କରିବା ପାଇଁ ସ୍ଲୋଗାନ୍ ଦିଅନ୍ତି ।
- ଜଳ ବାହାରକୁ ଉଛୁଳିବାକୁ ଦିଅନ୍ତି ନାହିଁ ।
- ପାତ୍ରରୁ ଜଳ ବାହାରକୁ ଉଛୁଳିବା ପୂର୍ବରୁ ହିଁ ଟ୍ୟାପ୍ ବନ୍ଦ କରିଦିଅନ୍ତି ।



APSCERT

ମୁଖ୍ୟ ଶବ୍ଦାବଳୀ

ଜଳଉତ୍ସ, ସୁରକ୍ଷିତ ଜଳ, ଜଳ ସେଚନ, ରକ୍ଷିତ ଜଳ, ଅଭାବ, ପାଣିଟ୍ୟାଙ୍କର୍, ମତ୍ସ୍ୟପାଳନ, କୃଷି ।

ଆମେ କ'ଣ ଶିଖିଲେ ?

- ଆମ ଦୈନନ୍ଦିନ ଜୀବନରେ ବିଭିନ୍ନ ଭାବରେ ଜଳ ବ୍ୟବହାର କରୁ ।
- ବର୍ଷା, ଜଳର ମୁଖ୍ୟ ଉତ୍ସ ଅଟେ ।
- ମହାସାଗର, ନଦୀ, ହ୍ରଦ, ଝରଣା, ପୋଖରୀ ଓ ଆଭ୍ରିଜିୟ କୂପ ଜଳର ପ୍ରାକୃତିକ ଉତ୍ସ ଅଟେ ।
- ପୋଖରୀ, କୂପ, ନଳକୂପ, ହସ୍ତପମ୍ପ ଏବଂ କେନାଲ ମାନବକୃତ ଜଳ ଉତ୍ସ ଅଟେ ।
- ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଜଳ ପ୍ରଦୂଷିତ ହୁଏ ।
- ଆମେ ବିଶୁଦ୍ଧ ଜଳ ପାନ କରିବା ଉଚିତ ।
- ଆମେ ଜଳ ଅପଚୟ କରିବା ଉଚିତ ନୁହେଁ ।

AP SCERT

ଶିକ୍ଷଣକୁ ଉନ୍ନତ କରିବା

1. ଆମକୁ ଜଳ କାହିଁକି ଆବଶ୍ୟକ ?
2. ଯେ କୌଣସି ଦୁଇଟି ଜଳ ଉତ୍ସର ନାମ କୁହ ।
3. ଘରେ ଜଳର ଏକ ବ୍ୟବହାର ଲେଖ ।
4. ଯେତେବେଳେ ଜଳ କମ୍ ଉପଲବ୍ଧ ହୁଏ, ସେତେବେଳେ କ'ଣ ଘଟେ ?
5. ଜଳକୁ ଏକ ମୂଲ୍ୟବାନ ସମ୍ପଦ ବୋଲି କୁହାଯାଏ କାହିଁକି ?
6. ହାତ ସଫାକରିବା ପରେ, ତୁମେ ତୁରନ୍ତ କ'ଣ କରିବା ଉଚିତ ? ( )

   A) ଅଣଦେଖା କରିବା
   B) ନଳ ବନ୍ଦ କରିବା
   C) ଜଣେ ବନ୍ଧୁକୁ ଡାକିବା
   D) ଚାଲି ଯିବା

7. ମାଟି ହାଣ୍ଡି, ଘର ଛାତ ଉପରେ ଥିବା ପାଣି ଟାଙ୍କି, କପଡ଼ା ଢ଼ାଙ୍କିଥିବା ମାଟି ହାଣ୍ଡି, ପ୍ଲାଷ୍ଟିକ୍ ହାଣ୍ଡିର ଛବି ତଳେ ଦିଆଯାଇଛି ।






ଘରେ ପିଇବା ପାଣିର ସଂରକ୍ଷଣ ପାଇଁ ବ୍ୟବହୃତ ପାତ୍ରଗୁଡ଼ିକୁ ଗୋଲ (◯) ଘୁଲାଅ ।

ପ୍ରାକୃତିକ ଭାବରେ ଜଳକୁ ଥଣ୍ଡା ରଖୁଥିବା ପାତ୍ରକୁ ଠିକ୍ ଚିହ୍ନ (✓) ଦିଅ ।

ଦୀର୍ଘଦିନ ଧରି ଜଳ ସଂରକ୍ଷଣ ପାଇଁ ଅନୁପଯୁକ୍ତ ପାତ୍ରକୁ ଭୁଲ ଚିହ୍ନ (×) ଦିଅ ।

ପାତ୍ରକୁ ତାହାର ବ୍ୟବହାର ସ୍ଥାନ ସହିତ ଯୋଡ଼ :

a) ମାଟି ହାଣ୍ଡି	1) ଛାତ
b) ଓଭର୍‌ହେଡ୍ ଟ୍ୟାଙ୍କ୍	2) ରୋଷେଇ ଘର

8. ନରେଶ ଦାନ୍ତ ଘଷିବା ସମୟରେ ନଳ ଖୋଲା ରଖିଦେଉଛି । ସେ ଠିକ୍ କାମ କରୁଛି କି ? ତୁମ ଉତ୍ତର ପାଇଁ ଗୋଟିଏ ଉଦାହରଣ ଦିଅ ।

9. ଜଳ ସଙ୍କଟ ବିଷୟରେ ସମସ୍ତେ କାହିଁକି ଚିନ୍ତିତ ହେବା ଉଚିତ ?

10. ପୂର୍ବକାଳର ଜଳ ଉତ୍ସଗୁଡ଼ିକ ବିଷୟରେ ଜାଣିବା ପାଇଁ ତୁମେ ତୁମ ପିତାମାତାଙ୍କୁ କେଉଁ ସବୁ ପ୍ରଶ୍ନ ପଚାରିବ ?

1.

2.

3.

AP SCERT



AP SCERT